RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

MONDAY
23 FEBRUARY 2026
ସୋମବାର
୨୩ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 278 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୭୮ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର





୨୩ ଫେବୃଆରୀ: ସେହେରୀ-୪.୫୭
ଇଫ୍ତାର୍-୫.୪୯
୨୪ ଫେବୃଆରୀ: ସେହେରୀ-୪.୫୭
ଇଫ୍ତାର୍-୫.୪୯



## 'ମନ୍ କୀ ବାତ୍' ଓଡ଼ିଆ ପୁଅ ହିରୋଦଙ୍କୁ ମୋଦୀଙ୍କ ପ୍ରଶଂସା

### ଚାଷୀ କେବଳ ଅନ୍ନଦାତା ନୁହନ୍ତି, ମାଟିର ପ୍ରକୃତ ସାଧକ



**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:**

ଓଡ଼ିଶାର ଯୁବ ଚାଷୀ ହିରୋଦ ପଟେଲଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ହିରୋଦଙ୍କ ଚାଷ ଶୈଳୀକୁ ମୋଦୀ ପ୍ରଶଂସା କରିଛନ୍ତି। ବାପା ଶିବଶଙ୍କର ପଟେଲଙ୍କଠାରୁ ପ୍ରେରଣା ପାଇ ହିରୋଦ ଚାଷ କରୁଛନ୍ତି। ଧାନ, କଦଳୀ, ମାଛ ଚାଷ କରି ବେଶ୍ ଲାଭବାନ୍ ହେଉଛନ୍ତି। ହିରୋଦଙ୍କ ଚାଷ ପ୍ରଣାଳୀ ଦେଖିବାକୁ ଅନେକ ଲୋକ ଆସୁଛନ୍ତି। ତେଣୁ ହିରୋଦଙ୍କଠାରୁ ଚାଷଶୈଳୀ ଶିକ୍ଷା ନେବାକୁ ପିଏମ୍ ମୋଦୀ ପରାମର୍ଶ ଦେଇଛନ୍ତି। ସୁନ୍ଦରଗଡ଼ ଟାଙ୍ଗରପାଲୀ ବ୍ଲକ ରତନପୁର ଗାଁରେ ହିରୋଦ ପଟେଲଙ୍କ ଘର। ଆଇଟିଆଇ ପାଠପଢ଼ା ପରେ ଚାଷ କରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ୮ ଏକର ଜମିରେ ମାଛ, ଫଳ, ପନିପରିବା ସହ ଫୁଲ ଭଳି ବିଭିନ୍ନ ପ୍ରକାର ଚାଷ କରୁଛନ୍ତି ହିରୋଦ। ଚାଷ କାମରୁ ମାସକୁ ଲକ୍ଷାଧିକ ଟଙ୍କା

▶▶ ୫

ଭୟଙ୍କର
ମର୍ମନ୍ତୁଦ
ଦୁଃଖଦ

### ଟ୍ରେଲର୍-ବୋଲେରୋ ମୁହାଁମୁହିଁ

# ୫ ପୁଲିସ୍ କର୍ମଚାରୀ ମୃତ

### ସିଏମ୍ଆର୍ଏଫ୍‌ରୁ ୫ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ








**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:**

ଭୟଙ୍କର, ମର୍ମନ୍ତୁଦ, ଦୁଃଖଦ। ମୁହୂର୍ତ୍ତକ ମଧ୍ୟରେ ଚୂନା ହେଲା ପାଞ୍ଚ ପାଞ୍ଚଟି ସୁନାର ସଂସାର। ଟ୍ରେଲର-ପୁଲିସ ବୋଲେରୋ ଭିତରେ ମୁହାଁମୁହିଁ ଧକ୍କା। ଦୁର୍ଘଟଣାରେ ୫ ପୁଲିସ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ଗୁରୁତର ହୋଇଛନ୍ତି ଆଉ ୩ ଜଣ। ଝାରସୁଗୁଡା ସଦର ଥାନା ସମ୍ମୁଖରେ ଆଜି ଭୋର୍‌ରେ ଏହି ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରେଲର ଓ ପୁଲିସ ବୋଲେରୋ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ ପୁଲିସ କର୍ମଚାରୀମାନେ ହେଉଛନ୍ତି କାଶୀରାମ ଭୋଇ, ନିରଞ୍ଜନ କୁଜୁର, ଦେବଦତ୍ତ ସା, ଲିଙ୍ଗରାଜ ଧୂରୁଆ, ଓ ଭକ୍ତବନ୍ଧୁ ମିର୍ଦ୍ଧା। ନିରଞ୍ଜନ କୁଜୁର ଡ୍ରିଲ୍ ସବ୍-ଇନ୍ସପେକ୍ଟର ଥିଲେ। ଲିଙ୍ଗରାଜ ଧୂରୁଆ ଏପିଆର ହାବିଲଦାର ଥିବା ବେଳେ ଦେବଦତ୍ତ ସା ଓ କାଶୀରାମ ଭୋଇ ଏପିଆର କନଷ୍ଟେବଳ ଥିଲେ। ସେହିପରି ମୃତ ଭକ୍ତବନ୍ଧୁ ମିର୍ଦ୍ଧା ହୋମ୍‌ଗାର୍ଡ ଥିଲେ। ଏପିଆର କନଷ୍ଟେବଳ ଯୁବରାଜ ମେହେର ଓ ଆକାଶ ନାଏକଙ୍କ ସହିତ ସରଜେଣ୍ଟ ରାଜୀବ ଭୋସାଗର ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଝାରସୁଗୁଡା ସଦର ଥାନା ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ଟ୍ରେଲର ସହ ପୋଲିସ ଗାଡ଼ିର ଧକ୍କା ହୋଇଥିଲା। ଟ୍ରେଲର ଚାଳକଙ୍କୁ ଅଟକ ରଖି ପୁଲିସ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି(ସିଏମ୍ଆର୍ଏଫ୍)ରୁ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକଂପା ରାଶି ପ୍ରଦାନ କରାଯିବ।

ପ୍ରକାଶ ଯେ ସମସ୍ତେ ଜଣେ ପୁଲିସ ସହକର୍ମୀଙ୍କ ବିବାହ ଭୋଜିରେ ଯୋଗଦେଇ

▶▶ ୫

# ଦୁଇ ଜୀବନ ନେଲା ଦନ୍ତା

**ବ୍ରହ୍ମପୁର,ସାନଖେମୁଣ୍ଡି,୨୨।୨/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଜଲମେରିପଲ୍ଲୀରେ ୨ ଜଣଙ୍କୁ ଦଳିଦେଲା ଦନ୍ତା। ଦନ୍ତାଆକ୍ରମଣରେ ଗ୍ରାମର ସୀମାଞ୍ଚଳ ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ(୪୯) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ(୬୦) ପ୍ରାଣ ହରାଇଛନ୍ତି। ରବିବାର ଭୋର ପ୍ରାୟ ୬ ଟାରେ ଏହି ଘଟଣା ଘଟିଛି। ଉଭୟେ ଗାଁ ନିକଟ ପରିବା ବଗିଚାରେ କାମ କରୁଥିବା ବେଳେ ନିକଟସ୍ଥ ଘୋଡ଼ାହାଡ଼ ନଦୀ ପଠାରୁ ହାତୀଟି ବାଡ଼ ଭିତରକୁ ଆସି ଉଭୟଙ୍କୁ ଗୋଡ଼ାଇ ଥିଲା। ପ୍ରାଣ ଭୟରେ ଉଭୟେ ଦୌଡୁଥିବା ବେଳେ ଜମିହିଡ ରାସ୍ତାରେ ଝୁଣ୍ଟି ତଳେ ପଡ଼ିଯାଇଥିଲେ। ଆଖପାଖରେ ଥିବା ଲୋକେ ପାଟି କରୁଥିଲେ ମଧ୍ୟ ପ୍ରଥମେ ହାତୀଟି ଉର୍ମିଳାଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ଗୋପୀନାଥଙ୍କୁ ଗୋଡ଼ାଇ ହାତୀ ତାର ଶୁଣ୍ଢରେ ଦୁଇଥର କିଛି ଦୂରକୁ ଫୋପାଡି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା ବୋଲି କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ କୁମାର ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ଏତଲା ପରେ ଦିଗପହଣ୍ଡି ପୁଲିସ ୭/୨୬ ଏବଂ ୮/୨୬ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅପରପକ୍ଷେ ମୃତ୍ୟୁ ପରେ ମଧ ଅମର ହୋଇଯାଇଛନ୍ତି ଉର୍ମିଳା। ଦିଗପହଣ୍ଡି ପୁଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। ତାଙ୍କ ଚକ୍ଷୁ ୨ଟିକୁ ପରିବାର ଲୋକେ ସ୍ୱେଚ୍ଛାକୃତ ଭାବେ ଦାନ କରିବାକୁ ଚାହିଁଥିଲେ। ବ୍ୟବଚ୍ଛେଦ ପୂର୍ବରୁ ପରିବାର ଲୋକଙ୍କ ସହମତିରେ ବଡ଼ ଡାକ୍ତରଖାନା ଚକ୍ଷୁ ବିଭାଗ ଡାକ୍ତରୀ ଟିମ୍ ତାଙ୍କ ଦୁଇଟି

**ବଗିଚାରେ କାମ କରୁଥିବା ବେଳେ ଦଳିଦେଲା**

**ଚକ୍ଷୁ ଦାନ କରି ଅମର ହୋଇଗଲେ ଉର୍ମିଳା**

ଚକ୍ଷୁକୁ ସଂଗ୍ରହ କରିଥିଲେ। ଖବରପାଇ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର, ତହସିଲଦାର ସନ୍ତୋଷ କୁମାର ସାହୁ, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ଏମ୍.ସନ୍ତୋଷ, ଗଜପତି ଜିଲା ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟର ଅତିରିକ୍ତ ବନସଂରକ୍ଷକ ଅରୁଣ କୁମାର ସାହୁ, ଚନ୍ଦ୍ରଗିରି ରେଞ୍ଜର ରୂପକ କୁମାର ପ୍ରଧାନ, ଥାନା ଏସ୍.ଆଇ ରାଜକିଶୋର ପାତ୍ର ସଦଳବଳ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଉଭୟ ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ

▶▶ ୫

## ୨ ମାଓବାଦୀ ସଫା

### ଏକେ-୪୭, ଏସ୍ଏଲ୍ଆର୍ ଜବତ

**କନ୍ଧମାଳ,ରାଇକିଆ,୨୨।୨/ଏନ୍ଏନ୍ଏସ୍:**

ରାଇକିଆ ଥାନା ଅନ୍ତର୍ଗତ କରଡା ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ମାଓବାଦୀ ସଫା। ଜଣେ ଏରିଆ କମିଟି ମେମ୍ବର ଓ ଆଉ ଜଣେ ପାର୍ଟି ମେମ୍ବର ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା କ୍ୟାଡର ଅଛନ୍ତି। ମୃତକମାନଙ୍କ ମଧ୍ୟରୁ ଜଣେ ଜାଗେସ ଓ ଅନ୍ୟ ଜଣେ ରତ୍ନା ବୋଲି ଚିହ୍ନଟ କରାଯାଇଛି। ଜାଗେସ କେକେବିଏନ୍ ସଙ୍ଗଠନର ଏରିଆ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିବା ବେଳେ ରତ୍ନା ପାର୍ଟି ମେମ୍ବର ଥିଲେ। ସେମାନଙ୍କ ନିକଟରୁ ଏକ ଏକେ-୪୭ ଓ ଏକ ଏସ୍ଏଲ୍ଆର ବନ୍ଧୁକ ଜବତ କରାଯାଇଛି। ଏହି ଅପରେସେନରେ ଏକାଧିକ ମାଓବାଦୀଙ୍କ ଶରୀରରେ ଗୁଳି ବାଜିଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଜଙ୍ଗଲରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଥିବା କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି।

କରଡ଼ା ସଂରକ୍ଷିତ ଜଙ୍ଗଲ ନିତିବାଡ଼ି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଏହି ଗୁଳି ବିନିମୟ ହୋଇଛି। ନକ୍ସଲଙ୍କ କେକେବିଏନ୍ ଡିଭିଜନର ଅଷ୍ଟମ ବାଟାଲିଆନର ଏକ କ୍ୟାମ୍ପ

▶▶ ୫

### ସକ୍ରିୟ ଲଘୁଚାପ କ୍ଷେତ୍ର

# ଆଜି ୮ ଜିଲ୍ଲାରେ ବର୍ଷା !

**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:**



ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର। ଏହାର ପ୍ରଭାବରେ ଓଡ଼ିଶାର କିଛି ଜିଲ୍ଲାରେ ଆସନ୍ତାକାଲିଠାରୁ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ସୁଦୃଶ ଲଘୁଚାପ କ୍ଷେତ୍ରଟି ସମୁଦ୍ର ପତନରୁ ପ୍ରାୟ ୫.୮ କି.ମି. ପର୍ଯ୍ୟନ୍ତ ବିସ୍ତାରିତ ଅଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଏହା ଆସନ୍ତା ୪୮ ଘଣ୍ଟାରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଆହୁରି ସକ୍ରିୟ ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ଅର୍ଥାତ ସୋମବାର ୮ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ସେହିପରି ୨୪ ତାରିଖରେ ଯାଜପୁର, କଟକ ଓ ମୟୂରଭଞ୍ଜରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଓ ଝଟକା ପବନର ସମ୍ଭାବନା ରହିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୫.୫ ଡିଗ୍ରୀ ସେଲିସିୟସ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ୩୫.୪ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ସେଲିସିୟସ ରେକର୍ଡ କରାଯାଇଛି। ବର୍ତ୍ତମାନ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପାଗ ଶୁଖିଲା ରହୁଥିବା ବେଳେ ରାତ୍ରି ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ।

# କାର୍-ବାଇକ୍ ଧକ୍କା, ୨ ଯୁବକ ମୃତ

**କେନ୍ଦୁଝର,୨୨।୨/ଏନ୍ଏନ୍ଏସ୍:**




କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଗୋଲବନ୍ଧ ଗ୍ରାମ ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ତେଲକୋଇ ଥାନା ସିରିଗିଡ଼ା ଗ୍ରାମର ମହେଶ୍ୱର ନାୟକ(୩୪) ଓ ପଡ଼ୋଶୀ ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ଥାନା ତୁରୁଡ଼ା ନାଳି ଗ୍ରାମର ଜିତୁ ନାୟକ (୨୪)। ଅନ୍ୟପକ୍ଷରେ କାର୍ ଚାଳକ ଦେବଗଡ଼ କଲା ଗ୍ରାମର ଶୁଭାଶିଷ ଦଳ ବେହେରା ଆହତ ହୋଇଛନ୍ତି। ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂଚନାନୁଯାୟୀ ଶୁଭାଶିଷ କାର୍ ଯୋଗେ ତେଲକୋଇ ଅଭିମୁଖେ ଆସୁଥିବା ବେଳେ ବାଇକ୍ ଯୋଗେ ମହେଶ୍ୱର ଓ ଜିତୁ ତେଲକୋଇ ପଟୁ ଜଗମୋହନପୁୀ ଗ୍ରାମ ଆଡ଼କୁ ଯାଉଥିଲେ।

▶▶ ୫

## ୨୬ରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍

**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:**

ଆସନ୍ତା ୨୬ ତାରିଖରେ ଓଡିଶା ଗସ୍ତରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍। ଫେବୃଆରୀ ୨୬ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ, ସେମାନଙ୍କର ୪ ଦିନିଆ ଓଡିଶା ଗସ୍ତ ରହିଛି। ଏଥିରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ସହ ୧୦ ଜଣିଆ ଟିମ୍ ରେ ଓଡ଼ିଶାକୁ ଆସିବେ। ଏହି ୪ ଦିନିଆ ଗସ୍ତ ସମୟରେ ସମ୍ବଲପୁର ଓ ଝାରସୁଗୁଡା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ନେଇ ସୂଚନା ମିଳିଛି। ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ମହାନଦୀ ଜଳ ବିବାଦ ଶୁଣାଣି ଘୁଞ୍ଚିଛି। ଟ୍ରିବ୍ୟୁନାଲ ସ୍ପଟ୍ ଭିଜିଟ୍ କରି ସାରିବା ପରେ ମାର୍ଚ୍ଚ ୧୪ ତାରିଖରେ ଶୁଣାଣି ହେବ।

### 'ଆମ ଗୌରବ ଆମ କଲେଜ' ଯୋଜନା

## ୧୨ ଉଚ୍ଚଶିକ୍ଷାନୁଷ୍ଠାନ ପାଇଁ ୧.୭୩ କୋଟି ମଞ୍ଜୁର

**ଭୁବନେଶ୍ୱର,୨୨।୨ /ଏନ୍ଏନ୍ଏସ୍:**

'ଆମ ଗୌରବ ଆମ କଲେଜ' ଯୋଜନା ଅଧୀନରେ ରାଜ୍ୟରେ ଗୋଟିଏ ବିଶ୍ୱବିଦ୍ୟାଳୟ ଏବଂ ୧୧ଟି ମହାବିଦ୍ୟାଳୟର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକ, ଆଗଲପୁର ପଞ୍ଚାୟତ ସମିତି (ଡିଗ୍ରୀ) ମହାବିଦ୍ୟାଳୟ, ରୋଥ, ବଲାଙ୍ଗୀର, ବିଜେପୁର (ଡିଗ୍ରୀ) ମହାବିଦ୍ୟାଳୟ, ବରଗଡ଼, ସାଲେପୁର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, କଟକ, ବିରେନ ମିତ୍ର ମେମୋରିଆଲ ମହିଳା (ଡିଗ୍ରୀ) ମହାବିଦ୍ୟାଳୟ,କଟକ, ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, କାଲା, ଦେଓଗଡ଼, ହିନ୍ଦୋଳ (ଡିଗ୍ରୀ) ମହାବିଦ୍ୟାଳୟ, ଢେଙ୍କାନାଳ, ମହିମା ଡିଗ୍ରୀ ମହାବିଦ୍ୟାଳୟ, ଝାରସୁଗୁଡ଼ା, ବେଲଗୁଣ୍ଠା ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ, ଗଞ୍ଜାମ, ନାକଟିଦେଉଳ ଡିଗ୍ରୀ ମହାବିଦ୍ୟାଳୟ, ସମ୍ବଲପୁର, ସରକାରୀ (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ ଏବଂ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟ, ସୁନ୍ଦରଗଡ଼ ଆଦିର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ।ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ଶୈକ୍ଷିକ ପ୍ରକଳ୍ପର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ସହ ପାଠାଗାର, ଲାବ୍ରୋଟୋରୀ, କ୍ରୀଡ଼ା ଓ ଆକାଡ଼େମିକ କମ୍ପ୍ଲେକ୍ସ ନିର୍ମାଣ, ୱାଇଫାଇ ସୁବିଧା ଉପଲବ୍ଧ କରାଇବା, ସିସିଟିଭି କ୍ୟାମେରା ଲଗାଇବା ଆଦି କାର୍ଯ୍ୟରେ ଏହି ଅର୍ଥକୁ ଖର୍ଚ୍ଚ କରାଯିବ।

### ନମୋ ଭାରତ ରାପିଡ୍ ରେଳ, ଦିଲ୍ଲୀ-ମିରଟ ନମୋ ଭାରତ କରିଡର୍ ଉଦ୍‌ଘାଟିତ

# 'ବିକଶିତ ଭାରତ' ଲକ୍ଷ୍ୟକୁ ଗତିଶୀଳ କରିବ: ମୋଦୀ

**ନୂଆଦିଲ୍ଲୀ,୨୨।୨/ଏଜେନ୍ସି:**





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ମିରଟରେ ନମୋ ଭାରତ ରାପିଡ୍ ରେଳ ଏବଂ ମିରଟ ମେଟ୍ରୋ ମାର୍ଗକୁ ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପ 'ବିକଶିତ ଉତ୍ତର ପ୍ରଦେଶ' ଏବଂ ' ବିକଶିତ ଭାରତ' ଲକ୍ଷ୍ୟକୁ ଗତିଶୀଳ କରିବ ବୋଲି ସେ କହିଛନ୍ତି। ଭାରତରେ ପ୍ରଥମ ଥର ପାଇଁ ଗୋଟିଏ ପ୍ଲାଟଫର୍ମରୁ ଗୋଟିଏ ଦିନରେ ଗୋଟିଏ ରାପିଡ୍ ରେଳ ଏବଂ ମେଟ୍ରୋ ସେବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଏକ ବିକଶିତ ଭାରତରେ ଯୋଗାଯୋଗ ବ୍ୟବସ୍ଥା କିପରି ଦେଖାଯିବ ତାହାର ଏକ ଚମତ୍କାର ଝଲକ ପ୍ରଦାନ କରେ। ଏହି ସମନ୍ୱିତ ବ୍ୟବସ୍ଥାରେ ମେଟ୍ରୋ ମାଧ୍ୟମରେ ସହର ଭିତରେ ଯାତ୍ରା ଏବଂ 'ଟ୍ୱିନ୍ ସିଟି' ପରିବହନ ଲାଗି ନମୋ ଭାରତ ଟ୍ରେନ ବ୍ୟବସ୍ଥା ରହିଛି। ଡବଲ୍-ଇଞ୍ଜିନ୍ ସରକାରଙ୍କ କାର୍ଯ୍ୟ ସଂସ୍କୃତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରକଳ୍ପଗୁଡ଼ିକ ଆଉ ଅଧାରୁ ଝୁଲି ରହୁନାହିଁ। ତାଙ୍କ ସରକାର ଏହି ସେବାଗୁଡ଼ିକର ଭିତ୍ତିପ୍ରସ୍ତର ଏବଂ ଉଦଘାଟନ ଉଭୟକୁ ଆଗକୁ ବଢ଼ାଇ ଶିଳାନ୍ୟାସ କରିଥିବା କାର୍ଯ୍ୟକୁ ସାରିବା ଉପରେ ଗୁରୁତ୍ୱ ଦେଇଥିବା ପ୍ରମାଣିତ କରିଛି।

ତାଙ୍କ ଗସ୍ତ ସମୟରେ,ପ୍ରଧାନମନ୍ତ୍ରୀ ମିରଟ ମେଟ୍ରୋରେ ଯାତ୍ରା କରିଥିଲେ। ସେ ଛାତ୍ରଛାତ୍ରୀ ଏବଂ ଯାତ୍ରୀମାନଙ୍କ ସହିତ ଭାବ ବିନିମୟ କରିଥିଲେ। ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପକୁ 'ନାରୀ-ଶକ୍ତି'ର ପ୍ରତୀକ ଭାବରେ ପ୍ରଶଂସା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଅଧିକାଂଶ ଟ୍ରେନ ଅପରେଟର ଏବଂ ଷ୍ଟେସନ ନିୟନ୍ତ୍ରଣ କର୍ମଚାରୀ ମହିଳା। ଦେଶର ପ୍ରଥମ ନମୋ ଭାରତ ରାପିଡ୍ ରେଳ ସେବା ପାଇଁ ସେ ଉତ୍ତର ପ୍ରଦେଶର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ମିରଟ ସହିତ ତାଙ୍କର ବିଶେଷ ସମ୍ପର୍କକୁ

▶▶ ୫

**ଦେଶରେ ପ୍ରଥମ ଥର ପାଇଁ ନମୋ ଭାରତ, ମେଟ୍ରୋ ଟ୍ରେନ୍ ସମାନ ଷ୍ଟେସନ୍ ଏବଂ ସମାନ ଟ୍ରାକ୍‌ରେ ଚାଲିବ**

**ସମାନ ପ୍ଲାଟ୍‌ଫର୍ମରୁ, ଜଣେ ସହର ଭିତରେ ଯାତ୍ରା କରିପାରିବେ**

**ସେହି ଷ୍ଟେସନ୍‌ରୁ ଜଣେ ସିଧାସଳଖ ଦିଲ୍ଲୀକୁ ଯିବା ଆସିବା ମଧ୍ୟ କରିପାରିବେ**

## ମିଡିଆ ମ୍ୟାନେଜମେଣ୍ଟ ପାଇଁ ଗୌର ମହାପାତ୍ର ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗତ ୨୧ ତାରିଖ ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର୍ ଷ୍ଟେଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀ ମହାପାତ୍ର ଫେଡେରେସନ୍‌ର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଜ କାର୍ଯ୍ୟକାଳ ମଧ୍ୟରେ ମିଡିଆ ମ୍ୟାନେଜମେଣ୍ଟ କରି ସମସ୍ତ ସାମ୍ବାଦିକ ଓ ଅଧିକାରୀମାନଙ୍କ ପ୍ରିୟପାତ୍ର ହୋଇଥିଲେ।

### ଷ୍ଟେଟ୍ ହେଲ୍‌ଥ୍ ଆସ୍ୟୁରାନ୍ସ ସୋସାଇଟିରେ ଦୁର୍ନୀତି ଅଭିଯୋଗ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ସାମାଜିକ କର୍ମୀ

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ରାଜ୍ୟରୁ ଦୁର୍ନୀତି ମୂଳପୋଛ କରିବା ପାଇଁ ବର୍ତ୍ତମାନର ସରକାର ଓ ମୁଖ୍ୟମନ୍ତ୍ରୀ 'ଆକ୍ସନ ମୋଡ୍'ରେ କାର୍ଯ୍ୟ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଷ୍ଟେଟ୍ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପୂର୍ବ ସରକାରଙ୍କ ଅମଳରୁ ଜଣେ ଓଏଏସ୍ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗରେ ଦୀର୍ଘ ଦିନ ଧରି ରହି ମନମୁଖୀ କାର୍ଯ୍ୟ କରୁଥିବା ବେଳେ ତାଙ୍କର ବଦଳି ପରେ ମଧ୍ୟ ତାଙ୍କ ଅନୁଗତ କର୍ମଚାରୀମାନେ ଏବେ ବି ସେଠାରେ ଦୁର୍ନୀତି ଚଳାଇଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଅଭାବ, ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ଏବଂ ଘରୋଇ ମେଡିକାଲଗୁଡ଼ିକୁ ଏମ୍‌ପ୍ୟାନେଲ କରିବା ବ୍ୟବସ୍ଥାରେ ବହୁ ଅନିୟମିତତା ହେଉଥିବା ସୂଚନା ମିଳିଛି। ସନ୍ଦେହଜନକ ପ୍ରାର୍ଥୀଙ୍କ ମୋବାଇଲ୍ କଲ୍ ଲିଷ୍ଟ ଯାଞ୍ଚ କଲେ ଦୁର୍ନୀତିର ପକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଅଭିଯୋଗକାରୀମାନେ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ମତାମତ ନେବା ଲାଗି ବିଭାଗୀୟ ସଚିବ ଏସ୍ ଅଶ୍ୱଥୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇପାରି ନଥିଲା।

ଜଣେ ସାମାଜିକ କର୍ମୀଙ୍କ ସୂଚନା ଅନୁସାରେ ଖୁବ୍ ଶୀଘ୍ର ଏହି ଦୁର୍ନୀତି ଓ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବା ଅଧିକାରୀଙ୍କ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରାଯିବ। ଏଥିସହ ସମ୍ପୃକ୍ତ ବିଭାଗ ବିରୋଧରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ସେ କହିଛନ୍ତି। ଦୁର୍ନୀତିର ଗନ୍ତାଘର ସାଜିଥିବା ଏହି କାର୍ଯ୍ୟାଳୟ ଉପରେ ଖୋଦ୍ ମୁଖ୍ୟମନ୍ତ୍ରୀ ନଜର ଦେବାକୁ ସବୁ ସ୍ତରରେ ଦାବି ହେଉଛି।

## ୨୫ରୁ ମଧୁବାବୁଙ୍କ ଜନ୍ମପୀଠରୁ 'ଲୋକ ଅଧିକାର ଯାତ୍ରା' ଆରମ୍ଭ

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ରାଜ୍ୟର ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ବିକଳ୍ପ ବିକାଶର ବାର୍ତ୍ତା ନେଇ ଆସନ୍ତା ୨୫ ତାରିଖରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରୁ 'ଲୋକ ଅଧିକାର ଯାତ୍ରା' ଆରମ୍ଭ ହେବ। ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ଓ ସେଣ୍ଟର ଫର୍ କ୍ଲାଇମେଟ ଜଷ୍ଟିସ ପକ୍ଷରୁ ଆୟୋଜିତ ଏହି ଯାତ୍ରା ସମ୍ପର୍କରେ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଗାନ୍ଧୀବାଦୀ ନେତା ଡଃ ବିଶ୍ୱଜିତ୍ ସୂଚନା ଦେଇଛନ୍ତି। ପ୍ରାକୃତିକ ସମ୍ପଦର ଶୋଷଣ ଓ ଜୀବିକା ହରାଇବା ଭଳି ସମସ୍ୟା ବିରୋଧରେ ଜନ ଜାଗରଣ ସୃଷ୍ଟି କରିବା ଏହି ଯାତ୍ରାର ମୂଳ ଲକ୍ଷ୍ୟ। ଏହି ଯାତ୍ରା ୨୨ ମାର୍ଚ୍ଚରେ ଉଦ୍‌ଯାପିତ ହେବା ପରେ ୨୯ ମାର୍ଚ୍ଚ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସରେ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ। ଏଥିରେ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ କୃଷକ ନେତା ଲିଙ୍ଗରାଜ, ଗାନ୍ଧୀବାଦୀ ନେତା ଡଃ ବିଶ୍ୱଜିତ୍, ଜନ ଆନ୍ଦୋଳନ ନେତା ନରେନ୍ଦ୍ର ମହାନ୍ତି ଓ ଆଦିବାସୀ ନେତା ଲିଙ୍ଗରାଜ ଆଜାଦଙ୍କ ସମେତ ବହୁ ମାନବାଧିକାର କର୍ମୀ, ଗବେଷକ ଓ ସାମାଜିକ କର୍ମୀ ଅଂଶଗ୍ରହଣ କରିବେ। ଜଳ, ଜମି, ଜଙ୍ଗଲ ଓ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ଆୟୋଜିତ ଏହି ଅଭିଯାନରେ ସହଯୋଗ କରିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରାଯାଇଛି।



### ବେଦାନ୍ତର 'ଜ୍ଞାନ ଜ୍ୟୋତି' ଅଭିଯାନ

# ରାୟଗଡ଼ା ଓ କଳାହାଣ୍ଡିର ସରକାରୀ ସ୍କୁଲ୍‌ରେ ଡିଜିଟାଲ୍ ଶିକ୍ଷାଦାନ

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ବେଦାନ୍ତର ଜ୍ଞାନ ଜ୍ୟୋତି ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ୬ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ୬୦୦ ପିଲାଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଶିକ୍ଷଣ ପରିବେଶକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ ଶିକ୍ଷାନୁଷ୍ଠାନଗୁଡ଼ିକୁ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥା ସହିତ ସଜ୍ଜିତ କରିଛି ଯେଉଁଥିରେ ଆଣ୍ଡ୍ରଏଡ୍-ଆଧାରିତ ସ୍ମାର୍ଟ ଶ୍ରେଣୀଗୃହ, ପ୍ରୋଜେକ୍ଟର୍, 'ଷ୍ଟେମ' ଶିକ୍ଷା କିଟ୍, ମଡେଲ୍, ଲାଇବ୍ରେରୀ ଆଦି ରହିଛି। ଏଗୁଡ଼ିକ ସୌର ଶକ୍ତି ଦ୍ୱାରା ପରିଚାଳିତ ଯାହା ଗ୍ରାମାଞ୍ଚଳରେ ବିଦ୍ୟୁତ ନରହିଲେ ମଧ୍ୟ ନିରବଚ୍ଛିନ୍ନ ଭାବେ ଡିଜିଟାଲ ଶିକ୍ଷା ସୁନିଶ୍ଚିତ କରିପାରିବ।



ଏହି ପଦକ୍ଷେପ ଦ୍ୱାରା 'ଷ୍ଟେମ' ଶିକ୍ଷଣ ସୁଯୋଗ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ବହୁଳ ଯୋଗଦାନ ସହିତ ଶ୍ରେଣୀଗୃହ ପରିବେଶରେ ଉନ୍ନତି ଘଟିଛି। ଏହା ମଧ୍ୟ ଶିକ୍ଷକମାନଙ୍କୁ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥା ସହିତ ସଜ୍ଜିତ କରିଛି ଯାହା ଶ୍ରେଣୀଗୃହରେ ଶିକ୍ଷାଦାନକୁ ଆହୁରି ଉନ୍ନତ କରିଛି। ଡିଜିଟାଲ୍ ଶିକ୍ଷା ବୃଦ୍ଧି ବ୍ୟତୀତ ବେଦାନ୍ତ ଆଲୁମିନିୟମ୍ ଏହି ଅଞ୍ଚଳର ୧୨ଟି ସରକାରୀ ବିଦ୍ୟାଳୟରେ ଭିତ୍ତିଭୂମି ସହାୟତା ପାଇଁ ସହଯୋଗର ହାତ ବଢ଼ାଇଛି ଯାହା ଶ୍ରେଣୀଗୃହ କାର୍ଯ୍ୟକାରିତା ଏବଂ ଛାତ୍ରଛାତ୍ରୀମାନଙ୍କ ଆରାମ ଦାୟକ ପାଠପଢ଼ାରେ ଉନ୍ନତି ଆଣିଛି। ଏହା ଦ୍ୱାରା ୧୩୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଏହି ପଦକ୍ଷେପରେ ଅତ୍ୟାବଶ୍ୟକ ଶ୍ରେଣୀଗୃହ, ଆସବାବପତ୍ରର ବ୍ୟବସ୍ଥା, ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସାମଗ୍ରିକ ଶିକ୍ଷଣ ପରିବେଶକୁ ବୃଦ୍ଧି କରିବା ଆଦି ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଡିଜିଟାଲ ଶିକ୍ଷା ହେଉଛି ଆମ ସମୟର ସବୁଠାରୁ ଶକ୍ତିଶାଳୀ ଶିକ୍ଷାଦାନ ବ୍ୟବସ୍ଥା ଏବଂ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଯେପରି ଏ କ୍ଷେତ୍ରରେ ପଛରେ ନ ରୁହନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଡିଜିଟାଲ ଶ୍ରେଣୀଗୃହଗୁଡ଼ିକୁ ସୁଦୃଢ଼ ସହିତ 'ଷ୍ଟେମ' ଶିକ୍ଷାକୁ ସକ୍ଷମ କରି, ଆମେ ଭବିଷ୍ୟତରେ ପ୍ରସ୍ତୁତ ପ୍ରତିଭାମାନଙ୍କୁ ଆତ୍ମବିଶ୍ୱାସର ସହ ବିକଶିତ କରିବା ଏବଂ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ। ପ୍ରଧାନଶିକ୍ଷକ ଗୌରମଣି ହରିଜନ କହିଛନ୍ତି ଯେ ଡିଜିଟାଲ ଶ୍ରେଣୀଗୃହ ଉପକରଣ ଏବଂ ଷ୍ଟେମ ସମ୍ବଳର ପ୍ରବର୍ତ୍ତନ ଆମ ଛାତ୍ରମାନଙ୍କ ପାଇଁ ଏକ ଅଧିକ ଆକର୍ଷଣୀୟ ଏବଂ ଶୈକ୍ଷିକ ପରିବେଶ ସୃଷ୍ଟି କରିଛି।

## 'ମାତୃଭାଷାରେ ବିଜ୍ଞାନ ଶିକ୍ଷା: ସମସ୍ୟା ଓ ସମ୍ଭାବନା' ଆଲୋଚନାଚକ୍ର

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଝୁମୁକା ଫାଉଣ୍ଡେସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ 'ମାତୃଭାଷାରେ ବିଜ୍ଞାନ ଶିକ୍ଷା: ସମସ୍ୟା ଓ ସମ୍ଭାବନା' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରେଡ଼କ୍ରସ ଭବନରେ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ତଥା ବିଶିଷ୍ଟ ଗାଳ୍ପିକ ଦେବ ପ୍ରସାଦ ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆମ ମାତୃଭାଷା ସକଳ ଜ୍ଞାନବିଜ୍ଞାନର ଉତ୍ସ ଭାବେ ମାନ୍ୟତା ଲାଭ କରିଥିବାରୁ ତାହା ପାଠପଢ଼ାର ମାଧ୍ୟମ ହେବା ଉଚିତ୍। ପ୍ରବୀଣ ବିଜ୍ଞାନ ସାହିତ୍ୟ ଲେଖକ ପ୍ରଫେସର ରମେଶ ଚନ୍ଦ୍ର ପରିଡା ଭିତ୍ତି ଭାଷଣ ଦେଇ ବିଜ୍ଞାନ ବିଷୟକ ପାଠ୍ୟକ୍ରମ ଉପଯୁକ୍ତ ଭାବେ ଉଚ୍ଚ ମାଧ୍ୟମିକ ଯାଏ ମାତୃଭାଷା ଓ ବିଶ୍ୱବିଦ୍ୟାଳୟସ୍ତରରେ ଇଂରାଜୀରେ ଶିକ୍ଷାଦାନ କରିବା ବିଚାରଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରାବନ୍ଧିକ ଓ ସ୍ତମ୍ଭକାର ଡ. ଚିତ୍ତରଞ୍ଜନ ମିଶ୍ର କହିଥିଲେ ଯେ ବିଜ୍ଞାନ ହେଉ ବା ଯେ କୌଣସି ପାଠ୍ୟକ୍ରମ ମାତୃଭାଷାରେ ହିଁ ଶିକ୍ଷାଦାନ ଉଚିତ। ଯାହା ବିଦ୍ୟାର୍ଥୀର ମନ ଓ ହୃଦୟକୁ ଛୁଇଁଥାଏ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତନ ଶିକ୍ଷା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ କହିଲେ ଯେ ମାତୃଭାଷାରେ ବିଜ୍ଞାନ ଶିକ୍ଷା ସଂକ୍ରାନ୍ତରେ ସରକାରୀ ଓ ବେସରକାରୀ ସ୍ତରରେ ପର୍ଯ୍ୟାପ୍ତ ବିଚାର ଆଲୋଚନା କରାଯାଇ ସଠିକ ନିଷ୍ପତ୍ତି ନିଆଯିବା ଜରୁରି। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ଓ 'ଝୁମୁକା'ର ସମ୍ପାଦକ ମାନସରଞ୍ଜନ ସାମଲ ସ୍ୱାଗତ ସୂଚନା ଦେଇ ବିଦ୍ୟାର୍ଥୀର ବୌଦ୍ଧିକ ବିକାଶରେ ମାତୃଭାଷା ମାଧ୍ୟମ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ଶେଷରେ ସାହିତ୍ୟିକା କମଳିନୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଜାତା ଦାସ ଧନ୍ୟବାଦ୍ ଦେଇଥିଲେ।



## ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ 'ଗୁରୁକୃପା ସମ୍ମାନ'



**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ଗୁରୁକୃପା ଚାରିଟେବୁଲ ସୋସାଇଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ମହନ୍ତ ଚିନ୍ତାମଣି ପର୍ବତ ମହାରାଜଙ୍କ ପୌରୋହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ସଂସ୍କୃତି ପୁରୁଷ ତଥା ବେଦଜ୍ଞ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇ ପ୍ରଥମ 'ଗୁରୁକୃପା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରୀଜଗନ୍ନାଥଙ୍କ ବରିଷ୍ଠ ସେବକ ସାମନ୍ତ ସୁଦର୍ଶନ ପୂଜାପଣ୍ଡା କହିଲେ ଯେ, ବାବା ସତ୍ୟାନନ୍ଦ ନିଜ ଗୁରୁ ବାବା ବୈକୁଣ୍ଠନାଥଙ୍କ ଆଦର୍ଶକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଛନ୍ତି। ମୁଖ୍ୟ ଅତିଥି ପ୍ରଜ୍ଞା ମିଶନ୍‌ର ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ମଣିଷର ଅହଙ୍କାର ତ୍ୟାଗ ଓ ସମାଜ ପ୍ରତି ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ମାତାମଠ, ପୁରୀର ମହନ୍ତ ସୁବଳ ଦାସ ମହାରାଜ, ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ଶ୍ରୀଜଗନ୍ନାଥ ଗବେଷକ ଡଃ ଭାସ୍କର ମିଶ୍ରଙ୍କ ଦ୍ୱାରା ସ୍ମରଣିକା 'ଗୁରୁକୃପା' ଉନ୍ମୋଚିତ ହୋଇଥିଲା। ସୋସାଇଟିର ସମ୍ପାଦକ ଇଂ ବିଷ୍ଣୁ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନଜୀବୀ ବୀର ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ଗିରିଶ ଦାସ, ଡଃ ଅଜୟ ନାୟକ, ମା' ଶାରଳାଙ୍କ ଅଙ୍ଗଲାଗି ସେବକ ରମାକାନ୍ତ ରାଉଳ, ବିଶ୍ୱନାଥ ରାଉଳ, ମା' ମଙ୍ଗଳାଙ୍କ ଅଙ୍ଗଲାଗି ସେବକ ପଣ୍ଡିତ ସୁଦାମ ଚରଣ ଦୀକ୍ଷିତ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ ଓ ପ୍ରଶାନ୍ତ ମୁଦୁଲି ପ୍ରମୁଖ ବାବାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅଭିନନ୍ଦନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏହି ଉପଲକ୍ଷେ ଭକ୍ତମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ଓ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ଶେଷରେ ବାବା ସତ୍ୟାନନ୍ଦ ଦାସ ମହାରାଜ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

### ରାମକୃଷ୍ଣ ମିଶନ୍‌ରେ ଆଲୋଚନାଚକ୍ର

## 'ଗୁରୁ ଶିଷ୍ୟ: ରାମକୃଷ୍ଣ ଓ ବିବେକାନନ୍ଦ'



**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ରାମକୃଷ୍ଣ ମିଶନ ବିବେକାନନ୍ଦ ଲାଇବ୍ରେରୀ ହଲ୍‌ରେ ସ୍ୱାମୀ ଅକ୍ଷୟାନନ୍ଦଙ୍କ ସଭାପତିତ୍ୱରେ 'ଗୁରୁ ଶିଷ୍ୟ: ରାମକୃଷ୍ଣ ଓ ବିବେକାନନ୍ଦ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରୀରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଅଲୌକିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

ମୁଖ୍ୟବକ୍ତା ଭାବେ ନାଲ୍‌କୋର ଅବସରପ୍ରାପ୍ତ ଅଧିକାରୀ ଇଂ ସୋମନାଥ ମିଶ୍ର ଯୋଗଦେଇ କହିଲେ ଯେ, ଜଣେ ପ୍ରକୃତ ଗୁରୁ ନିଜର ପ୍ରଜ୍ଞା ଓ ଦୂରଦର୍ଶିତା ମାଧ୍ୟମରେ ଶିଷ୍ୟ ଭିତରେ ଥିବା ସୁପ୍ତ ଶକ୍ତିକୁ ଚିହ୍ନିଥାନ୍ତି। ସ୍ୱାମୀ ବିବେକାନନ୍ଦ ଯୁକ୍ତିବାଦୀ ଥିଲେ ମଧ୍ୟ ସତ୍ୟର ଉପଲବ୍ଧି ପାଇଁ ପ୍ରତ୍ୟକ୍ଷ ଅନୁଭୂତି ଚାହୁଁଥିଲେ। ଶ୍ରୀରାମକୃଷ୍ଣ ତାଙ୍କୁ ଈଶ୍ୱର ଚେତନା ପ୍ରତ୍ୟକ୍ଷ କରାଇବା ସହ ଜଣେ ବିଶ୍ୱ ମାନବ ଭାବେ ଗଢ଼ିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡକ୍ଟର ଅଭୟ କୁମାର ମଲ୍ଲିକ ଯୋଗଦେଇ କହିଲେ ଯେ, ବିବେକାନନ୍ଦ ଅସାଧାରଣ ମେଧାବୀ ଓ ମୁକ୍ତ ଚିନ୍ତାର ଅଧିକାରୀ ଥିଲେ। ଶ୍ରୀରାମକୃଷ୍ଣଙ୍କ ପ୍ରତ୍ୟକ୍ଷ ଉପଲବ୍ଧି ପ୍ରତି ସେ ଆକର୍ଷିତ ହେବା ଫଳରେ ଏକ ଐତିହାସିକ ଗୁରୁ-ଶିଷ୍ୟ ସମ୍ପର୍କ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପରମେଶ୍ୱର ଧଳ ସୂଚନା ପ୍ରଦାନ କରିଥିବା ବେଳେ ବୃନ୍ଦାବନ ପଣ୍ଡା, ଜିତେନ୍ଦ୍ର ରଣା ଓ ରମେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଶିଳ୍ପ ନେତୃତ୍ୱ ସମ୍ମିଳନୀ 'ଅଶ୍ୱମେଧା' ଉଦ୍‌ଘାଟିତ

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ରିଜିଓନାଲ୍ କଲେଜ୍ ଅଫ୍ ମ୍ୟାନେଜମେଣ୍ଟ୍ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିଳ୍ପ ନେତୃତ୍ୱ ସମ୍ମିଳନୀ ଅଶ୍ୱମେଧା ୨.୦ ଅନୁଷ୍ଠିତ ହୋଇଯାଇଛି। ଅଶ୍ୱମେଧା ୨.୦ ଶ୍ରେଣୀକକ୍ଷ ଶିକ୍ଷଣ ଏବଂ କର୍ପୋରେଟ ବାସ୍ତବତା ମଧ୍ୟରେ ସମନ୍ୱିତ ସଂଯୋଗ କରାଯାଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ କର୍ପୋରେଟ ନେତୃତ୍ୱ, ବିଦ୍ୱାନ ତଥା ସର୍ବୋପରି ଅନିସନ୍ଧିତ୍ସୁ ବିଦ୍ୟାର୍ଥୀଙ୍କ ମଧ୍ୟରେ ବୈଷୟିକ ସହଭାଗିତା, ନିତିନିଷ୍ଠ ନେତୃତ୍ୱ, ଦାୟିତ୍ୱସମ୍ପନ୍ନ କୃତ୍ରିମ ବୁଦ୍ଧିମତା ଏବଂ ଦୀର୍ଘସ୍ଥାୟୀ ମାନବ ସମ୍ବଳ ପରିବେଷ୍ଟନୀ ଭଳି ସାମ୍ପ୍ରତିକ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରରୁ ଆସିଥିବା ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏ ସମ୍ପର୍କରେ ଅନୁପ୍ରାଣିତ ହୋଇଥିଲେ। ଏହି ସମ୍ମିଳନୀରେ ନିର୍ଦ୍ଦେଶକ ଡ. ପ୍ରୀତମ ପାଲ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଶିକ୍ଷାର ମୂଲ୍ୟବୋଧ, ବିଦ୍ୟାର୍ଥୀମାନଙ୍କ ଚାରିତ୍ରିକ ଉତ୍କର୍ଷ ତଥା କର୍ମକୁଶଳତା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ନିମନ୍ତେ ଏଭଳି ଉଦ୍ୟମ ଅତୁଳନୀୟ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବରିଷ୍ଠ ନେତୃବୃନ୍ଦ, ଅନେକ ଶିକ୍ଷାବିତ୍, ଛାତ୍ରଛାତ୍ରୀ ସମେତ ଅଭିଭାବକମାନେ ଯୋଗଦେଇଥିଲେ।

## 'ଜାତୀୟ ଚେତନା'ର ସମ୍ପାଦକ ବର୍ଷର ଶ୍ରେଷ୍ଠ ଓଡ଼ିଶାର ସାମ୍ବାଦିକ ଭାବେ ସମ୍ମାନିତ

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ



ନୂଆଦିଲ୍ଲୀର ବିଏସ୍‌ଜେଡ୍ ରୋଡ୍ ସ୍ଥିତ ପିରେଲାଲ-ଗାନ୍ଧୀ ମେମୋରିଆଲ ହଲ୍ (ଆଇଟିଓ)ଠାରେ ୨୦ତମ 'ମିଡିଆ ଏକ୍ସଲେନ୍ସି ଆୱାର୍ଡ' ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫେଡେରେସନ୍‌ର ରାଷ୍ଟ୍ରୀୟ ସଭାପତି ଅରୁଣ ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମାନ ସମାରୋହକୁ ଜାତୀୟ ବିଦ୍ୟୁତ୍ ଗଣମାଧ୍ୟମର ବିଶିଷ୍ଟ ବ୍ୟକ୍ତିତ୍ୱ ଶ୍ରୀବର୍ଦ୍ଧନ ତ୍ରିବେଦୀ, ସଞ୍ଜୟ ଦ୍ୱିବେଦୀ ଓ ପ୍ରତୀକ ତ୍ରିବେଦୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ଯେ, ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବଂ ଏହା ସମାଜରେ ଏକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରେ। ସାମ୍ବାଦିକମାନଙ୍କ ସ୍ୱାଧୀନତାକୁ କ୍ଷୁଣ୍ଣ କରାଗଲେ ତାହା କେବଳ ସାମ୍ବାଦିକତା ନୁହେଁ ବରଂ ସମଗ୍ର ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବ। ଯଦି ଗଣମାଧ୍ୟମର କଣ୍ଠରୋଧ କରାଯାଏ, ତେବେ ଦେଶରେ ଅରାଜକତାର ପରିସ୍ଥିତି ଦେଖାଦେଇପାରେ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ।

ଏହି ଅବସରରେ ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ସମ୍ବାଦପତ୍ର 'ଜାତୀୟ ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ 'ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ' ସମ୍ମାନରେ ଭୂଷିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍, ପ୍ରବୀଣ ସାମ୍ବାଦିକ, କର୍ପୋରେଟ ହାଉସର ପ୍ରତିଷ୍ଠାତା, ଶିକ୍ଷାବିତ୍‌ମାନେ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ଛଅ ଶହରୁ ଅଧିକ ପତ୍ରକାର ତଥା ବରିଷ୍ଠ ସାମ୍ବାଦିକ ଯୋଗଦାନ କରିଥିଲେ। ସମ୍ବର୍ଦ୍ଧନାର ପ୍ରତି ଉତ୍ତରରେ ଶ୍ରୀ ଭଞ୍ଜ ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକମାନେ କୌଣସି ପରିସ୍ଥିତିରେ କାହା ସହିତ ସାଲିସ୍ ନ କରି ସତ୍ୟ ଓ ନୀତିର ପକ୍ଷରେ ଦୃଢ଼ତାର ସହିତ ସାମନା କରିବାପାଇଁ ଆହ୍ୱାନ ଦେଇଥିଲେ। ସତ୍ୟନିଷ୍ଠ ଓ ନିର୍ଭୀକ ସାମ୍ବାଦିକତା ହିଁ ସମାଜକୁ ସଠିକ ଭାବେ ଦିଗ୍ ଦର୍ଶନ ଦେଇପାରିବ ବୋଲି ଶ୍ରୀ ଭଞ୍ଜ ମତ ପ୍ରଦାନ ଦେଇଥିଲେ। ଉଲ୍ଲେଖନୀୟ ଯେ ଶ୍ରୀ ଭଞ୍ଜ ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ ଓଡ଼ିଶା ଶାଖାର ସଭାପତି ଭାବେ ଦକ୍ଷତାର ସହ କାର୍ଯ୍ୟନିର୍ବାହ କରିଥିବାରୁ ତାଙ୍କୁ ଅତିଥିମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓଡିଶା ମିଡିଆ ଫେଡରେସନ୍ ଅଫ୍ ଓଡ଼ିଶା ତରଫରୁ ତପନ ବିହାରୀ ଭଞ୍ଜ ଓ ଗୌର ଚନ୍ଦ୍ର ମହାପାତ୍ର ଫେଡେରେସନ୍‌ର ସର୍ବଭାରତୀୟ ସଭାପତି ଅରୁଣ ଶର୍ମାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଜଗନ୍ନାଥ ଓ କୋଣାର୍କର ତୈଳଚିତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ସହ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟେକ୍ନୋ-ସାଂସ୍କୃତିକ ମହୋତ୍ସବ 'ସୁରଭି'

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ଭୁବନେଶ୍ୱର ଗଙ୍ଗାପାଟଣାସ୍ଥିତ ଜିଆଇଇଟି କଲେଜ ପରିସରରେ ୨ ଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ଟେକ୍ନୋ-ସାଂସ୍କୃତିକ ମହୋତ୍ସବରେ ପ୍ରିନ୍ସିପାଲ ପ୍ରଫେସର ସୁଭ୍ରଜିତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଗମ ଭାବରେ ପରିଚାଳିତ ହୋଇଥିଲା ଏବଂ ସଂଯୋଜକ ପ୍ରଫେସର ଶକ୍ତିନାରାୟଣ ମିଶ୍ରଙ୍କ ଦ୍ୱାରା ଦକ୍ଷତାର ସହିତ ସଂଯୋଜିତ ହୋଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ବିଭୂତି ମିଶ୍ର ଯୋଗ ଦେଇଥିଲେ। ରାମ ନାରାୟଣ ସାବତ, ଚିତ୍ତ ରଞ୍ଜନ ବେହେରା, ଗଜେନ୍ଦ୍ର ପ୍ରସାଦ ବାରିକ, ବିଶ୍ୱ ଭୂଷଣ ମିଶ୍ର ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ମିଶ୍ର ସଭାରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତି ଏବଂ ଅନ୍ୟାନ୍ୟ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ଡକ୍ଟର ପ୍ରଧାନ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ସୁରଭି -୨୦୨୬ରେ ବିଭିନ୍ନ ବର୍ଗ ଯେପରିକି ବୈଷୟିକ ଇଭେଣ୍ଟ, କମ୍ପ୍ୟୁଟର୍ ଇଭେଣ୍ଟ, ଅଣ-ବୈଷୟିକ ଇଭେଣ୍ଟ, କ୍ରୀଡ଼ା, ଆଥଲେଟିକ୍ସ, ଆର୍ଟ ଗ୍ୟାଲେରୀ, ପ୍ରାୟ ୪୨୨୩ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱାଦିଷ୍ଟ ଏବଂ ଜୀବନ୍ତ ଖାଦ୍ୟ ଷ୍ଟଲ୍‌ରେ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅବସରରେ ସୁରଭି ଅଫିସିଆଲ୍ ଚ୍ୟାନେଲର ୨୨୨୩ ଅନୁସରଣକାରୀଙ୍କୁ ମିଳିଥିଲା। ଉଦ୍‌ଘାଟନୀ ସମାରୋହରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା ଏଣ୍ଡେଭର ଉନ୍ମୋଚନ କରାଯାଇଥିଲା। ସେହିପରି ୨ୟ ଦିବସରେ ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ଅମୀୟ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

### ପୂର୍ବତଟ ରେଳପଥର ଐତିହାସିକ ସଫଳତା

## ଦେଶର ପ୍ରଥମ ଜୋନ୍ ଭାବେ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ



**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍‌:** ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହିତ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬% ଅଭିବୃଦ୍ଧି ପଞ୍ଜିକୃତ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବଲ୍କ ସାମଗ୍ରୀଗୁଡ଼ିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଏହି ମାଇଲଖୁଣ୍ଟ ଭାରତୀୟ ରେଳବାଇ ଅଧୀନରେ ଏକ ପ୍ରମୁଖ ପଣ୍ୟ ପରିବହନ କ୍ଷେତ୍ର ଭାବରେ ପୂର୍ବତଟ ରେଳପଥର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ଏବଂ ଅର୍ଥନୈତିକ ବିକାଶରେ ସମର୍ଥନ ଦେବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି। ପୂର୍ବତଟ ରେଳପଥ ଭିତ୍ତିଭୂମିର ଉନ୍ନତି, ଗ୍ରାହକ ସେବା ବୃଦ୍ଧି ଏବଂ ପଣ୍ୟ ପରିବହନ କାର୍ଯ୍ୟକଳାପରେ ଏହାର ଅବିରତ ବୃଦ୍ଧି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ।

# ‘ଓଡ଼ିଆ ଚାଷୀଙ୍କୁ ପ୍ରଶଂସା କରି ମୋଦୀ ଓଡ଼ିଶାକୁ ଗର୍ବିତ କରିଛନ୍ତି’

## କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ପ୍ରକୃତ ସଫଳତାର ଚାବିକାଠି: ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩୧ତମ ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ରତନପୁରର ଯୁବ ଚାଷୀ ହିରୋଦ ପଟେଲଙ୍କ ନିଆରା ଓ ଅଭିନବ କୃଷି ପ୍ରଣାଳୀକୁ ପ୍ରଶଂସା କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧର୍ମେନ୍ଦ୍ର କହିଛନ୍ତି ଯେ କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ହିଁ ପ୍ରକୃତ ସଫଳତାର ଚାବିକାଠି। ହୀରୋଦ ନିଜ ପିତା ଶିବ ଶଙ୍କର ପଟେଲଙ୍କ ସହ ମିଶି ପାରମ୍ପରିକ ଧାନ ଚାଷ ସହ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ପୋଖରୀରେ ମତ୍ସ୍ୟ ଚାଷ କରିବା ସହ ତା’ ଉପରେ ଭାଡ଼ି କରି ଲାଉ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ସେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଅନ୍ୟମାନଙ୍କୁ ରୋଜଗାର ଦେଇ ସେ ଯୁବ ସମାଜ ପାଇଁ ଏକ ଆଦର୍ଶ ସାଜିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା କୃଷିକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବପିଢିଙ୍କୁ ନିଶ୍ଚିତ ଭାବେ ପ୍ରେରିତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ପ୍ରତି ଅନୁଷ୍ଠିତ ‘ଏଆଇ ଇମ୍ପାକ୍ଟ ସମିଟ’ରେ ଭାରତର ନବସୃଜନ କ୍ଷମତା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଅମୂଲ ବୁଥ୍‌ରେ ଏଆଇ ଆଧାରିତ ସମାଧାନ ଜରିଆରେ କିପରି ୨୪ ଘଣ୍ଟିଆ ସହାୟତା ମିଳୁଛି ଏବଂ ଚାଷୀମାନେ ଡାଏରୀ ପରିଚାଳନା ଓ ପଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଶକ୍ତ ହେଉଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାରେ ପ୍ରତିଫଳିତ ହୋଇଛି। ଏଥିସହ ଏଆଇ ମାଧ୍ୟମରେ ଆମର ପ୍ରାଚୀନ ଗ୍ରନ୍ଥ, ଜ୍ଞାନ ପରମ୍ପରା ଏବଂ ପାଣ୍ଡୁଲିପିର ସଂରକ୍ଷଣ ଭାରତର ସାଂସ୍କୃତିକ-ବୈଷୟିକ ଶକ୍ତିର ପରିଚୟ ଦେଉଛି। ଶେଷରେ, ପରୀକ୍ଷା ଦେବାକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କୁ ଶ୍ରୀ ପ୍ରଧାନ ‘ପରୀକ୍ଷା ଯୋଦ୍ଧା’ ଭାବେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ ପରୀକ୍ଷା ସମୟରେ ମନରେ ଆଶଙ୍କା ଓ ଦ୍ୱନ୍ଦ ଆସିବା ସ୍ୱାଭାବିକ, କିନ୍ତୁ ସଫଳତାର ମାପକାଠି କେବଳ ମାର୍କ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ, ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଏବଂ ନିରନ୍ତର ଶିଖିବାର ମନୋଭାବ ଉପରେ ଗୁରୁତ୍ୱ ଦେବା ଉଚିତ। ଶାନ୍ତ ମନରେ ନିଜ ପ୍ରସ୍ତୁତି ଉପରେ ଭରସା ରଖିବା ଏବଂ ପରିବାର ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ଶକ୍ତି ଭାବେ ଗ୍ରହଣ କରିବା ହିଁ ବିଦ୍ୟାର୍ଥୀଙ୍କୁ ଜୀବନର ପ୍ରତିଟି ପରୀକ୍ଷାରେ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ୩ରେ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ

**ଭୁବନେଶ୍ୱର,୨୨।୨ /ଏନ୍ଏନ୍ଏସ୍:** ଆସନ୍ତା ମାର୍ଚ୍ଚ ମାସ ୩ ତାରିଖରେ ସଙ୍ଗଠିତ ହେବ ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ। ଚନ୍ଦ୍ର ଗ୍ରହଣ ସମୟରେ ‘ଚନ୍ଦ୍ର ଓ ସୂର୍ଯ୍ୟ’ ମଝିରେ ପୃଥିବୀ ଏକ ସରଳରେଖାରେ ରହିଥାଏ ଓ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼ିଥାଏ। ଚନ୍ଦ୍ରଗ୍ରହଣ କେବଳ ପୂର୍ଣ୍ଣମୀ ତିଥିରେ ହିଁ ପଡ଼ିଥାଏ। ପୃଥିବୀର ଦୁଇପ୍ରକାରର ଛାଇ ରହିଛି। ପ୍ରଥମଟି ଉପଛାୟା: ଏକ ଫିକା କଳା ଛାଇ ଯାହା ଖାଲି ଆଖିରେ ଦେଖିବା କଷ୍ଟକର ଓ ଦ୍ୱିତୀୟଟି ଛାୟା ଯାହା ଏକ ଗାଢ଼ା କଳା ରଙ୍ଗର ଛାଇ ଓ ଖାଲି ଆଖିରେ ପରିଷ୍କାର ଦେଖି ହୁଏ। ଉପଛାୟାଟି ବଡ଼ ଓ ଅଧିକ ଅଞ୍ଚଳରେ ପଡୁଥିଲାବେଳେ ଛାୟାଟି ଛୋଟ ତ୍ରିଭୁଜ ବା ଶଙ୍କୁ ଆକାରର। ଚନ୍ଦ୍ର ଉପଛାୟାରେ ପ୍ରବେଶ କରିବା ସହ ଗ୍ରହଣ ଆରମ୍ଭ ହୁଏ ଓ ଏଥିରୁ ପୁରା ବାହାରି ଗଲେ ଗ୍ରହଣ ଶେଷ ହୋଇଥାଏ। କିନ୍ତୁ ଚନ୍ଦ୍ର ଛାୟା ଭିତରେ ଥିବା ସମୟରେ ହିଁ ଖାଲି ଆଖିରେ ଗ୍ରହଣ ଦେଖିହୁଏ। ମାର୍ଚ୍ଚ ମାସ ୩ ତାରିଖ ଭାରତୀୟ ସମୟ ଦିନ ୨ ଟା ୧୪ ମିନିଟରେ ଏହି ଚନ୍ଦ୍ର ଗ୍ରହଣ ଆରମ୍ଭ ହେବ ଯେତେବେଳେ ଚନ୍ଦ୍ର ପୃଥିବୀର ଉପଛାୟାରେ ପ୍ରବେଶ କରିବ ଦିନ ୩ ଟା ୨୦ ମିନିଟ ସମୟରେ। ଆଂଶିକ ଗ୍ରହଣ ଦିନ ୩ ଟା ୨୦ ମିନିଟରେ ଆରମ୍ଭ ହୋଇ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଅପରାହ୍ଣ ୪ ଟା ୩୪ ମିନିଟରୁ ୫ ଟା ୩୨ ମିନିଟ ଯାଏଁ ଘଟିବ। ଆଂଶିକ ଗ୍ରହଣ ସନ୍ଧ୍ୟା ୬ ଟା ୪୭ ରେ ଶେଷ ହେବ। ତେଣୁ ଏହି ଚନ୍ଦ୍ର ଗ୍ରହଣ ଓଡ଼ିଶାରେ ସନ୍ଧ୍ୟା ୬ ଟା ରୁ ସନ୍ଧ୍ୟା ୬ ଟା ୪୭ ଯାଏଁ ମାତ୍ର ଆଂଶିକ ଗ୍ରହଣ ଭାବେ ଦେଖାଯିବ। ଚନ୍ଦ୍ର ଗ୍ରହଣ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ସହଜରେ ଦେଖିହେବ। ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ। ଆକାଶ ମେଘମୁକ୍ତ ରହିଲେ ଏହା ଓଡ଼ିଶାରେ ଆଂଶିକ ଗ୍ରହଣ ଭାବରେ ସନ୍ଧ୍ୟା ୬ ଟା ୪୭ ଯାଏଁ ଦେଖି ହେବ।

# ବିଜେପିର ରାଜ୍ୟସଭା କସରତ

## ରାଜ୍ୟ କାର୍ଯ୍ୟାଳୟରେ କୋର୍ କମିଟି ବୈଠକ



**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:** ଓଡ଼ିଶାରୁ ରାଜ୍ୟସଭାକୁ କିଏ ଯିବେ। ଦିଲ୍ଲୀକୁ କାହା ନାଁ ପଠେଇବ ରାଜ୍ୟ ବିଜେପି। ବିଜେପି ରାଜ୍ୟ ନେତୃବୃନ୍ଦଙ୍କ ପକ୍ଷରୁ ଏନେଇ ଆରମ୍ଭ ହୋଇଛି କସରତ। ଆଜି ରାଜ୍ୟ କାର୍ଯ୍ୟାଳୟରେ ତୁଙ୍ଗ ନେତାଙ୍କ ଉପସ୍ଥିତିରେ ଏନେଇ ଆଲୋଚନା କରାଯାଇଛି। ଏପରିକି ଚତୁର୍ଥ ଆସନ ହାତେଇବା ଲାଗି ମଧ୍ୟ ଷ୍ଟ୍ରାଟେଜି ହୋଇଛି। ଆଜି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୂର୍ବତନ ରାଜ୍ୟ ସଭାପତି ତଥା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବସନ୍ତ ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡା.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଉପସ୍ଥିତ ଥିଲେ।

ରାଜ୍ୟସଭା ପାଇଁ ବିଜେପିରେ ଅନେକ ନାଁ ଚର୍ଚ୍ଚାରେ ରହିଛି। ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା ଗୋଲକ ମହାପାତ୍ର, ସାରଦା ଶତପଥୀଙ୍କ ନାଁ ଚର୍ଚ୍ଚା ହେଉଛି। ମହିଳା ଚେହେରା ଭାବେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବରିଷ୍ଠ ନେତ୍ରୀ ସୁକେଶୀ ଓରାମ, ମହିଳା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନାଁ ବି ଚର୍ଚ୍ଚା ରେ ରହିଛି। ବିଶେଷ କରି ଚତୁର୍ଥ ଆସନ ପାଇଁ ଦଳ ସ୍ୱତନ୍ତ୍ର ରଣନୀତି କରିଛି।

## ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ

# ଏସ୍ଏଚ୍‌ଜି ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାକୁ ପ୍ରାଥମିକତା

**ଭୁବନେଶ୍ୱର,,୨୨।୨/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି। ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର



ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ୍ ଭାବେ ସଶକ୍ତ ହୋଇପାରିଛନ୍ତି। ଏହି ବିଭାଗ ମହିଳାମାନଙ୍କୁ କେବଳ ଆତ୍ମନିର୍ଭର କରିବାରେ ସୀମିତ ରହିନାହିଁ, ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି। ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ମହିଳାମାନଙ୍କ ଜୀବନମାନ ଉନ୍ନତି ସହିତ ରାଜ୍ୟର ଆର୍ଥିକ ଉନ୍ନତିରେ ମଧ୍ୟ ମୂଲ୍ୟବାନ ଅବଦାନ ରଖୁଛି। ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ ‘ଲକ୍ଷପତି ଦିଦି’ ଏବଂ ‘ମହାଲକ୍ଷପତି ଦିଦି’ ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ରଖିଛନ୍ତି।

ଏଥିପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ। ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରଥମିକତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ଆହୁରି ସଶକ୍ତ କରିବା ସହିତ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବ। ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି ବିଭାଗର ସଚିବ ସୁଶ୍ରୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ● ରାଜକନିକା ନାବାଳିକା ଗଣଦୁଷ୍କର୍ମ ଘଟଣାରେ ବିଜେଡିର ଦାବି

# ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟରେ ଶୁଣାଣି କରାଯାଉ

**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ଶିକ୍ଷକଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଏଥିସହ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପାଇଁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯିବାକୁ ଦଳ ଦାବି କରିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ, ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଛି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମହିଳା କମିସନର ମିନତୀ ବେହେରା, ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ରୀତାଞ୍ଜଳି ପରିଡ଼ା ପ୍ରମୁଖ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।



ଟୁକୁନି ସାହୁ କହିଥିଲେ ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କୁ ମନକୁ ଗଭୀର ଆଘାତ ଦେଇଛି। ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରିକି ସରକାରୀ ଆବାସିକ ହଷ୍ଟେଲ ଗୁଡିକରେ ରହୁଥିବା ନାବାଳିକା ଛାତ୍ରୀମାନେ ଦୁଷ୍କର୍ମ, ନିର୍ଯାତନା ଓ ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ବିରୋଧୀ ଦଳ ବିଶେଷକରି ବିଜୁ ଜନତା ଦଳ ତରଫରୁ ମହିଳା ମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରାଭଙ୍ଗ ହେଉନାହିଁ। ରାଜକନିକା ଘଟଣାରେ, ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଜଣାଇବା ସହିତ ପୁଲିସ ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଦାବି ରଖିଛନ୍ତି।

ମିନତୀ ବେହେରା କହିଥିଲେ, ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତମାନଙ୍କୁ ପୁଲିସ ଦ୍ୱାରା ଗିରଫ କରାଯାଇଛି, ଏହି ନାବାଳିକା ଗଣ ଦୁଷ୍କର୍ମ ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯାଉ ବୋଲି ବିଜେଡି ଦାବି କରୁଛି। ଶ୍ରୀମତୀ ବେହେରା କହିଥିଲେ, ଗତ ୧୯ମାସର ବିଜେପି ଶାସନରେ ୪୦, ୦୦୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହେଲେଣି। ପ୍ରାୟ ୪୦୦୦ ରୁ ଊର୍ଦ୍ଧ୍ୱ ମହିଳା ଦୁଷ୍କର୍ମ ଓ ଗଣ ଦୁଷ୍କର୍ମର ଶିକାର ହେଲେଣି ଓ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ନାବାଳିକା ଦୁଷ୍କର୍ମର ଶିକାର ହେଲେଣି।

# ‘ସାଧାରଣ ଲୋକଙ୍କ ଅସାଧାରଣ କାମକୁ ଲୋକଲୋଚନକୁ ଆଣୁଛନ୍ତି ମୋଦୀ’

**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ୧୩୧ତମ “ମନ୍ କୀ ବାତ୍” କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ମୋଦୀ ବିଶ୍ୱର ଏକମାତ୍ର ନେତା ଯିଏ କି “ମନ କୀ ବାତ ଜରିଆ”ରେ ସାଧାରଣ ଲୋକଙ୍କ ଅସାଧାରଣ ପ୍ରତିଭାକୁ ଲୋକଲୋଚନକୁ ଆଣୁଛନ୍ତି। ୧୪୦କୋଟି ଦେଶବାସୀଙ୍କ ମନରେ ସଚେତନତା ସୃଷ୍ଟି କରି ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛନ୍ତି। ପୂର୍ବରୁ ଅନେକ ଘଟଣା ଲୋକଲୋଚନକୁ ଆସି ପାରୁ ନ ଥିଲା। ମାତ୍ର ମୋଦିଜୀ ସଂସ୍କୃତିଠାରୁ ଆରମ୍ଭ କରି ଐତିହ୍ୟ, ପରମ୍ପରା ଓ ଲୋକାଲ ଫର୍ ଭୋକାଲ ଆଦି ବିଷୟକୁ ଲୋକଲୋଚନକୁ ଆଣି ପୁନର୍ଜୀବିତ କରିପାରୁଛନ୍ତି। ମୋଦିଜୀ ଓଡ଼ିଆ ପୁଅ ହିରୋଦ ପଟେଲଙ୍କ ଅତ୍ୟାଧୁନିକ କୃଷି ପ୍ରଣାଳୀ ବିଷୟରେ ଦେଶବାସୀଙ୍କୁ ଜଣାଇ ସବୁ ଓଡ଼ିଆଙ୍କୁ ଗର୍ବିତ କରିଛନ୍ତି। ପଟେଲ ଆଜି ସବୁ ଯୁବବର୍ଗ ପାଇଁ ପ୍ରେରଣା ପାଲଟିଛନ୍ତି ବୋଲି ରାଜ୍ୟ ବିଜେବି ସଭାପତି ମନମୋହନ ସାମଲ କହିଛନ୍ତି।

ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଗୋପୀନାଥ ମଣ୍ଡଳ ଅନ୍ତର୍ଗତ ବୁଥ୍ ନଂ.୧୫୩, ପାଣ୍ଡରା ସାଇ ମନ୍ଦିର ପ୍ରାଙ୍ଗଣରେ “ମନ୍ କୀ ବାତ୍” ରେଡିଓ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ, ହିରୋଦଙ୍କ ଅସାଧାରଣ ପ୍ରତିଭା ବିଷୟରେ “ମନ୍ କୀ ବାତ୍” କାର୍ଯ୍ୟକ୍ରମରେ କହି ମୋଦିଜୀ ତାଙ୍କ ତ୍ୟାଗ ଓ ତପସ୍ୟାକୁ କେବଳ ସ୍ୱୀକୃତି ଦେଇନାହାନ୍ତି, ସାରା ଦେଶର ଲୋକେ ଓଡ଼ିଆ ଚାଷୀଙ୍କ ବିଷୟରେ ଅବଗତ ହୋଇପାରିଛନ୍ତି। ଏହାଦ୍ୱାରା ଯୁବବର୍ଗ ଚାଷ ପାଇଁ ମନବଳେଇବା ସହ ଚାଷ କ୍ଷେତ୍ରରେ ନିଜ ଜୀବନ ଓ ଯୌବନକୁ ସମର୍ପିତ କରିବାକୁ ଇଚ୍ଛାବ୍ୟକ୍ତ କରିବେ। ଏନେଇ ମୋଦିଜୀଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ।




ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଓଡ଼ିଆ ଚଳଚ୍ଚିତ୍ର କଳାକାର ହରିହର ମହାପାତ୍ର ଏବଂ ଗୋପିନାଥ ମଣ୍ଡଳ ସଭାପତି ଜଳନ୍ଧର ସୁବୁଦ୍ଧିଙ୍କ ସମେତ ଜିଲ୍ଲାସ୍ତରୀୟ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ “ମନ କୀ ବାତ” କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ‘ନାବାଳିକାକୁ ଗଣବଳାତ୍କାର ଘଟଣାରେ କାହାକୁ ବି ଛଡ଼ାଯିବନି’

**ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ନାବାଳିକାକୁ ଗଣବଳାତ୍କାର ଘଟଣାରେ କାହାକୁ ବି ଛଡ଼ାଯିବନି। ଆମ ସରକାରରେ ମହିଳା ବିରୋଧୀ ଅପରାଧ ଉପରେ ଜିରୋ ଟଲେରେନ୍ସକୁ ଗୁରୁତ୍ୱ ଦେଇଛନ୍ତି ବୋଲି ବିଜେପି ନେତା ସୁରଥ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି ଯେ ଯେତେ ବଡ଼ ଲୋକ ହୁଅନ୍ତୁ ନା କାହିଁକି ଦୋଷ କରିଥିଲେ, କାହାକୁ ବି ଛଡ଼ା ଯାଇନି କି ଆମ ସରକାରରେ ଛଡ଼ା ଯିବ ନାହିଁ। ବିଜେପି ସରକାରରେ କମ ସେ କମ ପୀଡ଼ିତାର ପରିବାର ଅଭିଯୋଗ କରିବାକୁ ସାହସ କରୁଛନ୍ତି, ଏବେ ନ୍ୟାୟ ପାଇବାର ଆଶା ଅଛି ବୋଲି। ହେଲେ ପୂର୍ବ ସରକାରରେ ସେତିକି ସୁଯୋଗ ପାଉନଥିଲେ। କାରଣ ତାଙ୍କ ସରକାରରେ କିଛି ଅନେକ ନେତା ବିଭିନ୍ନ ଘଟଣାରେ ସଂପୃକ୍ତ ଥିଲେ। ଏପରିକି ଆଜି ଯାଏଁ ବି ପୀଡ଼ିତା ନ୍ୟାୟ ପାଇପାରିନାହାନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

# ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ନିର୍ବାଚନ କଳି

**କଟକ,୨୨।୨/ଏନ୍ଏନ୍ଏସ୍:** ତେଜିଲା ଓଡ଼ିଶା କ୍ରିକେଟ ଆସୋସିଏସନ ନିର୍ବାଚନ କଳି। ଓସିଏ ସାଧାରଣ ପରିଷଦ ବୈଠକରେ ଅସନ୍ତୋଷ। ଓସିଏ ନିର୍ବାଚନକୁ ନେଇ ସଦସ୍ୟ ମାନଙ୍କ ମଧ୍ୟରେ ହୋ ହାଲ୍ଲା। ଓସିଏ ନିର୍ବାଚନ ତୁରନ୍ତ କରିବା ପାଇଁ କିଛି ସଦସ୍ୟ ଦାବି କରିଥିବା ବେଳେ ଆଉ କିଛି ସଦସ୍ୟ ନିର୍ବାଚନ ସ୍ଥଗିତ ରଖିବା ପାଇଁ କହିଥିଲେ। ଯାହାକୁ ନେଇ ବୈଠକରେ ଯୁକ୍ତିତର୍କ ହୋଇଥିଲା। ତେବେ ଓଡ଼ିଶା କ୍ରିକେଟ ଆସୋସିଏସନର ସାଧାରଣ ପରିଷଦ ବୈଠକକୁ ବୟକଟ କରିଛନ୍ତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ନିୟମକୁ ଉଲଙ୍ଘନ କରି ନିର୍ବାଚନ ଘୁଞ୍ଚାଇବାକୁ ଚେଷ୍ଟା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଲୋଧା କମିଟି ରିର୍ପୋଟ ଅନୁସାରେ ୧୬ଟି ସଂଘ ନିର୍ବାଚନ କରିସାରିଲେଣି। ଓସିଏ ନିର୍ବାଚନ ନକରି ବିଭିନ୍ନ ଆଳ ଦେଖାଇ ଏହାକୁ ଘୁଞ୍ଚାଉଥିବା ନେଇ ସେ ଅଭିଯାଗ କରିଛନ୍ତି। ଏସଂକ୍ରାନ୍ତରେ ବିସିସିଆଇକୁ ଅବଗତ କରାଇବି ଏବଂ ଦରକାର ପଡ଼ିଲେ ଆଇନର ଆଶ୍ରୟ ନେବି ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିଛି ଲୋକ ଦୀର୍ଘ ବର୍ଷ ହେଲା ଓସିଏକୁ କବଜା କରି ରଖିଛନ୍ତି। ଓସିଏରେ ଅନେକ ଆର୍ଥିକ ଅନିୟମିତତା ହୋଇଛି। ସ୍ପେଶାଲ ଅଡିଟ ହେଉ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତଦନ୍ତ ପାଇଁ ଦାବି କରିବେ ବୋଲି ମଧ୍ୟ ସେ କହିଛନ୍ତି। ଅପରପକ୍ଷେ ଓସିଏ ସମ୍ପାଦକ ସଂଜୟ ବେହେରା ଏହାକୁ ଖଣ୍ଡନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସେ ଏନେଇ ଅବଗତ କରାଇବେ ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଜେନେରାଲ ବଡି ମିଟିଂରେ ନିଷ୍ପତ୍ତି ନିଆଗଲା ନିର୍ବାଚନ ଏବେ ହେବନାହିଁ। ପ୍ରାୟ ସମସ୍ତ ସଦସ୍ୟ ସହମତି ଲିଖିତ ଆକାରରେ ଜଣାଇଛନ୍ତି। କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ, ନୂଆ ସ୍ପୋର୍ଟସ ବିଲ୍ ଆସିବା ପରେ ନିର୍ବାଚନ ହେବ। ତାହାର ରୂପରେଖ କ’ଣ ହେଉଛି ଏବଂ ବିସିସିଆଇର ନିର୍ଦ୍ଦେଶ ପରେ ନିର୍ବାଚନ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

# ୭୫ ରାଜ୍ୟ ପୁଲିସ ହକି ଚାମ୍ପିଅନସିପ୍ ଆରମ୍ଭ

**ଭୁବନେଶ୍ୱର,୨୨।୨ /ଏନ୍ଏନ୍ଏସ୍:** ରବିବାର ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ୭୫ତମ ରାଜ୍ୟ ପୁଲିସ ହକି ଚାମ୍ପିୟନସିପ୍ ୨୦୨୬ ଶୁଭାରମ୍ଭ ହୋଇଯାଇଛି। ବ୍ରିଜେଶ ରାୟ, ଡିଆଇଜି (ପଶ୍ଚିମାଞ୍ଚଳ)ଏହି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ରାୟ କହିଥିଲେ ଯେ ଏପରି ଚାମ୍ପିଅନସିପ୍ ଆୟୋଜନ ଯୋଗୁଁ ପୁଲିସ ବିଭାଗରେ କାର୍ଯ୍ୟରତ କ୍ରୀଡ଼ାବିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ଆହୁରି ସୁଦୃଢ଼ କରେ। ରାଜ୍ୟର ବିଭିନ୍ନ ଜିଲ୍ଲା, ରେଞ୍ଜ ଓ ବାଟାଲିୟନରୁ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ପୁଲିସ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଚାମ୍ପିଅନସିପରେ ସାରା ରାଜ୍ୟରେ ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୧୪ଟି ପୁଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ୩୨୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ପ୍ରଥମ ଦିନରେ ମୋଟ ୧୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୁଲ୍–ଏ ରେ ଚତୁର୍ଥ ଓଏସ୍ଏପି, ରାଉରକେଲା ଓ କମିଶନରେଟ ‘ବି’ ମଧ୍ୟରେ ଖେଳ ୨–୨ ଗୋଲରେ ଡ୍ର ରହିଥିବା ବେଳେ ସୁନ୍ଦରଗଡ଼ ସମ୍ବଲପୁରକୁ ୪–୦ ଗୋଲରେ ଏବଂ ଚତୁର୍ଥ ଓଏସ୍ଏପି, ରାଉରକେଲା ସମ୍ବଲପୁରକୁ ୭–୦ ଗୋଲରେ ପରାଜିତ କରିଥିଲା। ସେହିପରି ସୁନ୍ଦରଗଡ଼ କମିଶନରେଟ ‘ବି’କୁ ୨–୧ ଗୋଲ୍‌ରେ ପରାଜିତ କରିଥିଲା। ପୁଲ୍–ବି ରେ ଷଷ୍ଠ ଓଏସ୍ଏପି, କଟକ ଓଆଇଏସଏଫ୍, ଭୁବନେଶ୍ୱରକୁ ୪–୦ ଗୋଲ୍‌ରେ ଏବଂ ଅଷ୍ଟମ ବାଟାଲିୟନ୍, ଛତ୍ରପୁରକୁ ୯–୦ ଗୋଲ୍‌ରେ ପରାଜିତ କରିଥିଲା। ଅନ୍ୟ ମ୍ୟାଚ୍‌ରେ ଚତୁର୍ଥ ଆଇଆରବିଏନ୍, ଦେଓଗଡ଼ ଅଷ୍ଟମ ବାଟାଲିୟନ, ଛତ୍ରପୁରକୁ ୩–୦ ଗୋଲ୍‌ରେ ହରାଇଥିବା ବେଳେ ଓଆଇଏସଏଫ୍, ଭୁବନେଶ୍ୱର ସହିତ ଖେଳ ୨–୨ ଗୋଲରେ ଡ୍ର ରହିଥିଲା। ପୁଲ୍–ସି ରେ ପୁରୀ ଦଳ ଦ୍ୱିତୀୟ ଆଇଆରବିଏନ୍, ରାୟଗଡ଼ାକୁ ୨–୦ ଗୋଲ୍‌ରେ ପରାଜିତ କରିଥିଲା। ରାଉରକେଲା ଦଳ ଦ୍ୱିତୀୟ ଆଇଆରବିଏନ୍, ରାୟଗଡ଼ାକୁ ୭–୦ ଗୋଲରେ ଏବଂ ପୁରୀକୁ ମଧ୍ୟ ୭–୦ ଗୋଲରେ ପରାଜିତ କରି ଦୃଢ଼ ପ୍ରଦର୍ଶନ କରିଥିଲା। ପୁଲ୍–ଡି ରେ କମିଶନରେଟ ‘ଏ’ ଦଳ ତୃତୀୟ ବାଟାଲିୟନ, କୋରାପୁଟକୁ ୪–୧ ଗୋଲରେ ଏବଂ କୋରାପୁଟ ଜିଲ୍ଲାକୁ ୭–୧ ଗୋଲରେ ପରାଜିତ କରିଥିବା ବେଳେ ତୃତୀୟ ବାଟାଲିୟନ, କୋରାପୁଟ, କୋରାପୁଟ ଜିଲ୍ଲା ପୁଲିସ କୁ ୩–୦ ଗୋଲରେ ହରାଇଥିଲା। ଏହି ଚାମ୍ପିଅନସିପର ଉଦଘାଟନୀ ସମାରୋହରେ ରତନ କୁମାର, ଡିଆଇଜି, ସିଆଇଏସଏଫ୍, ନିତେଶ ୱାଧୱାନୀ , ଏସ୍‌ପି, ରାଉରକେଲା, ଅମୃତପାଲ କୌର, ଏସ୍‌ପି, ସୁନ୍ଦରଗଡ଼, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

**୧୪ ପୁଲିସ ଟିମର ଅଂଶଗ୍ରହଣ**

**ମୋଟ୍ ୩୨୦ ଖେଳାଳି ସାମିଲ୍**

**୨୪ ଯାଏଁ ଚାଲିବ ପ୍ରତିଯୋଗିତା**

# ଠିକାଦାର ମହାସଂଘର ଆନ୍ଦୋଳନ ୩ୟ ଦିନରେ



**କଣ୍ଟାପଡ଼ା,୨୨।୨/ଏନ୍‌ଏନ୍‌ଏସ୍:** ଓଡିଶା ଠିକାଦାର ମହାସଂଘ ପକ୍ଷରୁ ତିନିଦିନ ଧରି ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନର ପ୍ରଭାବ ବିଶେଷକରି କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ବିଶେଷ ଭାବରେ ପ୍ରଭାବ ଦେଖିବାକୁ ମିଳିଛି। ବିଭିନ୍ନ ବିଭାଗରେ କୋଟି କୋଟି ଟଙ୍କାର କାର୍ଯ୍ୟସବୁ ଆରମ୍ଭ ହୋଇନ ଥିବା ବେଳେ କୋଟି କୋଟି ଟଙ୍କାର କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। ଠିକାଦାର ମହାସଂଘର ଧାରଣା ଓ ଆନ୍ଦୋଳନ ପରିପ୍ରେକ୍ଷୀରେ କଣ୍ଟାପଡ଼ା ବ୍ଲକ୍ ଅଞ୍ଚଳର ଚିଙ୍ଗୁଡ଼ିଆ-ନାହାଳପୁର-ଚଉପଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେଅନ୍ତର୍ଭୁକ୍ତ ରାସ୍ତା କାର୍ଯ୍ୟ ନ ହୋଇ ପାରି ବନ୍ଦ ରହିଥିଲାବେଳେ ତରଜନା-ଚଉପଡା-ଗୋବିନ୍ଦପୁର କେନାଲ ରାସ୍ତା ଅଧାପନ୍ତରିଆ ହୋଇ ପଡିରହିଛି। ଯଦ୍ୱାରା ସାଧାରଣ ଜନତା ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧାପନ୍ତରିଆ ହୋଇ ପଡିରହିଥିବା କାମ ବନ୍ଦ ରହିବା ଦ୍ୱାରା ରାସ୍ତା ସନ୍ନିକଟ ଗ୍ରାମଗୁଡିକୁ ରୋଗୀସେବା ନିମିତ୍ତ ଜରୁରୀକାଳୀନ ଭିତିରେ ଆମ୍ବୁଲାନସ୍ ଟିଏ ମଧ୍ୟ ଯାଇପାରୁନାହିଁ। ଫଳରେ ଗାଁଗହଳିରେ ସାଧାରଣ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇ ଅଞ୍ଚଳର ବୁଦ୍ଧୀ ଜୀବି ବହୁ ସାମାଜିକ ସଂଗଠନର କର୍ମୀ ଓ ବିଶେଷ କରି ସଚେତନ ନାଗରିକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ନିକଟରେ ଦାବି ସହିତ ଅନୁରୋଧ କରିଛନ୍ତି କି ତୁରନ୍ତ ଠିକାଦାରମାନଙ୍କ ସମସ୍ୟା ପ୍ରତି ସରକାର ଯତ୍ନବାନ ହୁଅନ୍ତୁ ଏବଂ ସେମାନଙ୍କ ସହିତ ଖୋଲାଖୋଲି ଭାବେ ଆଲୋଚନା କରି ସମାସ୍ୟାର ସମାଧାନ କରନ୍ତୁ। ନଚେତ ଏଭଳି ପରିସ୍ଥିତି ଲାଗି ରହିଲେ ଅଞ୍ଚଳର ସାମାଜିକ ସ୍ଥିତିବିପନ୍ନ ହେବ।

# ରକ୍ତ ନମୁନା ପରୀକ୍ଷା ଶିବିର




**ନୟାଗଡ଼,୨୨।୨/ଏନ୍‌ଏନ୍‌ଏସ୍:** ଜାତୀୟ ଯୁବ ରେଡକ୍ରସ ସଂସ୍ଥା ଓ ମଡେଲ ଡିଗ୍ରୀ କଲେଜ ଆନୁକୂଲ୍ୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରକ୍ତହୀନତା ପ୍ରଭାବ ଆକଳନ ନିମନ୍ତେ ହେମୋଗ୍ଲୋବିନର ମାତ୍ରା ନିର୍ଣ୍ଣୟ ଉଦ୍ଦେଶ୍ୟରେ ଏକ ଦିନିଆ ଜିଲ୍ଲାସ୍ତରୀୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାର ୧୨ ଗୋଟି ମହାବିଦ୍ୟାଳୟରୁ ପାଖାପାଖି ୩୫୦ ଛାତ୍ରୀ ଅଂଶଗ୍ରହଣ କରି ନିଜ ରକ୍ତ ନମୁନା ପରୀକ୍ଷା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମାନସ ରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଓଡ଼ିଶା ରାଜ୍ୟ ରେଡକ୍ରସ ମୁଖ୍ୟ ଗଣେଶ ଚନ୍ଦ୍ର ପାତ୍ର ଉଦଘାଟନ କରିଥିବା ବେଳେ ପଦ୍ମଶ୍ରୀ ବିଜେତା ସାବରମତୀ ରକ୍ତହୀନତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ସହକାରୀ ପ୍ରଫେସର ଡକ୍ଟର ବନ୍ଦିତା ରଥ ବୈଷୟିକ ଅଧିବେଶନରେ ରକ୍ତହୀନତାର ବୈଜ୍ଞାନିକ କାରଣ ଏବଂ ଏହାର ନିରାକାରଣ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ବିଜୟିନୀ ଶୁଭଦର୍ଶିନୀ ଓ ଡକ୍ଟର ସୁନୀଲ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଦୀପିକା ରାଣୀ ତୁରୁକ ମଞ୍ଚ ପରିଚାଳନା କରିଥିବା ବେଳେ ଉଦ୍‌ଯାପନୀ ଅଧିବେଶନରେ ସହକାରୀ ପ୍ରଫେସର ଗୌରମୋହନ ସାହୁ ମୁଖ୍ୟ ଅତିଥି ଭାବେ ପୁରସ୍କାର ବିତରଣ କରିଥିଲେ। ଏହି ଶିବିରରେ ପୋଷ୍ଟର ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ ବିଜୟୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଶିବିର ପରିଚାଳିତ ହୋଇଥିବା ବେଳେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନେ କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିବା ପରିଲକ୍ଷିତ ହୋଇଥିଲା।

**ତମାଣ୍ଡୋ ପ୍ରିମିୟର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍**

# ଆଦିତ୍ୟ ଏକାଦଶ ଚାମ୍ପିଅନ୍




**ମୁଣ୍ଡମୁହାଣ,୨୨।୨/ଏନ୍‌ଏନ୍‌ଏସ୍:** ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ ମ ତମାଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଥିଲା ଫାଇନାଲ ଦିବସ।ଆଜି ଫାଇନାଲରେ ଟିସିସି ଭୁବନେଶ୍ୱରକୁ ୪ ଓ୍ୱିକେଟରେ ପରାସ୍ତ କରି ଆଦିତ୍ୟ ଏକାଦଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଦିତ୍ୟ ଏକାଦଶ ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ଟିସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ରାକେଶ କୁମାର ପଟ୍ଟନାୟକ ୧୦ ବଲରେ ୪୨ ରନ, ଆକାଶ ମହାପାତ୍ର ୨୫ ବଲରେ ୨୮ ରନ କରିଥିଲେ।ବିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୪ ଓଭର ବୋଲିଂ କରି ୪୨ ରନ ଦେଇ ୩ ଓ୍ୱିକେଟ ଓ ଆନନ୍ଦ ଭରଦ୍ୱାଜ ୪ ଓଭରରେ ୪୪ ରନ ଦେଇ ୨ ଟି ଓ୍ୱିକେଟ ଦଖଲ କରିଥିଲେ। ଖେଳର ଦ୍ୱିତୀୟ ଇନିଂସରେ ଆଦିତ୍ୟ ଏକାଦଶ ଦଳ ୧୮୭ ରନର ବିଜୟ ଲକ୍ଷ ନେଇ ୧୮.୪ ଓଭରରେ ୬ ଓ୍ୱିକେଟ ହରାଇ ୧୮୯ ରନ କରି ଚମ୍ପିୟାନ ହୋଇଥିଲେ। ଆଦିତ୍ୟ ଏକାଦଶ ପକ୍ଷରୁ ଆୟୁଷ ନଟ ଆଉଟ ରହି ୨୩ ବଲ ଖେଳି ୭୨ ରନ , ବିକ୍ରମ ସାମଲ ୧୪ ବଲରେ ୨୩ ରନ କରିଥିଲେ।ବିପକ୍ଷ ଦଳର ଅତୁଲ ସାରଓ୍ୱାର ୩.୩ ଓଭରରେ ୩୫ ରନ ଦେଇ ୨ଟି ଓ୍ୱିକେଟ୍ ଓ ରାମଚନ୍ଦ୍ର ବେହେରା ୪ ଓଭରରେ ୧୯ ରନ ଦେଇ ଦୁଇଟି ଓ୍ୱିକେଟ ଦଖଲ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ସୁମେନ୍ଦ୍ର ପାତ୍ର , ଆଶୁତୋଷ ପାଣି ଓ ଶୁଶିଲ ସାମନ୍ତରାୟ। ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ଆଶିଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଜେପି ନେତା ବିଶ୍ୱରଞ୍ଜନ ବଡ଼ଜେନା ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ ଓ ଶିଳ୍ପପତି ଶିଶିର କୁମାର ବେହେରା ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଆଦିତ୍ୟ ଏକାଦଶକୁ ଟ୍ରଫି ସହ ନଗଦ ଦେଢ଼ଲକ୍ଷ ଟଙ୍କା ଓ ଉପବିଜେତା ଟିସିସି ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଆଜିର ଖେଳରେ ବିଜେତା ଦଳର ଆୟୁଷଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର, ମ୍ୟାନ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଅତୁଲ ସାରଓ୍ୱାର, ଶ୍ରେଷ୍ଠ ବୋଲର୍ ସୁଶିଲ କୁମାର ବାରିକ ଓ ଶ୍ରେଷ୍ଠ ଫିଲ୍ଡର କାଶ୍ୟମ ସାଗର ବଳଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

**ସମର୍ପଣ ପକ୍ଷରୁ ରାଜ୍ୟସ୍ତରୀୟ ରକ୍ତଦାତା ସମାବେଶରେ ସ୍ୱାସ୍ଥ୍ୟମନ୍ତ୍ରୀ**

# 'ରକ୍ତଦାନ ସେବାରେ ସମର୍ପଣ ସମୃଦ୍ଧ ଓ ବିକଶିତ ହେଉ'




**ପୁରୀ,୨୨।୨/ଏନ୍‌ଏନ୍‌ଏସ୍:** ରକ୍ତଦାନ ମହାପୁଣ୍ୟ ସେବାରେ ସମର୍ପିତ ଓଡ଼ିଶାର ଅନନ୍ୟ ଅନୁଷ୍ଠାନ ସମର୍ପଣ, ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ସମୃଦ୍ଧ ଓ ବିକଶିତ ହେଉ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ। ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ସହଯୋଗ ରେ ସମର୍ପଣ ପକ୍ଷରୁ ରାଜ୍ୟସ୍ତରୀୟ ରକ୍ତଦାତା ସମାବେଶକୁ ଉଦଘାଟନ କରି ମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ଉଦ୍ୟମରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ଓଡ଼ିଶା ବାସୀଙ୍କ ପାଇଁ ହେଉଥିବା ଅଟଳ ରକ୍ତଦାନ ଅଭିଯାନ, ପୁରୀ ହସ୍ପିଟାଲରେ ବର୍ଣ୍ଣ ୟୁନିଟ୍ ଓ ରକ୍ତ ପୃଥକୀକରଣ ମେସିନ୍ ସ୍ଥାପନର ପ୍ରଥମ ପ୍ରେରଣା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ।ଆମ ସରକାର ଶ୍ରୀଜଗନ୍ନାଥ ପୁରୀ ର ସ୍ୱାସ୍ଥ୍ୟ ବିକାଶ ପାଇଁ ସଂକଳ୍ପବଦ୍ଧ। ଅନୁଷ୍ଠାନ ର ସଭାପତି ଡକ୍ଟର ଅଭିମନ୍ୟୁ ଭୂୟାଁଙ୍କ ସଭାପତିତ୍ୱ ଓ ସଂପାଦିକା ଜୟନ୍ତୀ ମହାପାତ୍ରଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି ସମାବେଶରେ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ, ସମାଜସେବୀ ତଥା ଶତକ ରକ୍ତଦାତା ଡକ୍ଟର ବଦ୍ରି ମିଶ୍ର, ସଦାଶିବ ପରିସରର ଭାରପ୍ରାପ୍ତ ନିର୍ଦ୍ଦେଶିକା ପ୍ରଫେସର ନିର୍ମଳା ପାଣିଗ୍ରାହୀ, ଡାକ୍ତର ଅମରେନ୍ଦ୍ର ନାୟକ, ଡାକ୍ତର ସଞ୍ଜୟ କୁମାର ସାହୁ, ଡାକ୍ତର ବିମଳ କୁମାର ସାହୁ, ଶିଳ୍ପପତି ରାଜକିଶୋର ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଗୋବିନ୍ଦ ପାତ୍ର,ଶିବ ନାରାୟଣ ସେନାପତି ଯୋଗ ଦେଇଥିବା ବେଳେ, କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ବିସ୍ମିତା ମହାନ୍ତି,ମଧୁମିତା ମହାପାତ୍ର, ରଶ୍ମୀ ରଞ୍ଜନ ଦାଶ,ସାଗରିକା ରଥ,ବଳରାମ ପାତ୍ର, ଶ୍ୟାମ ପ୍ରକାଶ ସେନାପତି, ମାନସୀ ରଥ, ଚନ୍ଦ୍ରମଣି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ର ଆବାହକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ରେ ଡକ୍ଟର ବିଶ୍ୱନାଥ ମିଶ୍ର, ଆମ ଓଡ଼ିଶା, ହୋପ୍ ଇଜ୍ ଲାଇଫ, ସାହି ଭାଇ, ମିଶନ ଓଡ଼ିଶା, ଜୀବନ ବିନ୍ଦୁ, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଭାରତ ବିକାଶ ପରିଷଦ, କଳିଙ୍ଗ ବୈଶ୍ୟ ସଂଘର, ରୋଟାରୀ କ୍ଲବ ଅଫ୍ ଜଗନ୍ନାଥ ଧାମ, ହାପିନେସ ଫାଉଣ୍ଡେସନ, ଦି ବେଲ୍, ଉର୍ଜାବାନ ଓଡ଼ିଶା, ଯୁବ ରେଡକ୍ରସ ଦୟା ବିହାର ସମେତ ଚାଳିଶଟି ଅନୁଷ୍ଠାନ, ଓଡ଼ିଶାର ପଶ୍ଚିମାଞ୍ଚଳ ବଲାଙ୍ଗୀରର ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ ଓ ନିଫା, ଦକ୍ଷିଣାଞ୍ଚଳ ବ୍ରହ୍ମପୁରର ଲକ୍ଷ୍ମୀନାରାୟଣ ପାତ୍ର, ଉତ୍ତରାଞ୍ଚଳ ବାରିପଦାର ନିରୋଜ କୁମାର ପୋଥାଳ, କେନ୍ଦ୍ରାଞ୍ଚଳ କଟକର ସ୍ୱପ୍ନା ଫାଉଣ୍ଡେସନ, ପୂର୍ବାଞ୍ଚଳର ଅକ୍ଷୟ କୁମାର ମାନସିଂହ ଓ ଇତିଶ୍ରୀ ସୁନ୍ଦରାଙ୍କ ସମେତ ଓଡ଼ିଶାର ଶହେ ଜଣ ନିୟମିତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶିକ୍ଷାବିତ୍ ଶିବାନୀ ଭୂୟାଁ। ଏହି ପରିପ୍ରେକ୍ଷୀରେ ପୁରୀରେ ବର୍ଣ୍ଣ ୟୁନିଟ୍ ଓ ରକ୍ତ ପୃଥକୀକରଣ ମେସିନ୍ ସ୍ଥାପନ ପାଇଁ ମାନ୍ୟବର ମନ୍ତ୍ରୀଙ୍କୁ ପୁରୀବାସୀଙ୍କ ପକ୍ଷରୁ ଡକ୍ଟର ଅଭିମନ୍ୟୁ ଭୂୟାଁ, ଡକ୍ଟର ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜକିଶୋର ପାତ୍ର, ଡକ୍ଟର ବିଶ୍ୱନାଥ ମିଶ୍ର, ସୌମ୍ୟରଞ୍ଜନ ପାତ୍ର ଓ ଗୋବିନ୍ଦ ପାତ୍ର ପାଛୋଡା ଓ ଉପଢ଼ୌକନ ପ୍ରଦାନ କରିଥିଲେ।

# ଜବରଦଖଲକୁ ଗ୍ରାମବାସୀଙ୍କ ବିରୋଧ



**ବୟାଳିଶମୌଜା,୨୨।୨/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ମୌଜା ସ୍ଥିତ ଝିଙ୍କିରିଆ ଗ୍ରାମରେ ଆଜି ଦିନ ପ୍ରାୟ ୧୨ଘଟିକା ସମୟରେ ଝିଙ୍କିରିଆ ନଦୀପଠାରେ ଯୋରଜବରଦସ୍ତ ନଦୀ ପଠାରେ ଘର କରିଥିବା କେତେକ ଅସାମାଜିକ ବ୍ୟକ୍ତିଙ୍କୁ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ସଦସ୍ୟ ଓ ଝିଙ୍କିରିଆ ମାତୃଶକ୍ତିର ସମସ୍ତ ସଦସ୍ୟାଙ୍କ ମିଳିତ ଉଦ୍ୟମରେ ଜବରଦଖଲ ଉଚ୍ଛେଦ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରାୟ ତିନିମାସ ମଧ୍ୟରେ ଏହି ଅସାମାଜିକ ବ୍ୟକ୍ତି ବିଶେଷ ଝିଙ୍କିରିଆ ନଦୀ ପଠାରେ ନୂତନ କରି ସୃଷ୍ଟି ହୋଇଥିବା ରଣେଷଣ୍ଡ ବନ୍ୟ ପ୍ରକଳ୍ପର କେତେକ ମୂଲ୍ୟବାନ ଗଛକାଟି ସେଠାରେ ନୂତନ ଭାବେ ଗୃହ ନିର୍ମାଣ କରିଥିଲେ। ଏହାକୁ ବିରୋଧ କରି ଗ୍ରାମର ମାତୃଶକ୍ତି ଅଧିନରେ ଥିବା ସମସ୍ତ ମହିଳା ଏବଂ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଏହାକୁ ଘୋର ବିରୋଧ କରିବା ସହିତ କେତେକ ଔଷଧୀୟ ବୃକ୍ଷ ପ୍ରତିରୋପଣ କରାଯିବା ସହିତ ପରିବେଶ ଓ ପ୍ରକୃତିର ସୁରକ୍ଷା ନିମିତ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ କମିଟିର ସଦସ୍ୟ ଆନନ୍ଦ ଦେବତା, ନରହରି ଦେବତା, ନିରଞ୍ଜନ ସାହୁ,କାହ୍ନୁ ସେଠୀ, ସୁକାନ୍ତ ଦେବତା, ଅଜୟ ଦେବତା, ଲକ୍ଷ୍ମୀଧର ସାହୁ,ଟୁଟନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ଏବଂ ଗ୍ରାମର ସମସ୍ତ ଏସ.ଏସ.ଜି ଗ୍ରୁପର ମହିଳା, ଆଶାକର୍ମୀ, ଓ୍ୱାର୍ଡମେମ୍ବର, ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ। ଗ୍ରାମର ଅଧିକାରୀ ଚିନ୍ମୟ ଦେବତା ଓ ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦ ସମସ୍ତଙ୍କର ସହଯୋଗ ନିମିତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ଦମ୍ପତି ସମ୍ବର୍ଦ୍ଧିତ



**ଫୁଲନଖରା,୨୨।୨/ଏନ୍‌ଏନ୍‌ଏସ୍:** ପିଏମଶ୍ରୀ ବାଲୁଙ୍କେଶ୍ୱର ସରକାରୀ ନୋଡାଲ ବିଦ୍ୟାପୀଠର ଚତୁର୍ଥ ଶ୍ରେଣୀ କର୍ମଚାରୀ କର୍ମଯୋଗୀ ଜଗବନ୍ଧୁ ବେହେରାଙ୍କ ଅବସରକାଳୀନ ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଆଦର୍ଶ ଦମ୍ପତି ଜଗବନ୍ଧୁ ତାଙ୍କ ଧର୍ମପତ୍ନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲୁଙ୍କେଶ୍ୱର ବିଦ୍ୟାପୀଠର ପୁରାତନ ଶିକ୍ଷକ ସୂର୍ଯ୍ୟମଣି ପରିଜା, ବ୍ରଜକିଶୋର ସିନା, ନାରାୟଣ ସାହୁ, ଗୋପବନ୍ଧୁ ଷଡଙ୍ଗୀ, ସତ୍ୟନାରାୟଣ ପତି, ବିଜୟ ରାମ ବେଉରା, ପ୍ରହ୍ଲାଦ ମିଶ୍ର, କଳ୍ପତରୁ ପାଗଳ, ଅନାମ କୁମାର ଦାସ, ଅମର କୁମାର ଦାଶ, ଆଶୁତୋଷ ମିଶ୍ର, ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌତମ ପରିଡା, ପୁରାତନ ଛାତ୍ର ତଥା ପ୍ରାକ୍ତନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, କ୍ଷୀରୋଦ ଦାସ, କ୍ରୀଡା ଶିକ୍ଷକ ଶତ୍ରୁଘନ ସାର, ପୁରାତନ ଶିକ୍ଷକ ଦିବଙ୍ଗତ ବନମାଳୀ ମହାରଣାଙ୍କ ଧର୍ମପତ୍ନୀ ଲାବଣ୍ୟବତୀ ମାହାରଣା, ସୁଶୀଳା ଦଳାଇ, ପୁରାତନ ଛାତ୍ର ଆଲୁମିନି ସଭାପତି ହେମନ୍ତ ପଟ୍ଟନାୟକ, ନିରାପତ୍ତା କମିଟି ସଭ୍ୟ କ୍ଷୀରୋଦ ମୁଦୁଲି, ଅଲେଖ ଦାସ, ସବିତା ସ୍ୱାଇଁ, ପୁରାତନ ଛାତ୍ର ତଥା ୪୨ ମୌଜା ବିକାଶ ପରିଷଦ ସମ୍ପାଦକ ସନ୍ତୋଷ କୁମାର ପତି, ବିଜୟ ମିଶ୍ର, ନିକୁଞ୍ଜ ସ୍ୱାଇଁ, ରଞ୍ଜୁବାଳା ନାୟକ, ବିରଜା ମିଶ୍ର, ସୁମତି ମୁର୍ମୁ, ଆନନ୍ଦିତା ବେହେରା, ଶରତ ଦାସ, ସୁନୀଲ ସେନାପତି, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ




**ସାକ୍ଷୀଗୋପାଳ,୨୨।୨/ଏନ୍‌ଏନ୍‌ଏସ୍:** ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ 'ବିଶ୍ୱ ମାତୃଭାଷା ଦିବସ' ଶନିବାର ପାଳିତ ହୋଇଯାଇଛି। ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନବିଦ୍ୟାଳୟ ଠାରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓଡ଼ିଶାର ତଥା ପ୍ରତ୍ୟେକ ଓଡ଼ିଆଙ୍କ ଗଉରବର ପ୍ରତୀକ। ଆଜି ପବିତ୍ର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବକ୍ତୃତାମାଳାର ଆୟୋଜନ କରାଯାଇଥିଲା। ଡକ୍ଟର ଶର୍ମିଷ୍ଠା ମହାପାତ୍ର ମଞ୍ଚ ସଂଚାଳନ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ କୁଳପତି ପ୍ରଫେସର ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ସର୍ବଦା ନିଜ ମାତୃଭାଷାର ସମୃଦ୍ଧି ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ରଶ୍ମିରେଖା ଦାସ ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମାତୃଭାଷା ଉପରେ ସ୍ୱରଚିତ ଏକ କବିତା ପାଠ କରି ଶୁଣାଇଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ଭାଷା ଏକ ଜାତିର ପରିଚୟ। ପ୍ରଫେସର ତ୍ରିପାଠୀ ମାତୃଭାଷା ଓଡ଼ିଆର ଲିଖନ ଅନୁବିଧି ସଂପର୍କରେ ଦୀର୍ଘଭାଷଣ ପ୍ରଦାନ କରିଥିଲେ। ପରେ ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କ ବ୍ୟାକରଣ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ ସହିତ ସମସ୍ତ ସଂଶୟ ଦୂର କରିଥିଲେ। ଏହି ଏକଦିବସୀୟ ଆଲୋଚନା ସଭାରେ ଡକ୍ଟର ଲିପିକା ନାୟକ, ଡକ୍ଟର ରାଧାଗୋବିନ୍ଦ କୁଇଲା, ଡ. ଜୟନ୍ତ ପରିଡ଼ା, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ, ଡ. ଶୁଭସ୍ମିତା ନାୟକ ପ୍ରମୁଖଙ୍କ ସହିତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଗଣ ସାମିଲ ହୋଇଥିଲେ। ପରିଶେଷରେ ଅଧ୍ୟାପିକା ଡକ୍ଟର ଶର୍ମିଷ୍ଠା ମହାପାତ୍ର ସମସ୍ତଙ୍କ ଆନ୍ତରିକ ସହଯୋଗ ଓ ଉପସ୍ଥିତି ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ଓଡ଼ଗାଁ,୨୨।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଅଧିନ ଧନୁର୍ଜୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆନ୍ତର୍ଜାତୀୟ ମାତୃଭାଷା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୋମଣ୍ଡ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର ଯୋଗ ଦେଇଥିବାବେଳେ ନିମନ୍ତ୍ରିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା



ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ମାତୃଭାଷା ଦିବସର ବିଶେଷତ୍ୱ ସମ୍ପର୍କରେ ଉଦବୋଧନ ଦେବା ସହିତ ପିଲାଙ୍କୁ ଶପଥପାଠ କରାଇଥିଲେ। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା କବିତା, ଚିତ୍ରାଙ୍କନ,ବକୃତା, ଗଳ୍ପକଥନ,ସ୍ଲୋଗାନ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାତ୍ର ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ଓ ଅଭିଭାବକ ସହଯୋଗ କରିଥିଲେ।

# ଅବୈଧ ବାଲି ଓ ପଥର ଚାଲାଣ: ୫୨ ଦିନରେ ୫୯ ଗିରଫ

**ପୁରୀ,୨୨।୨/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାରେ ଅବୈଧ ବାଲି ଓ ପଥର ଖଣନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁରୀ ପୋଲିସ ଦ୍ୱାରା ୨୦୨୬ ମସିହାର ଆରମ୍ଭରୁ ଏପର୍ଯ୍ୟନ୍ତ ନିୟମିତ, ସଂଗଠିତ ଓ କଠୋର ଭାବରେ ବିଶେଷ ଅଭିଯାନ ଚାଲିଆସୁଛି। ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା, ସରକାରୀ ରାଜସ୍ୱର ସୁରକ୍ଷା, ନଦୀ ପଥ ଓ ପ୍ରାକୃତିକ ସମ୍ପଦର ସୁରକ୍ଷଣ ସହ ସାଧାରଣ ଲୋକଙ୍କ ଜୀବନ-ଜୀବିକାକୁ ସୁରକ୍ଷିତ ରଖିବା। ଗତ ୫୨ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅବୈଧ ବାଲି ଓ ପଥର ଖଣନ ଏବଂ ଚାଲାଣ ସମ୍ପର୍କିତ ମୋଟ ୬୩ଟି ମାମଲା ରଜିଷ୍ଟ୍ର କରାଯାଇଛି। ଏହି ସମସ୍ତ ମାମଲାରେ କଠୋର ତଦନ୍ତ କରାଯାଇ ମୋଟ ୫୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯାନ ସମୟରେ ଅବୈଧ ଭାବେ ବାଲି, ମାଟି ଓ ପଥର ପରିବହନରେ ବ୍ୟବହୃତ ୭୩ଟି ମାଲବାହୀ ଯାନବାହନ ଓ ୨ଟି ଜେସିବି ମେସିନ୍ ଜବତ କରାଯାଇଛି। ଏହା ସହିତ ୧୪ଟି ଯାନବାହନକୁ ମାଇନିଂ ବିଭାଗଙ୍କୁ ହସ୍ତାନ୍ତର କରାଯାଇଛି। ଚଳିତ ବର୍ଷରେ ଏପର୍ଯ୍ୟନ୍ତ ରଜିଷ୍ଟ୍ର ହୋଇଥିବା ୬୩ଟି ନୂତନ ମାମଲା ଏହି ଅଭିଯାନର ତୀବ୍ରତା ଓ କାର୍ଯ୍ୟକୁଶଳତାକୁ ସ୍ପଷ୍ଟ କରୁଛି। ପୂର୍ବବର୍ଷରେ ମୋଟ ୧୪୬ଟି ଅବୈଧ ଖଣନ ସମ୍ପର୍କିତ ମାମଲା ରଜିଷ୍ଟ୍ର ହୋଇଥିବା ବେଳେ ଚଳିତ ବର୍ଷରେ ଆରମ୍ଭରୁ ଏହି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି। ଏହି ବିଶେଷ ଅଭିଯାନକୁ ଜିଲ୍ଲାର ସମସ୍ତ ୪ଟି ସବ୍-ଡିଭିଜନ୍ ?ରେ ସମନ୍ୱିତ ଭାବରେ କାର୍ଯ୍ୟକରୀ କରାଯାଇଛି ସିଟି ସବ୍-ଡିଭିଜନ୍,



ପିପିଲି ସବ୍-ଡିଭିଜନ୍, ନିମାପଡ଼ା ସବ୍-ଡିଭିଜନ୍ ଓ ସଦର ସବ୍-ଡିଭିଜନ୍। ପ୍ରତ୍ୟେକ ସବ୍-ଡିଭିଜନ୍ ?ର ଥାନାମାନଙ୍କୁ ସକ୍ରିୟ କରାଯାଇ ଦିନ ଓ ରାତ୍ରି ପାଟ୍ରୋଲିଂ, ନାକା ଚେକିଂ, ଆକସ୍ମିକ ରେଡ୍ ଓ ସ୍ପେଶାଲ୍ ଡ୍ରାଇଭ୍ ମାଧ୍ୟମରେ ଅବୈଧ ଖଣନ ଓ ପରିବହନକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଅନଧିକୃତ ଭାବେ ବାଲି ଓ ପଥର ପରିବହନ କରୁଥିବା ଯାନବାହନ ଜବତ ସହ ଖଣନ କାର୍ଯ୍ୟରେ ବ୍ୟବହୃତ ମେସିନ୍, ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ସିଜ୍ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆଇନଗତ ପଦକ୍ଷେପ ଗ୍ରହଣ ହେଉଛି। ଅବୈଧ ବାଲି ଓ ପଥର ଖଣନ ପରିବେଶ ପାଇଁ ଗୁରୁତର ହାନିକାରକ ହେବା ସହ ନଦୀ ପଥର ପରିବର୍ତ୍ତନ, ଭୂଗର୍ଭ ଜଳସ୍ତର କମିବା ଓ ପ୍ରାକୃତିକ ସମତାକୁ ବିଘ୍ନିତ କରୁଛି। ସେହିପରି ଏହି ପ୍ରକାର ଅପରାଧ ପ୍ରତି କୌଣସି ପ୍ରକାର ସୁଯୋଗ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ବିଶେଷ ଅଭିଯାନକୁ ଆହୁରି ତୀବ୍ର କରାଯିବ ଏବଂ ଅବୈଧ ଖଣନ, ସଞ୍ଚୟ ଓ ପରିବହନ ବିରୋଧରେ ନିୟମିତ କାର୍ଯ୍ୟାନୁଷ୍ଠାନ ଚାଲିଥିବ। ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ଯେ ଅବୈଧ ବାଲି କିମ୍ବା ପଥର ଖଣନ ସମ୍ପର୍କିତ କୌଣସି ସୂଚନା ମିଳିଲେ ନିକଟସ୍ଥ ଥାନା କିମ୍ବା ୧୧୨କୁ ଅବଗତ କରାନ୍ତୁ। ଲୋକଙ୍କ ସହଯୋଗ ଓ ସଚେତନତା ଦ୍ୱାରା ମାତ୍ର ଏହି ପ୍ରକାର ଅପରାଧକୁ ପ୍ରଭାବଶାଳୀ ଭାବରେ ରୋକାଯାଇପାରିବ ବୋଲି ପୋଲିସ ଆଶାପ୍ରକାଶ କରିଛି।

ନିତିଦିନ NITIDIN



## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଯେଉଁ ଅଞ୍ଚଳ ଯେତେ ଶିକ୍ଷିତ, ସେ ଅଞ୍ଚଳ ସେତେ ବିକଶିତ'




**ସାଲେପୁର,୨୨।୨/ଏନ୍‌ଏନ୍‌ଏସ୍‌:** ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସଂଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଯେଉଁ ଅଞ୍ଚଳ ଯେତେ ଶିକ୍ଷିତ ସେ ଅଞ୍ଚଳ ସେତେ ବିକଶିତ ବୋଲି କହିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହୋଇ ନିଜ ପିତାମାତା, ଗୁରୁଜନ, ଶିକ୍ଷାନୁଷ୍ଠାନ ଏବଂ ଅଞ୍ଚଳର ନାମକୁ ଦେଶ ତଥା ଦେଶ ବାହାରେ ପରିଚିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ତଥା ନାଟ୍ୟକାର ବିଜୟ ମଲ୍ଲ,ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ସୁନାମଧନ୍ୟ ବ୍ୟଙ୍ଗ କବି ଜ୍ଞାନ ହୋତ୍ତା ଯୋଗ ଦେଇ ବ୍ୟଙ୍ଗ କଥା ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବହୁ ଶିକ୍ଷଣୀୟ କଥା କହିବା ସହିତ ମନୋରଞ୍ଜନ କରିଥିଲେ। ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ନାଟକ ବୋଉ ମଞ୍ଚସ୍ଥ ହୋଇଥିବା ବେଳେ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ଦ୍ୱାରା ଅଦିନ ଝଡ ନାଟକ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ବୈଜୟନ୍ତି ନାୟକ, ଅଧ୍ୟାପକ ହୃଷିକେଶ ମହାରଣା, ଶାରଦା ପ୍ରସାଦ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଶାସନିକ ଅଧିକାରୀ ରୀନା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଥମେ ମହାବିଦ୍ୟାଳୟ ପକ୍ଷରୁ ଅତିଥି ମାନଙ୍କୁ ମୁଖ୍ୟ ଫାଟକ ପାଖରୁ ଏକ ଶୋଭାଯାତ୍ରାରେ ଅଣାଯାଇ ମଞ୍ଚରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉଦ୍ଘାଟନୀ ଉତ୍ସବରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ବେଳାମାର୍ଗ ବୃଦ୍ଧାଶ୍ରମରେ ଅଣଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ: ଜଣେ ଗିରଫ

**କୋଣାର୍କ,୨୨।୨/ଏନ୍‌ଏନ୍‌ଏସ୍‌:** କୋଣାର୍କ ପୁରୀ ବେଳାମାର୍ଗ ନିକଟ ରାମଚଣ୍ଡୀ ଥାନା ଅଧିନ ତରକୋର ପଞ୍ଚାୟତ ବାଙ୍ଗର ବରପଦା ଗ୍ରାମ ନିକଟସ୍ଥ ପୁରୀ ଜିଲ୍ଲା ମୁଖ୍ୟ କାରାଗାର ସମ୍ମୁଖରେ ଥିବା 'ଶ୍ରଦ୍ଧାଳୟ' ନାମକ ଏକ ବୃଦ୍ଧାଶ୍ରମରେ ଜଣେ ଯୁବତୀକୁ ବଳାତ୍କାର ଉଦ୍ୟମ କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ ବୃଦ୍ଧାଶ୍ରମ ନିକଟରେ ରହୁଥିବା ରାମଚଣ୍ଡୀ ଥାନା ଅଧୀନ ବାଙ୍ଗର ବରପଦାର ଗ୍ରାମର ହରିନାରାୟଣ ମହାନ୍ତି(୩୫) ନାମକ ଜଣେ ଯୁବକ ଗତ ଶନିବାର ସକାଳ ସମୟରେ ବୃଦ୍ଧାଶ୍ରମର ସୁରକ୍ଷା ପାଚେରୀ ଡେଇଁ ସେଠାରେ କାର୍ଯ୍ୟରତ ଥିବା ଝାଡ଼ଖଣ୍ଡ ହଜାରିବାଗ ଅଞ୍ଚଳର ଅଣଓଡ଼ିଆ ଯୁବତୀ(୨୫)ଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇ ବଳାତ୍କାର ଉଦ୍ୟମ କରିବାକୁ ଚେଷ୍ଟା କରିବା ମାତ୍ରେ ସଂପୃକ୍ତା ଯୁବତୀ ଚିତ୍କାର କରିବାରୁ ସେଠାରେ ଥିବା କର୍ମଚାରୀମାନେ ହରିନାରାୟଣକୁ କାବୁ କରିବାକୁ ଚେଷ୍ଟା କରିବା ମାତ୍ରେ ସେ ସେଠାରୁ ଫେରାର ହୋଇଯାଇଥିଲା। ଏ ନେଇ ଶନିବାର ଅପରାହ୍ଣରେ ଘଟଣା ଘଟିବାର ଦୀର୍ଘ ୧୦ ଘଣ୍ଟା ବିଳମ୍ବରେ ବୃଦ୍ଧାଶ୍ରମ ପରିସରରେ ଦାୟିତ୍ୱରେ ଥିବା 'ମମି ସେଣ୍ଟର୍'ର ଅଧିକାରୀ ତାମ୍ବାଲି ନାୟକ ରାମଚଣ୍ଡୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ରାମଚଣ୍ଡୀ ପୋଲିସ ତ୍ୱରିତ ପଦକ୍ଷେପ ନେଇ ଆଜି ରବିବାର ବରପଦା ଗ୍ରାମ ନିକଟ ଏକ ଜଙ୍ଗଲ ମଧ୍ୟରେ ଲୁଚିଥିବା ଖବର ପାଇ ତାକୁ ସେଠାରୁ ଗିରଫ କରି ଥାନାକୁ ଆଣିଥିଲେ। ଏ ନେଇ ରାମଚଣ୍ଡୀ ଥାନାରେ ଏକ ମାମଲା ରୁଜୁକରି କୋଣାର୍କ କୋର୍ଟରେ ହାଜର କରାଇଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସଂପୃକ୍ତା ଅଣଓଡ଼ିଆ ଯୁବତୀଙ୍କୁ ବିଜୟା ସୁଧାର ଗୃହକୁ ପଠାଇ ଦିଆଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି। ସୂଚନାଥାଉ କି ଉକ୍ତ ଆସାମୀ ପୂର୍ବରୁ ମଧ 'ଶ୍ରଦ୍ଧାଳୟ ବୃଦ୍ଧାଶ୍ରମ' ପରିସରରେ ସୁରକ୍ଷା ପାଚେରୀ ଡେଇଁ ପ୍ରବେଶ କରି ଧରାପଡି ଗତ ସେପ୍ଟେମ୍ବର ୧୪ ତାରିଖରେ ନିମାପଡା ଜେଲ୍‌ରେ ଥିଲା। ମାତ୍ର ଗତ ୪ଦିନ ତଳେ ସେ ଜେଲ୍‌ରୁ ଜାମିନରେ ଆସିବା ପରେ ପୁଣି ଗତକାଲି ଏଭଳି କାଣ୍ଡ ଘଟାଇଥିଲା। ବୃଦ୍ଧାଶ୍ରମରେ ଥିବା ପରିଚାଳକଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏକ ସମ୍ବେଦନଶୀଳ ଘଟଣା ଘଟିବା ପରେ ବି ଦୀର୍ଘ ୧୦ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ଥାନାରେ ଲିଖିତ ଅଭିଯୋଗ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଳାମାର୍ଗରେ ଥିବା ଏହି ବୃଦ୍ଧାଶ୍ରମ ଏବେ ଅସୁରକ୍ଷିତ ହୋଇପଡ଼ିଥିବା ଜଣାପଡ଼ିଛି।

# ବିଧାୟକଙ୍କ ଦ୍ୱାରା ଗୋବରୀ ଜଳ ବିକାଶ ପ୍ରଣାଳୀର ସଂଯୋଗ ନାଳୀ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



**ମାହାଙ୍ଗା,୨୨।୨/ଏନ୍‌ଏନ୍‌ଏସ୍‌:** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଭଉଁରିଆ ପଂଚାୟତ ଗସ୍ତ କରି ପଦରବାଟିଆ ଠାରେ ଗୋବରୀ ଜଳ ବିକାଶ ପ୍ରଣାଳୀର ସଂଯୋଗ ନାଳୀ ଗୁଡିକର ଉନ୍ନତୀକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିବା ପରେ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ସମିତିସଭ୍ୟ ମନୋରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ୧୯ଟି ପଞ୍ଚାୟତର ଚାଷୀ ମାନେ ଉପକୃତ ହୋଇପାରିବେ। ଗୋବରୀ ଓ ମଇଯୋରାରେ ୨୦ଟି ପଞ୍ଚାୟତରେ ବନ୍ୟା ହୋଇଥାଏ। ଏହି ଡ୍ରେନେଜ କଟର ସୁଦୃଢୀ କରଣ ହେବା ସହ ପର୍ଯ୍ୟାପ୍ତ ପରିମାଣର ଖନନ ହେଉ ବୋଲି କହିଥିଲେ। ଏଥିରେ ଅତିଥିଭାବେ ବିଚିତ୍ରାନନ୍ଦ ପଣ୍ଡା,ଆତ୍ମା ଅଧକ୍ଷ କିଶୋର ରାଉତ, ଦେବେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷା କମଳା ବସ୍ତିଆ,କନକ ଲତା ବେହେରା, ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ରମେଶ ସ୍ୱାଇଁ, ଧ୍ରୁବଚରଣ ସାମଲ, ସଞ୍ଜୟ ବେହେରା,ପ୍ରମୋଦ ମହାରଣାଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ମଞ୍ଚାସୀନ ଥିଲେ। ଜିତେନ୍ଦ୍ର ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଇନଜୀବୀ ଗୌତମ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ସେଠୀ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋଜ ନାଥ, ରଶ୍ମିକାନ୍ତ ସ୍ୱାଇଁ,ଅମୀୟ ରଞ୍ଜନ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ପର୍‌ମିଟ୍ ଥାଇ ଷ୍ଟାଣ୍ଡକୁ ଆସୁନି ବସ୍, ଯାତ୍ରୀ ହିନସ୍ତା

**କଣ୍ଟିଲୋ,୨୨।୨/ଏନ୍‌ଏନ୍‌ଏସ୍‌:** ଯାତ୍ରୀମାନେ ନିଜନିଜର ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ପାଇଁ ରାଜ୍ୟ ସରକାର ବହୁଗୁଡ଼ିଏ ସରକାରୀ ଓ ବେସରକାରୀ ବସ୍ ଚଳା ଚଳ ପାଇଁ ସଂପୃକ୍ତ ବସ୍ ଗୁଡ଼ିକୁ ରୋଡ ଓ ରୁଟ୍ ପର୍‌ମିଟି ପ୍ରଦାନ କରିଥିବାର ବହୁ ନଜିର ଅଛି। କିନ୍ତୁ ଅଧିକାଂଶ ବସ୍ ମାଲିକ ମାନେ ପାଇଥିବା ରୋଡ ପରମିଟ୍‌ରେ ଥିବା ରୁଟ ଚାର୍ଟ କୁ ଖାତିରି ନକରି ତାଙ୍କୁ ସୁହାଇଲା ଭଳି କିଛି ବସ୍ ଆଦୌ ଷ୍ଟାଣ୍ଡକୁ ନ ଆସିବା ଓ ଆଉ କିଛି ବସ୍ ମାଲିକମାନେ ଉପର ବେଳା ଓ ସନ୍ଧ୍ୟା ସମୟେ ଷ୍ଟାଣ୍ଡକୁ ନଆସି ବାହାରେ ବାହାରେ ଚାଲିଯାଉଥିବା ଯୋଗୁ କଣ୍ଟିଲୋକୁ ଯାତାୟାତ କରୁଥିବା ଯାତ୍ରୀ ମାନେ ବହୁ ହଇରାଣ, ହନ୍ତସନ୍ତ ଓ ହିନସ୍ଥା ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ,ସରକାରୀ ବସ୍ ନୟାଗଡ଼ ରୁ ରାଉରକେଲା ଓ ରାଉରକେଲାରୁ ନୟାଗଡ଼ ଓ ବେସରକାରୀ ଚୌଧୁରି ବସ୍ ବ୍ରହ୍ମପୁରରୁ ନରସିଂହ ପୁର ଓ ନରସିଂହପୁରରୁ ବ୍ରହ୍ମପୁର ଉଭୟ ବସ୍ ଯାତାୟାତ ପାଇଁ ସରକାରଙ୍କ ଠାରୁ ପାଇଥିବା ରୁଟଚାର୍ଟରେ ପରିଷ୍କାର ଭାବେ ଉଲ୍ଲେଖ ଅଛି କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୀଠ ଷ୍ଟାଣ୍ଡ ଦେଇ ଯିବା ଆସିବା ପାଇଁ। କିନ୍ତୁ ଏହି ଦୁଇ ବସର୍ କର୍ମଚାରୀମାନଙ୍କ ଖାମଖିଆଲ ନୀତି, ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର, ନିଜ ନିଜର ମନମାନି ଓ ଅନ୍ତର୍ନିହିତ ସ୍ୱାର୍ଥ ପାଇଁ କଣ୍ଟିଲୋ ପର୍ଯ୍ୟନ୍ତ ଟିକେଟ କରିଥିଲେ ମଧ୍ୟ କଣ୍ଟିଲୋ ବସ୍‌ଷ୍ଟାଣ୍ଡକୁ ନଆସି ତିନି କିଲୋମିଟର ଦୂର ଶୁଳିଆଛକରେ ଯାତ୍ରୀମାନଙ୍କୁ ଜବରଦସ୍ତ ଓହ୍ଲାଇଦେଇ ଚାଲିଯାଉଥିବା ବେଳେ ବେସରକାରୀ 'ମା ବସ' ବୌଦରୁ ଖଣ୍ଡପଡ଼ା ବ୍ଲକ ବାହାଡ଼ା ଓ ନୟାଗଡ଼ରୁ ଅନୁଗୋଳ 'ନାୟକ ବସ୍' ଦୁଇଟି ଆଦୌ ଉପର ବେଳା କଣ୍ଟିଲୋ ବସ୍ ଷ୍ଟାଣ୍ଡକୁ ନ ଆସି ବାଣପୁର କିମ୍ବା ଶୁଳିଆ ଛକରେ ଓହ୍ଲାଇଦେଇ ଚାଲି ଯାଉଛି। ଫଳରେ ପୁରୁଷ, ମହିଳା, ଚୁଆ ପିଲା ଧରି ସନ୍ଧ୍ୟା ସମୟେ ୩ କିଲୋମିଟର ରାସ୍ତା ଯିବା ଆସିବା କଲାବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ରୋଡ ପର୍‌ମିଟ୍ ଓ ରୁଟ୍ ଚାର୍ଟ ଅନୁଯାୟୀ କଣ୍ଟିଲୋ ବସ୍ ଷ୍ଟାଣ୍ଡକୁ ପ୍ରତ୍ୟେକ ବସ୍ ଯାତାୟାତ ପାଇଁ ସଂପୃକ୍ତ ବସ୍ ମାଲିକ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବା ଏବଂ ଯେଉଁ ବସ୍ ସରକାରୀ ଆଇନ ଓ ନିର୍ଦ୍ଦେଶକୁ ଅବମାନନା କରୁଛି ତା'ର ରୋଡ ପର୍‌ମିଟ୍ ରଦ୍ଦ କରିବାକୁ ଏ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଜନତା ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# କିନ୍ନର ହତ୍ୟା ଘଟଣାର ତୃତୀୟ ଅଭିଯୁକ୍ତ ଛବିନା କାଣ୍ଡି ଗିରଫ

**କୋଣାର୍କ,୨୨।୨/ଏନ୍‌ଏନ୍‌ଏସ୍‌:** ଗତଫେବୃଆରୀ ୧ ତାରିଖରେ ବହୁ ଚର୍ଚ୍ଚିତ ପିପିଲି କିନ୍ନର ହତ୍ୟାକାଣ୍ଡ ଘଟଣାରେ ଆଜି ପୋଲିସ ଦୀର୍ଘ ୨୨ ଦିନ ପରେ ତୃତୀୟ ଅଭିଯୁକ୍ତ ଆସାମୀକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ମୁତାବକ ହତ୍ୟାଘଟଣା ଦିନ ଠାରୁ ତୃତୀୟ ଅଭିଯୁକ୍ତ ଆସାମୀ ଛବିନା କାଣ୍ଡି(୩୫)ଫେରାର ରହିଥିଲା। ପୁଲିସ ତା'ର ଗତିବିଧିକୁ ନଜରରେ ରଖି ତଥ୍ୟ ସଂଗ୍ରହରେ ଲାଗିପଡିଥିଲା। ବିଶେଷ ସୂତ୍ରରୁ ରାମଚଣ୍ଡୀ ପୋଲିସ ଖବର ସଂଗ୍ରହ କରି ତରକୋର ପଞ୍ଚାୟତ ବାଙ୍ଗର ବରପଦା ଗ୍ରାମ ନିକଟ ଏକ ଜଙ୍ଗଲ ମଧ୍ୟରେ ଥିବା ଏକ କୁଡ଼ିଆ ଘର ମଧ୍ୟରେ ତୃତୀୟ ଅଭିଯୁକ୍ତ ଆସାମୀ ଛବିନା କାଣ୍ଡି ଲୁଚି ରହିଥିବା ବେଳେ ଆଜି ରବିବାର ଭୋରରୁ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡା ଫୋର୍ସ ସହ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ାଉକରି ଆସାମୀ ଛବିନା କାଣ୍ଡିକୁ ଗିରଫକରି ରାମଚଣ୍ଡୀ ଥାନାକୁ ଆଣି ପଚାର ଉଚରା କରିଥିଲେ। ପରେ ଏହି ଘଟଣାର ତଦନ୍ତ କରୁଥିବା ପିପିଲି ଥାନାର ସ୍ୱତନ୍ତ୍ର ଟିମ୍‌କୁ ରାମଚଣ୍ଡୀ ପୋଲିସ ଆସାମୀ ଛବିନା କାଣ୍ଡିକୁ ହସ୍ତାନ୍ତର କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା

**ବୋଲଗଡ଼,୨୨।୨/ଏନ୍‌ଏନ୍‌ଏସ୍‌:** ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର (ସି.ସି.ଡବ୍ଲ୍ୟୁ,ଏସ୍.ଡି) ତରଫରୁ ଦୀର୍ଘ ୨୭ ବର୍ଷ ଧରି ଶିଶୁ ମାନଙ୍କର ଅଭିନବ ଶିକ୍ଷା କ୍ଷେତ୍ରରେ ସାରା ରାଜ୍ୟରେ କାର୍ଯ୍ୟ କରୁଛି। ଶିଶୁମାନଙ୍କୁ ପ୍ରାରମ୍ଭିକ ସ୍ତରରୁ ରାଜ୍ୟ ତଥା ଜାତୀୟ ସ୍ତରର ପରୀକ୍ଷା ଦେବା ପାଇଁ ଏହା ଏକ ପୂର୍ବ ପ୍ରସ୍ତୁତି ହୋଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବକୁ ସୁଦୃଢ଼ କରାଇବା ଓ ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ଗଠନ ମୂଳକ ଲୁକ୍‌କାୟିତ ପ୍ରତିଭାର ଉନ୍ମେଷ ଓ ବିକାଶ କରିବା କେନ୍ଦ୍ରର ଲକ୍ଷ୍ୟ। ପ୍ରକାଶ ଯୋଗ୍ୟ ଦ୍ୱିତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଏହି ପରୀକ୍ଷାରେ ସରକାରୀ ତଥା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି।ଏହି ପରୀକ୍ଷାରେ ବିଦ୍ୟାଳୟର ପାଠ୍ୟକ୍ରମ ସହ ବାହ୍ୟ ପାଠ ଯଥା- ସାଧାରଣ ଜ୍ଞାନ, ମାନସିକ ଦକ୍ଷତା,ସଂପ୍ରତିକ ଘଟଣାବଳୀ ସମେତ ୧୦୦ଟି ପ୍ରଶ୍ନ ସମ୍ବଳିତ ପରୀକ୍ଷାର ଆୟୋଜନ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବର ମାସରେ ଭୁବନେଶ୍ୱରର ଜୟଦେବ ଭବନରେ ବାର୍ଷିକ ରାଶି, ପଦକ, ପ୍ରମାଣପତ୍ର ସହ ସାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯିବ।ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ସାନନ୍ଦ କୁମାର ସାହୁ ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ନିରୀକ୍ଷଣ କରିଥିଲେ। ଆଜି ବୀଣାପାଣି ଶିଶୁ ବିଦ୍ୟାମନ୍ଦିର ବଂକୋଇ, ସରସ୍ୱତୀ ଶିଶୁ ମନ୍ଦିର ସାନପଦର,ସରସ୍ୱତୀ ଶିଶୁ ମନ୍ଦିର ଦେଉଳି ଠାରେ ପରୀକ୍ଷା କେନ୍ଦ୍ର ହୋଇଥିଲା। ଉପରୋକ୍ତ ପରୀକ୍ଷା କେନ୍ଦ୍ରରେ ଯଥାକ୍ରମେ ୬୮,୭୭,୭୬ ଜଣ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଉଚ୍ଚବିଦ୍ୟାଳୟ ସଂପାଦିକାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ

**କୁଆଁପାଳ,୨୨।୨/ଏନ୍‌ଏନ୍‌ଏସ୍‌:** ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅନ୍ତର୍ଗତ ବାଲିପଡା ଗ୍ରାମର ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁରଙ୍କ ଧର୍ମ ପତ୍ନୀ ସ୍ୱର୍ଗତା ଲକ୍ଷ୍ମୀପ୍ରିୟା କୁଅଁରଙ୍କର ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥି ଓ ପରିବାରର ସଦସ୍ୟମାନେ ସ୍ୱର୍ଗତା ଲକ୍ଷ୍ମୀପ୍ରିୟା କୁଅଁର ପ୍ରତିମୂର୍ତ୍ତୀ ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଂପାଦିକା ଭାବେ କାର୍ଯ୍ୟ କରିବା ସହିତ ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଂଚଳରେ ପରିଚିତା ଥିଲେ। ତାଙ୍କର ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାମଲ, ଶିକ୍ଷୟିତ୍ରୀ ସଂଯୁକ୍ତା ବାଳା ନାଥଶର୍ମା, ଶିକ୍ଷକ ମନୋରଂଜନ କର, ଦିଲ୍ଲୀପ କୁମାର ସ୍ୱାଇଁ, ରିଆଜ୍ ଆଲାମ ଖାଁ, ଶ୍ରୀଧର କୁଅଁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାହାଜାନ୍ ବେଗମ୍, ଶିକ୍ଷୟିତ୍ରୀ ମମତା ଶତପଥି, ଅଜୟ କୁମାର ସିଂ, ଝିଅ ଜୟଶ୍ରୀ ନାୟକ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ରାଜଶ୍ରୀ ପ୍ରିୟଦର୍ଶିନୀ, ମୀନଶ୍ରୀ ପ୍ରିୟଦର୍ଶିନୀ, ସୌମ୍ୟଶ୍ରୀ ସୁକୁମାର ପ୍ରିୟଦର୍ଶିନୀ, ନମିତା କୁଅଁର, ବୋହୁ ସବିତା କୁଅଁର, ଜୟନ୍ତୀ କୁଅଁର, ନାତି ଜିତେନ୍ଦ୍ର କୁଅଁର,ପୁତ୍ର ଯତୀନ୍‌ଜୟ କୁଅଁର, ଭିକାରୀ ଚରଣ ସିଂ, ବିଜୟ କୁଅଁର, ବିଜୟ କୁମାର ସିଂ, ନାତୁଣୀ ଜୟଶ୍ରୀ କୁଅଁର, ଯାଜ୍ଞଶ୍ରୀ କୁଅଁର, ସ୍ତମ୍ଭକାର ବିବେକାନନ୍ଦ ଦାସ, ଶିକ୍ଷକ ଅଭୟ କୁମାର ଜେନାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଲକ୍ଷ୍ମୀପ୍ରିୟା କୁଅଁରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ତ୍ରିଦିବସୀୟ ବିଷ୍ଣୁ ମହାଯଜ୍ଞ ଶୁଭାରମ୍ଭ

**ସାଲେପୁର,୨୨।୨/ଏନ୍‌ଏନ୍‌ଏସ୍‌:** ସାଲେପୁର ବ୍ଲକ୍ ପାଟପୁର ସ୍ଥିତ ଶ୍ରୀଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ତ୍ରିଦିବସୀୟ ଶ୍ରୀଶ୍ରୀ ବିଷ୍ଣୁ ମହାଯଜ୍ଞ ତିନି ଧରି ଅନୁଷ୍ଠିତ ହେବାକୁ ଯାଉଛି। ମନ୍ଦିର ପରିଚାଳନା ସମିତି ଓ ପାଟପୁର ଗ୍ରାମବାସୀଙ୍କ ପକ୍ଷରୁ ଆଜକୁ ୨୫ବର୍ଷ ଧରି ଏହି ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ପୁରୀ ଶ୍ରୀକ୍ଷେତ୍ରରୁ ପ୍ରତିବର୍ଷ ପରି ଏବର୍ଷ ମଧ ଆଜ୍ଞାମାଳ ଏକ ସୁସଜିତ ବିମାନରେ ଆସିଛି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ମହା ସମାରୋହରେ ଆସି ସାଲେପୁର ସ୍ଥିତ ଖରାଖିଆ ମହାଦେବଙ୍କ ପୀଠସ୍ଥଳୀରେ ପହଂଚିବା ପରେ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସମୟରେ ବହୁ ଭକ୍ତ,ଶ୍ରଦ୍ଧାଳୁ ଓ ଜନସାଧାରଣମାନେ ରୀତିନୀତିରେ ଗ୍ରାମ ଦାଣ୍ଡରେ ଭୋଗଲାଗି କରିବା ସହ ଛୋଟଛୋଟ ପିଲାମାନଙ୍କୁ ଆଜ୍ଞାମାଳ ନେଇ ଆସିଥିବା ସୁସଜିତ ବିମାନ ତଳେ ଶୋଇ ଦେଇ ପିଲାମାନେ ଦିର୍ଘାୟୁ ହେବା ସହିତ ନିରୋଗୀ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଆଜ୍ଞା ମାଳ ନେଇ ଆସିଥିବା ବିମାନ ଗ୍ରାମଦେବତୀ ପୀଠ ପରିକ୍ରମା କରିବା ପରେ ପାଟପୁର ରାଧାକାନ୍ତ ଜିଉ ମନ୍ଦିରର ମହାବିଷ୍ଣୁଙ୍କ ଯଜ୍ଞ ସ୍ଥଳରେ ପହଂଚିଥିଲା। ଯଜ୍ଞ ଉତ୍ସବର କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମ, ଘଟସ୍ଥାପନା, ଅଙ୍କୁରାରୋପଣ, ଗୋ ପୂଜା ସୁର୍ଯ୍ୟ ପୂଜା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଅଛି। ତେବେ ସମଗ୍ର ପରିସର ଏହି ସମୟରେ ଘଣ୍ଟ, ଘଣ୍ଟା ମାଦଳ କାହାଳି, ହୁଳହୁଳି ହରିବୋଲ ମନ୍ତ୍ରଧ୍ୱନି ରେ ପ୍ରକମ୍ପିତ ହୋଇ ଉଠିଥିଲା। ଆସନ୍ତା ୨୫ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ଓଡ଼ିଶାର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ଭଜନ, ସଙ୍ଗୀତ ପରିବେଷଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ

**କୁଆଁପାଳ,୨୨।୨/ଏନ୍‌ଏନ୍‌ଏସ୍‌:** ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତସ୍ଥିତ ଦୁଲ୍ଲାରପୁରର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର କୋଷାଧ୍ୟକ୍ଷ କଲ୍ଲୋଳଚନ୍ଦ୍ର ମହାନ୍ତିଙ୍କର ୮୦ତମ ସ୍ୱନକ୍ଷତ୍ର ଦିବସ ଏବଂ ଦିବ୍ୟଜନନୀ ଶ୍ରୀମାଆଙ୍କ ୧୪୯ତମ ଜନ୍ମତିଥି ଅବସରରେ ଏକ ପାଠଚକ୍ର ସମ୍ମିଳନୀ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀମାଆ ଶ୍ରୀ ଅରବିନ୍ଦଙ୍କର ଫଟୋଚିତ୍ରରେ ଧୂପପୁଷ୍ପ ଅର୍ପଣ ପୂର୍ବକ ସମବେତ ଧ୍ୟାନ କରାଯାଇଥିଲା। ପରେ ଦୁର୍ଗାସ୍ତୋତ୍ର, ମାଆ ବହିର ତୃତୀୟ ଅଧ୍ୟାୟ ପଠନ କରାଯିବା ସହିତ ମାତୃ ସଂଗୀତ ଗାନ କରାଯାଇଥିଲା। ଦିବ୍ୟଜନନୀ ଶ୍ରୀ ମାଆ ଶୀର୍ଷକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଶିକ୍ଷାବିତ ବ୍ରଜସୁନ୍ଦର ନାୟକ, କବି ସଦାଶିବ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ମାତୃସାଧକ ଗୌତମ ଚରଣ ଜେନା, ଶରତ ଚନ୍ଦ୍ର ମହାନ୍ତି, ଆଲୋକ କୁମାର ମହାରଣା, ସୁବାଷ ଚନ୍ଦ୍ର ମହାନ୍ତି, ମହିମାଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ସାମ୍ବାଦିକ ବିଜୟ କୁଅଁର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, କବି ପ୍ରଫୁଲ୍ଲ କୁମାର ସିଂ, ଗଦାଧର ପାଣି ପ୍ରମୁଖ ଯୋଗଦେଇ ଶ୍ରୀ ମାଆଙ୍କ ଆର୍ବିଭାବ ଓ ତାଙ୍କର କାର୍ଯ୍ୟଶୈଳୀ ସଂପର୍କରେ ତାତ୍ତ୍ୱିକ ତଥ୍ୟ ସମ୍ବଳିତ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ସାହିତ୍ୟିକ କଲ୍ଲୋଳ ଚନ୍ଦ୍ର ମହାନ୍ତିଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଶ୍ରୀଯୁକ୍ତ ମହାନ୍ତି ନିଜ ବକ୍ତବ୍ୟରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନଙ୍କୁ କଲ୍ୟାଣ ସୂଚକ ବାର୍ତ୍ତା ପ୍ରଦାନ କରିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଆଶିଷ ଭିକ୍ଷା କରିଥିଲେ। ଉତ୍ସବରେ ସ୍ଥାନୀୟ ଆଞ୍ଚଳିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା ଭାଇଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମା'ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# ଫାଇନାଲ୍‌ରେ ଶରଣକୁଳ ଟିମ୍



**ଶରଣକୁଳ,୨୨।୨/ଏନ୍‌ଏନ୍‌ଏସ୍‌:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ କଲେଜ ଖେଳପଡ଼ିଆରେ ମା'ରାମଚଣ୍ଡୀ କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ପରିଚାଳିତ ଅନ୍ତିମ ଲିଗ୍ ମ୍ୟାଚର ଚତୁର୍ଥ ଦିବସର ପ୍ରଥମ ଲିଗ୍ ମ୍ୟାଚ ମହାକାଳ ୱାରିୟର୍ସ୍ ସହିତ ପାୱାର୍ ହିଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାକାଳ ୱାରିୟରସ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ପାୱାର ହିଟରକୁ ୧୨୮ ରନର ଟାର୍ଗେଟ ଦେଇଥିଲା। ଏହାର ଜବାବରେ ପାୱାର ହିଟର ଦଳ ୮.୪ ଓଭରରେ ୫ ୱିକେଟ ବିନିମୟରେ ନିର୍ଦ୍ଧାରିତ ରନ୍ ସଂଗ୍ରହକରି ନେଇ ବିଜୟଲାଭ କରିଥିଲା।ଏହି ମ୍ୟାଚରେ ପିଣ୍ଟୁ ଏକାକୀ ୪୭ ରନ୍ ସଂଗ୍ରହକରି ମ୍ୟାନ ଅଫ୍ ଦିମ୍ୟାଚ ବିବେଚିତ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଭୋଲେବାବା ଏକାଦଶ ସହିତ ଇଲାଇଟ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୋଲେବାବା ଟିମ୍ ପ୍ରଥମେ ବ୍ୟାଟିଂକରି ଇଲାଇଟ ଷ୍ଟ୍ରାଇକରକୁ ୧୦୯ ରନ୍‌ର ଟାର୍ଗେଟ ଦେଇଥିଲା। ଜବାବରେ ଇଲାଇଟ ଷ୍ଟ୍ରାଇକର ୮.୨ ଓଭରରେ ସମସ୍ତ ୱିକେଟ ହରାଇ ୬୦ ରନ୍ କରିବା ପାଇଁ ସକ୍ଷମ ହୋଇଥିଲେ। ଏହି ମ୍ୟାଚରେ ଭୋଲେବାବା ଦଳର ବିଜୟ ମ୍ୟାନ ଅଫ୍ ଦିମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଅନ୍ତିମ ଲିଗ୍ ମ୍ୟାଚରେ ପାୱାର୍ ହିଟର ସହିତ ଶରଣକୁଳ ନେଷ୍ଟ ଜେନେରସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପାୱାର ହିଟର ଦଳ ପ୍ରଥମେ ବ୍ୟାଟିଂକରି ନେଷ୍ଟ ଜେନେରସନ୍ ଶରଣକୁଳ ଦଳକୁ ୧୧୦ ରନର ଟାର୍ଗେଟ ଦେଇଥିଲା। ଜବାବରେ ନେଷ୍ଟ ଜେନେରସନ୍ ଶରଣକୁଳ ୯.୨ ଓଭରରେ ୪ ୱିକେଟ ବିନିମୟରେ ଟାର୍ଗେଟ ପୂରଣକରି ଫାଇନାଲରେ ପ୍ରବେଶ କରିଛି ଏହି ମ୍ୟାଚରେ ଶରଣକୁଳ ଦଳର ଟୁକୁନା ଏକାକୀ ୪୨ ରନ୍ ସଂଗ୍ରହକରି ମ୍ୟାନ ଅଫ୍ ଦିମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ଦାଶରଥି ପରିଡ଼ା, ପଦ୍ମନାଭ ସାହୁ, ଅମ୍ରିତ ପ୍ରସାଦ ସାହୁ ଓ ସମୀର ସାହୁ ପରିଚାଳନା କରିଥିଲେ।ଆସନ୍ତା କାଲିର ସେମିଫାଇନାଲ ମ୍ୟାଚ ଭୋଲେବାବା ଏକାଦଶ ସହିତ ଇଲାଇଟ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହେବବୋଲି ଆସୋସିଏସନ୍ ତରଫରୁ ସୂଚନା ପ୍ରଦାନ କରାଯାଇଛି।ଆଜିର ଖେଳରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ଜଣାପଡିଛି।

# ୯୦ତମ ତ୍ରିମୂର୍ତ୍ତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ମହୋତ୍ସବ ଉଦ୍‌ଯାପିତ

**ଖୋର୍ଦ୍ଧା,୨୨।୨/ଏନ୍‌ଏନ୍‌ଏସ୍‌:** ଖୋର୍ଦ୍ଧା ଜିଲ୍ଲା ବଡପୋଖରୀଆ ଗ୍ରାମପଞ୍ଚାୟତର ବୋଡଗଂରା ଠାରେ ପ୍ରତିଷ୍ଠିତ ଓମଶାନ୍ତି ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ବରଦାନୀ ଭବନରେ ୯୦ତମ ତ୍ରିମୂର୍ତ୍ତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ମହୋତ୍ସବ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଦୁଇ ମାସ ଧରି ଚାଲିଥିବା ମହାଶିବରାତ୍ରି ମହୋତ୍ସବ ଏହି ଅବସରରେ ଉଦଯାପିତ ହୋଇଥିଲା । ସମାଜସେବୀ ଓ ଶିଳ୍ପପତି ସଚିନ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓମଶାନ୍ତି ଆଶ୍ରମ ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାମନାଥ ଭାଇ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଓ ଶିବତତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଭୁବନେଶ୍ୱର ଓମଶାନ୍ତିର ଗୀତା ଦିଦି, ବିକେ ଦେବଜାନୀ ଭଉଣୀ, ବେଙ୍ଗାଲୁରୁରୁ ସଂଗୀତା ବଳିୟାରସିଂହ ଭଉଣୀ, ବରିଷ୍ଠ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ, ବାସନ୍ତୀ ମହାପାତ୍ର, ଶିକ୍ଷାବିତ ଲିଙ୍ଗରାଜ ପାଇକରାୟ ଓ ହାଡିବନ୍ଧୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଆଧ୍ୟାତ୍ମିକ ମାଧ୍ୟମରେ ଶିବ ଦର୍ଶନ କରି ମୋକ୍ଷ ଲାଭ କରିବା ସହ ସମାଜକୁ ସତ୍ମାର୍ଗରେ ପରିଚାଳିତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହି ମହୋତ୍ସବ ଅବସରରେ ହାଇଟେକ ମେଡିକାଲ କଲେଜ ପକ୍ଷରୁ ବରିଷ୍ଠ ଡାକ୍ତରମାନଙ୍କ ଉପସ୍ଥିତିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଓ ଗ୍ରାମବାସୀ ଯୋଗଦେଇ ଜ୍ୟୋତିର୍ଲିଙ୍ଗ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଥିଲା।

# 'ହେଲ୍ପ ଫର୍ ନିଡି' ପକ୍ଷରୁ ପ୍ରସ୍ତୁତି ବୈଠକ

**ଚାରିଛକ,୨୨।୨/ଏନ୍‌ଏନ୍‌ଏସ୍‌:** ଚାରିଛକ ନିକଟସ୍ଥ ସଦାବାଜୀ ତୋଟାରେ ହେଲ୍ପଫର ନିଡିର ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ବର୍ଷରେ ଚାରିଛକ ସହିତ ବିଭିନ୍ନ ଅଞ୍ଚଳରେ ଥିବା ବିଭିନ୍ନ ପ୍ରକାର ସମସ୍ୟା ଯଥା, ନିରୀହ ଗରିବ ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଭିନ୍ନକ୍ଷମ ବ୍ୟକ୍ତିକୁ ଆଶା ବାଡ଼ି ଟ୍ରାଇ ସାଇକେଲ ପ୍ରଦାନ, ବିଭିନ୍ନ ଧର୍ମ ଅନୁଷ୍ଠାନ ସଫେଇ, ରକ୍ତଦାନ ଶିବିର, ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ଜନ ମଙ୍ଗଳ କାର୍ଯ୍ୟକ୍ରମ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ହେଲ୍ପଫର ନିଡ଼ି ପୂର୍ବତନ ସଭାପତି ଡାନିସି ପଟେଲ ନାୟକ କାର୍ଯ୍ୟକାରୀ ସଭାପତି ରାଜେଶ ଦାସ ସାଧାରଣ ସମ୍ପାଦକ ଦୀପକ କୁମାର ବରାଳ ସହ ସଁମ୍ପାଦକ ମନୋଜ କୁମାର ବାରିକ କୋଷାଧକ୍ଷ ରଞ୍ଜିତ ପରିଡା ସହିତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ବୈଠକକୁ ଅନୁଷ୍ଠାନର ଉପଦେଷ୍ଟା ଲକ୍ଷ୍ମୀଧର ବେହେରା ସାଧୁବାଦ ଜଣାଇଥିଲେ।

# ଦୋଳପର୍ବ ପାଇଁ ପ୍ରସ୍ତୁତି ବୈଠକ

**ବୟାଳିଶମୌଜା,୨୨।୨/ଏନ୍‌ଏନ୍‌ଏସ୍‌:** ୪୨ ମୌଜା ଅଞ୍ଚଳରେ ଦୋଳପର୍ବ ଶାନ୍ତିଶୃଙ୍ଖଳା ସହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ହେମନ୍ତ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚତୁର୍ଦ୍ଦଶ ମଣ୍ଡଳର ସର୍ବମହନ୍ତ, ମହନ୍ତ, ଅଧିକାରୀ, ୪୮ ଓ ୨୨ ମଣ୍ଡଳର ସମସ୍ତ ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମେଳଣ ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କଟକ ସଦର ନିର୍ବାଚନମଣ୍ଡଳୀରେ ଏହି ମେଳଣ ବେଶ ଆଦୃତ ହୋଇପାରିଛି ବୋଲି ସର୍ବମହନ୍ତ ସୁରେନ୍ଦ୍ରନାଥ ପଣ୍ଡା କହିଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଲୋକ ପ୍ରତିନିଧିମାନେ ମଧ ଉପସ୍ଥିତ ରହିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ଗୋପାଳସମାଜ ତରଫରୁ ନୂତନ ରାଧାକୃଷ୍ଣ ମନ୍ଦିର ନିର୍ମାଣ

**ଚାରିଛକ,୨୨।୨/ଏନ୍‌ଏନ୍‌ଏସ୍‌:** ଚାରିଛକ ନିକଟସ୍ଥ ତୁଳସିପୁର ପଞ୍ଚାୟତ ଦାଣ୍ଡିକିରା ଶ୍ରୀ କୋଇଲି ଠାରେ ଗୋପାଳ ସମାଜ ପକ୍ଷରୁ ଏକ ନୂତନ ରାଧାକ୍ରିଷ୍ଣା ମନ୍ଦିର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଏଥିରେ ଦଣ୍ଡିକିରା ଗ୍ରାମର ଦୀନବନ୍ଧୁ ବେହେରା, ବିଜୟ ବେହେରା, ଦଶରଥ ବେହେରା, ଅଜୟ ବେହେରା, ଅନାମ ବେହେରା, ମୋହନ ଦାଶ, ନବଘନ ଦାସ, ପଞ୍ଚାନନ ଦାସ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଆଗକୁ ବାଡି ଲଉଡ଼ି ଖେଳକୁ ଦୃଷ୍ଟିରେ ରଖି ଏଠାରେ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଜିଲ୍ଲାର ଖେଳାଳିମାନେ ଯୋଗଦେବେ ବୋଲି ପୁରୀ ଜିଲ୍ଲା ଗୋପାଳ ସମାଜର ନିମାପଡା ବ୍ଲକ ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା ସୂଚନା ଦେଇଛନ୍ତି।

**ନିତି ଭାରତୀ**

ଭୁଲ୍ କାମ କରିବା ଦ୍ୱାରା ଭୟଭୀତ ହେବା ତୁଳନାରେ ଠିକ୍ କାମ କରିବା ପାଇଁ ସାଧାରଣତଃ ଅଧିକ ସାହସର ଆବଶ୍ୟକ ହୁଏ । - ଆବ୍ରାହମ୍ ଲିଙ୍କନ ।

ନିତିଦିନ NITIDIN

ସୋମବାର, ୨୩ ଫେବୃଆରୀ ୨୦୨୬

# ଆନ୍ଧ୍ରର ବିରଳ ମୃତ୍ତିକା ତଟରେଖା ଭାରତବର୍ଷର ସ୍ୱଚ୍ଛ ଶକ୍ତିର ସ୍ୱପ୍ନକୁ କ'ଣ ଚରିତାର୍ଥ କରିପାରିବ ?



ଡକ୍ଟର ଚିତ୍ତରଂଜନ ମିଶ୍ର

ଆନ୍ଧ୍ରପ୍ରଦେଶର ୯୭୪ କିଲୋମିଟରର ବିସ୍ତାରିତ ସୁଦୀର୍ଘ ତଟରେଖା ଉଚ୍ଚମାନ ସଂପନ୍ନ ବିରଳ ମୃତ୍ତିକାର ଅମୂଲ୍ୟ ଭଣ୍ଡାର ଭାବେ ପରିଗଣିତ ହେଉଅଛି ଯାହାକି ଭାରତବର୍ଷର ସ୍ୱଚ୍ଛଶକ୍ତି, ଦେଶରକ୍ଷା ଓ ସେମିକଣ୍ଡକ୍ଟରର ସ୍ୱପ୍ନକୁ ନିଶ୍ଚିତ ଭାବେ ଚରିତାର୍ଥ କରିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ଉପଯୁକ୍ତ ପଲିସିର ପ୍ରଣୟନ, ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ବ୍ୟବସ୍ଥା ଏବଂ ଫାଷ୍ଟ-ଟ୍ରାକ୍ ମାଇନିଂ ପ୍ଲାନ୍ ବିରଳ ମୃତ୍ତିକାର ଏହି ଦୁର୍ଲଭ ଭଣ୍ଡାରକୁ ଖଣିଜ ସଂପଦର ଷ୍ଟ୍ରାଟେଜିକ୍ କେନ୍ଦ୍ରସ୍ଥଳ ଭାବେ ସାବ୍ୟସ୍ତ କରିବ। ଏହି ସୁଦୀର୍ଘ ତଟରେଖାର ପାଦପଦ୍ମ ସ୍ପର୍ଶ କରି ଉତ୍ତାଳ ତରଙ୍ଗମାଳାର ନିରନ୍ତର ସ୍ରୋତ କାହିଁ କେଉଁ ଅନନ୍ତ କାଳରୁ ତା'ର ଯାତ୍ରା ଅବ୍ୟାହତ ରଖିଛି । ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଥିବା ସାମୁଦ୍ରିକ ବେଳାଭୂମି, ବ୍ୟସ୍ତବହୁଳ ମାଛମରା ବନ୍ଦର ତଥା ସୁରମ୍ୟ ମନୋହର ପ୍ରକୃତିର ପରିଦର୍ଶନରେ ଚିତ୍ତ ବିନୋଦନ ହେବା ସହ ଭବିଷ୍ୟତ ଭାରତବର୍ଷର ସ୍ୱଚ୍ଛ ଶକ୍ତି ସ୍ୱପ୍ନର ଚରିତାର୍ଥରେ ସହାୟକ ହେବ ବୋଲି ମଧ୍ୟ ଆଶା କରାଯାଉଛି । ଅତ୍ୟନ୍ତ ସୁଗଭୀର କୃଷ୍ଣ ରଙ୍ଗଯୁକ୍ତ ଓଜନିଆ ମୃତ୍ତିକା ଉତ୍ତର ଦିଗରେ ଥିବା ଶ୍ରୀକାକୁଲମ୍ ଠାରୁ ଆରମ୍ଭ କରି ଦକ୍ଷିଣର ନେଲ୍ଲୋର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ସୁଦୀର୍ଘ ବାଲୁକା ରାଶି ତଳେ ଭାରତବର୍ଷର ଅତ୍ୟନ୍ତ ମୂଲ୍ୟବାନ ଓ ସଂପୂର୍ଣ୍ଣରୂପେ ବ୍ୟବହୃତ ହୋଇନଥିବା ବିରଳ ମୃତ୍ତିକାର ଭୂତାତ୍ତ୍ୱିକ ସଂପଦ ମହଜୁଦ ହୋଇ ରହିଅଛି ଯାହାକି ଭାରତବର୍ଷର ସ୍ୱଚ୍ଛ ଶକ୍ତିର ଭବିଷ୍ୟତ ଧରୋହର ଭାବେ ସାବ୍ୟସ୍ତ ହେବା ସହ ରାଷ୍ଟ୍ରର ସେମିକଣ୍ଡକ୍ଟରର ସ୍ୱପ୍ନକୁ ମଧ୍ୟ ନିଶ୍ଚିତ ଭାବେ ଚରିତାର୍ଥ କରିପାରିବ।

ଏହି ସାମୁଦ୍ରିକ ବେଳାଭୂମିର ବାଲୁକାରାଶିରେ ପ୍ରଚୁର ପରିମାଣର 'ମୋନାଜାଇଟ୍' ଗଚ୍ଛିତ ହୋଇ ରହିଅଛି ଯାହାକି ବିରଳ ମୃତ୍ତିକା ମୌଳିକ ବସ୍ତୁ (REEs) ଏବଂ ଥୋରିଅମ୍‌ର ପ୍ରାଥମିକ ଉତ୍ସ ହେବା ସହ ଇଲ୍‌ମେନାଇଟ୍, ରୁଟାଇଲ୍, ଜିରକନ୍, ଗାର୍ଣ୍ଣେଟ୍ ଏବଂ ସିଲିମାନାଇଟ୍‌ର ଅମୂଲ୍ୟ ସଂପଦ ଭାବେ ପରିଚିତ ଅଟେ । ଫଳସ୍ୱରୂପ, ଆନ୍ଧ୍ରପ୍ରଦେଶ ଷ୍ଟ୍ରାଟେଜିକ୍ ମିନେରାଲ୍‌ସ ବା ରଣନୈତିକ ଖଣିଜ ପଦାର୍ଥ କ୍ଷେତ୍ରରେ ଏକ ଅତ୍ୟନ୍ତ ସମୃଦ୍ଧ ପ୍ରାକୃତିକ ଭଣ୍ଡାର ଘରର ଅନନ୍ୟ ରୂପରେଖ ଧାରଣ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିରଳ ମୃତ୍ତିକା କ୍ଷେତ୍ରରେ ଆନ୍ଧ୍ରପ୍ରଦେଶର ଭଣ୍ଡାର କେବଳ ତା'ର ବିପୁଳତା ପାଇଁ ପ୍ରଖ୍ୟାତ ନଥିଲା ବରଂ ତା'ର ଗ୍ରେଡ୍ ବା ଉଚ୍ଚମାନ ପାଇଁ ମଧ୍ୟ ପ୍ରସିଦ୍ଧ ଥିଲା । ଆନ୍ଧ୍ରପ୍ରଦେଶର ଏହି ବେଳାଭୂମିରୁ ନିଷ୍କାସିତ ହେଉଥିବା 'ମୋନାଜାଇଟ୍'ରେ ୫୫-୬୦ ପ୍ରତିଶତ ବିରଳ ମୃତ୍ତିକା ଅକ୍‌ସାଇଡ୍ସ ରହିଅଛି ଯାହାକି ବୈଶ୍ୱିକ ମାନଦଣ୍ଡରେ ସର୍ବୋତ୍ତମ ଅଟେ । ପୁନଶ୍ଚ ଏହି 'ମୋନାଜାଇଟ୍'ରୁ ମଧ୍ୟ ୮-୧୦ ପ୍ରତିଶତର ଥୋରିଅମ୍ ମିଳିଥାଏ ଯାହାକି ଭାରତବର୍ଷର ପରବର୍ତ୍ତୀ ପିଢିର ନ୍ୟୁକ୍ଲିଅର ରିଆକ୍ଟର୍ସର ସମ୍ଭାବ୍ୟ ଇନ୍ଧନ ଭାବେ ମଧ୍ୟ ବିବେଚିତ ହୋଇଥାଏ ।

'ମୋନାଜାଇଟ୍' ଖଣିଜ ପଦାର୍ଥରେ ହାଲୁକା ବିରଳ ମୃତ୍ତିକା ମୌଳିକ ବସ୍ତୁର ପୂରା ସେଟ୍ ବା ସଂପୂର୍ଣ୍ଣ ଅବୟବ ଯଥା- ଲାନ୍ଥାନମ୍, ସିରିଅମ, ପ୍ରାସିଓଡାଇମିଅମ୍, ନିଓଡାଇମିଅମ୍, ସାମାରିଅମ୍, ୟୁରୋପିଅମ୍ ଏବଂ ଗାଡୋଲିନିଅମ ମୌଳିକ ବସ୍ତୁ ଯାହାକି ସ୍ଥାୟୀ ଚୁମ୍ବକକୁ ଶକ୍ତି ଯୋଗାଇଥାଏ ଏବଂ ଇଲେକ୍ଟ୍ରିକ ଭେହିକିଲ୍ସ, ଉଇଣ୍ଡ୍ ଟର୍ବାଇନ୍ସ, ମିଶାଇଲ ଗାଇଡାନ୍ସ, ସ୍ୟାଟେଲାଇଟ୍ ସିଷ୍ଟମ୍ସ, ଫାଇବର୍ ଅପ୍ଟିକ୍ସ, ସୁପର୍ କଣ୍ଡକ୍ଟର୍ସ ଏବଂ ଅତ୍ୟାଧୁନିକ ମେଡିକାଲ ଡାଇନୋଷ୍ଟିକ୍ସ ପାଇଁ ମଧ୍ୟ ଅତ୍ୟାବଶ୍ୟକ ହୋଇଥାଏ ତହିଁରେ ସନ୍ନିବେଶିତ ହୋଇ ରହିଥାଏ ।

ଖଣିଜ ପଦାର୍ଥରେ ଭରପୂର ଥିବା ଏହି କ୍ଷେତ୍ର ଏକ ନିରନ୍ତର କରିଡର / ଅବିରତ ବା ସ୍ଥାୟୀ ବାରଣ୍ଡା ବା ଲମ୍ବ ସଂଯୋଗକାରୀ ପଥ ଭାବେ ବିସ୍ତାରିତ ହୋଇଅଛି । ଭୂତାତ୍ତ୍ୱିକ ସର୍ବେକ୍ଷଣ ଭିମୁନିପାଟନମ୍, କଳିଙ୍ଗପାଟନମ୍, କାକିନାଡା, ନର୍ସପୁର, ମାଚିଲିପାଟନମ୍, ଚିରାଲା, ଭୋଡାରେଭୁ, ରାମାୟାପାଟନମ୍ ଏବଂ ଦୁଗରାଜାପାଟନମ୍ ଆଦି ସ୍ଥାନମାନଙ୍କରେ ଆଶାଜନକ ଗଚ୍ଛିତ ଭଣ୍ଡାରର ଚିହ୍ନଟ କରିଅଛି ଯାହାକି ରଣନୈତିକ ବା ମହତ୍ତ୍ୱପୂର୍ଣ୍ଣ ଖଣିଜ କ୍ଷମତା ଧାରଣ କରିଥିବାର ଅବିଚ୍ଛିନ୍ନ, ଅବିରତ, ଅବାଧ, ନିର୍ବାଧ, ବାଧାହୀନ ଓ ନିରନ୍ତର କରିଡ଼ର ପ୍ରମାଣ କରୁଅଛି । ପରମାଣୁ ଖଣିଜ ନିର୍ଦ୍ଦେଶାଳୟ ଏବଂ ଭାରତୀୟ ବିରଳ ମୃତ୍ତିକା କମ୍ପାନୀର ଅଟକଳ ଅନୁଯାୟୀ ଭାରତବର୍ଷର ମୋଟ ଗଚ୍ଛିତ ପରିମାଣ ୩୦୦ ନିୟୁତ ଟନ୍‌ରୁ ଅଧିକ ଭାରି ଖଣିଜ ବାଲୁକାରାଶି (ଯେଉଁ ବାଲୁକାରାଶିରେ ଘନ ମୂଲ୍ୟବାନ ଖଣିଜ ପଦାର୍ଥ ଯଥା ଇଲ୍‌ମେନାଇଟ୍, ରୁଟାଇଲ୍ ଏବଂ ଜିର୍କନ ବେଶ୍ ସମୃଦ୍ଧ ପରିମାଣରେ ଗଚ୍ଛିତ ରହିଥାଏ) ଏବଂ ୧୨ରୁ ୧୫ ନିୟୁତ ଟନ୍‌ର ମୋନାଜାଇଟ୍ ଯାହାକି ଦଶକ ଦଶକ ଧରି ଭାରତବର୍ଷର ୪୦-୪୫ ପ୍ରତିଶତ ରାଷ୍ଟ୍ରୀୟ ଆବଶ୍ୟକତାକୁ ମେଣ୍ଟାଇପାରିବ । କେବଳ ଆନ୍ଧ୍ରପ୍ରଦେଶରେ ଭାରତବର୍ଷର 'ମୋନାଜାଇଟ' ବାଲୁକାରାଶିର ଗଚ୍ଛିତ ପରିମାଣ ୩୦-୩୫ ପ୍ରତିଶତ ରହିଥିବାର ଅଟକଳ କରାଯାଇଛି ।

ଦୀର୍ଘଦିନ ଧରି ଏହି ସାମୁଦ୍ରିକ ବେଳାଭୂମିର ବିରଳ ମୃତ୍ତିକା ସ୍ୱଳ୍ପ ବ୍ୟବହୃତ ହୋଇ ପଡିରହିଅଛି ଯାହାକି ପରମାଣୁ ଖଣିଜର ନୀତି ନିୟମ, ସୀମିତ ପ୍ରକ୍ରିୟାକରଣ କ୍ଷମତା ଓ ନାନାବିଧ ପଲିସି ଓ ନିୟମ କାନୁନର ପ୍ରଚ୍ଛାୟା ତଳେ ଘୋଡେଇ ହୋଇ ରହିଯାଇଛି । ଏବେ ବୈଶ୍ୱିକ ସପ୍ଲାଇ ଚେନ୍ ସୁଦୃଢ ହୋଇ ଅଣ୍ଟା ଭିଡିଲା ପରେ ଏବଂ ରାଷ୍ଟ୍ରମାନେ ଚୀନ୍ ଠାରୁ ଦୂରେଇ ଯାଇ ନିଜ ନିଜର ସ୍ୱତନ୍ତ୍ର କ୍ଷେତ୍ର ସଂପ୍ରସାରଣ କରୁଥିଲାବେଳେ ଆନ୍ଧ୍ରପ୍ରଦେଶ ସଂପ୍ରତି ରାଷ୍ଟ୍ରର ରଣନୈତିକ କେନ୍ଦ୍ରବିନ୍ଦୁ ପାଲଟିଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ଚୀନ ବୈଶ୍ୱିକ ବିରଳ ମୃତ୍ତିକା ମୌଳିକ ବସ୍ତୁ ପ୍ରକ୍ରିୟାକରଣ କ୍ଷମତାର ୮୫ ପ୍ରତିଶତ ନିଜ ନିୟନ୍ତ୍ରଣରେ ରଖିଅଛି । ଆନ୍ଧ୍ରପ୍ରଦେଶ ଖଣିଜ ବିକାଶ ନିଗମ ଏଭଳି ସୁଯୋଗ ଓ ସମ୍ଭାବନାକୁ ଉପଯୁକ୍ତ ମାନ୍ୟତା ପ୍ରଦାନ କରି ଅନ୍ୱେଷଣ ଓ ମୁଦ୍ରାକରଣ ପ୍ରୟାସକୁ ବେଶ୍ ବଳବତ୍ତର କରି ଗଢି ତୋଳିଛି । କେନ୍ଦ୍ର ସରକାର ୧୬ହଜାର ହେକ୍ଟରର ସାମୁଦ୍ରିକ ବାଲୁକା ବେଳାଭୂମି ଖନନ ପାଇଁ ନିଗମକୁ ଆବଶ୍ୟକୀୟ ଲିଜ୍ ପ୍ରଦାନ କରିଛି ଯାହାକି କୌଣସି ରାଜ୍ୟ ପାଇଁ ଏ କ୍ଷେତ୍ରରେ ଦେଶର ବୃହତ୍ତମ ଲିଜ୍ ଅଟେ । ତନ୍ମଧ୍ୟରୁ ୧୦୦୦ ହେକ୍ଟର ପାଇଁ ନିକଟ ଅତୀତରେ ଏକ ଘରୋଇ ଉନ୍ନୟନକାରୀ ସଂସ୍ଥାକୁ ମୁକ୍ତ ଟେଣ୍ଡର ମାଧ୍ୟମରେ ପରିଚାଳନ ମଞ୍ଜୁରୀ ବା କାର୍ଯ୍ୟଶୀଳ ସ୍ୱୀକୃତି ପ୍ରଦାନ କରାଯାଇଛି । ସମ୍ଭାବ୍ୟ ରାଜସ୍ୱ ସମ୍ଭାବନା ଦ୍ୱାରା ପ୍ରୋତ୍ସାହିତ ହୋଇ ଆନ୍ଧ୍ରପ୍ରଦେଶ ଆଉ ୪୦୦୦ ହେକ୍ଟରର ବାଲୁକା ରାଶିରେ ଅନ୍ୱେଷଣ ଓ ମୁଦ୍ରାକରଣ କାର୍ଯ୍ୟକ୍ରମ ଆଗେଇ ନେବା ପାଇଁ କେନ୍ଦ୍ରର ସ୍ୱୀକୃତି ପାଇଁ ଆବେଦନ କରିଛି । ତା'ପରେ ବାକିଥିବା ଆଉ ୧୧ହଜାର ହେକ୍ଟରର ବାଲୁକା ରାଶି ପାଇଁ ଫାଷ୍ଟ-ଟ୍ରାକ୍ ଆଧାରରେ କାର୍ଯ୍ୟକ୍ରମ ଆଗେଇ ନେବା ପାଇଁ ନିଗମ ମନସ୍ତ କରିଛି ।

## ଆନ୍ଧ୍ରପ୍ରଦେଶ ଖଣିଜ ବିକାଶ ନିଗମର ବିକାଶଧର୍ମୀ ପଦକ୍ଷେପ :-

ଆନ୍ଧ୍ରପ୍ରଦେଶ ଖଣିଜ ବିକାଶ ନିଗମର କାର୍ଯ୍ୟକ୍ରମରେ ଏଭଳି ପରିବର୍ତ୍ତନ, କେବଳ ମାଇନିଂ କାର୍ଯ୍ୟକଳାର ପାଇଁ ସୀମିତ ନୁହେଁ । ପ୍ରମୁଖ ଫୋକସ୍ ପଏଣ୍ଟ ବା କେନ୍ଦ୍ରୀଭୂତ ବିନ୍ଦୁଟି ହେଲା ଭାରତବର୍ଷରେ ଏହାର 'ଭ୍ୟାଲୁ ଆଡିସନ୍' ବା ମୂଲ୍ୟଯୁକ୍ତ କରିବା । ଏହା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ବିଦେଶକୁ କଞ୍ଚାମାଲ ଖଣିଜ ପଦାର୍ଥ ରପ୍ତାନି କରି ବିଦେଶରୁ ଚଢାଦରରେ ଉଚ୍ଚ ମୂଲ୍ୟଯୁକ୍ତ ପଦାର୍ଥର ଆମଦାନୀ କରିବା ଅର୍ଥନୀତି ଦୃଷ୍ଟିକୋଣରୁ ଆଦୌ ଲାଭଦାୟକ ନୁହେଁ । ଆନ୍ଧ୍ରପ୍ରଦେଶ ଖଣିଜ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଏବଂ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ପ୍ରବୀଣ କୁମାର କୁହନ୍ତି ଯେ- ଆମେ ଡାଇନଷ୍ଟ୍ରିମ୍ ପ୍ରକ୍ରିୟାକରଣ ବ୍ୟବସ୍ଥା ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରିଛୁ ଏବଂ ଏହାର ମୂଳ ଉଦ୍ଦେଶ୍ୟ ହେଲା ଭାରତବର୍ଷକୁ ବିରଳ ମୃତ୍ତିକା ମୌଳିକ ବସ୍ତୁ କ୍ଷେତ୍ରରେ ସଂପୂର୍ଣ୍ଣରୂପେ ଆତ୍ମନିର୍ଭରଶୀଳ କରିବା । ବିଦେଶକୁ କଞ୍ଚା ଖଣିଜ ପଦାର୍ଥ ରପ୍ତାନି କରିବା ବିଦେଶରୁ ଫିନିସ୍‌ଡ ଗୁଡ୍‌ସ ବା ପ୍ରସ୍ତୁତ ହୋଇଥିବା ଦ୍ରବ୍ୟ ଯଥା -ବିରଳ ମୃତ୍ତିକା ଚୁମ୍ବକ, ଚିପ୍ସ ଏବଂ କମ୍ପୋନେଣ୍ଟ୍‌ସ ବା ଉପାଦାନ ଆଦିର ଆମଦାନୀ କରିବା ପାଇଁ ଆମକୁ ବାଧ୍ୟ କରିଥାଏ । କେନ୍ଦ୍ର ସରକାରଙ୍କ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (PLI) ଯୋଜନା ଏକ 'ଗେମ୍ ଚେର' ବା ଖେଳ ପରିବର୍ତ୍ତନକାରୀ ଭାବେ ସାବ୍ୟସ୍ତ ହେବ ।

ସଂପ୍ରତି 'ମୋନାଜାଇଟ୍'ର ପ୍ରକ୍ରିୟାକରଣ କେନ୍ଦ୍ର ସରକାରଙ୍କ ଭାରତୀୟ ବିରଳ ମୃତ୍ତିକା କମ୍ପାନୀ (IREL)ର ଏକ ବିଶିଷ୍ଟ କର୍ମକ୍ଷେତ୍ର ବା ଡୋମେନ୍ ପାଲଟି ଯାଇଛି ଯାହାକି ପରମାଣୁ ଖଣିଜ ଅଧିନିୟମ ଅନୁଯାୟୀ କାର୍ଯ୍ୟ କରିଥାଏ । ଘରୋଇ ଉଦ୍ୟୋଗମାନେ 'ଆସୋସିଏଟେଡ୍ ମିନେରାଲ୍ସ' ବା ସହଯୋଗୀ ଖଣିଜ ପଦାର୍ଥ ଯଥା - ଗାରନେଟ୍, ଇଲ୍‌ମେନାଇଟ ଏବଂ ଜିର୍କନ୍‌ର ମାଇନିଂ କରିପାରିବେ ହେଲେ ସେମାନେ ଭାରତୀୟ ବିରଳ ମୃତ୍ତିକା କମ୍ପାନୀକୁ ଖଣିଜ ପଦାର୍ଥର ପୃଥକୀକରଣ ପରେ 'ମୋନାଜାଇଟ' ବାଲୁକା ରାଶିକୁ ହସ୍ତାନ୍ତର କରିବାକୁ ପଡିବ । ଅନ୍ତର୍ଦେଶୀୟ ବିଶୋଧନ କ୍ଷମତାର ବୃଦ୍ଧି ପାଇଁ ଭାରତୀୟ ବିରଳ ମୃତ୍ତିକା କମ୍ପାନୀ ନେଲ୍ଲୋରର ଗୁଡୁରଠାରେ ବର୍ଷକୁ ୧୦ହଜାର ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ 'ମୋନାଜାଇଟ୍' ପ୍ରକ୍ରିୟାକରଣ କାରଖାନାର ସ୍ଥାପନା କରୁଅଛି ଯାହାକି ୨୦୨୬ ମସିହାରେ କାର୍ଯ୍ୟକ୍ଷମ ହେବାକୁ ଯାଉଅଛି । ଏହି କାରଖାନା ଭାରତବର୍ଷର ବିରଳ ମୃତ୍ତିକା ମୌଳିକ ବସ୍ତୁ ଭ୍ୟାଲୁ ଚେନ୍‌ର କେନ୍ଦ୍ରୀୟ ଖମ୍ବ ଭାବେ ସାବ୍ୟସ୍ତ ହେବ ।

## କେନ୍ଦ୍ର ସରକାରଙ୍କ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (PLI) ଯୋଜନାର ଶୁଭଫଳ :-

ଆମଦାନୀ ନିର୍ଭରଶୀଳତାରେ ହ୍ରାସ କରିବା ସହ ସବୁଜ ପ୍ରଯୁକ୍ତିବିଦ୍ୟା ଆଧାରିତ ଉତ୍ପାଦନ ପ୍ରକ୍ରିୟାକୁ ଗତିଶୀଳ କରାଇବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ଏକ ପ୍ରମୁଖ ପଲିସିର ପ୍ରବର୍ତ୍ତନ ମାଧ୍ୟମରେ ଖଣିଜ ବର୍ଜ୍ୟବସ୍ତୁ, ରେଡମଡ୍, ଉଡନ୍ତା ପାଉଁଶ ଓ ଶିଳ୍ପଜାତ ବର୍ଜ୍ୟବସ୍ତୁ ଆଦିରୁ ବିରଳ ମୃତ୍ତିକା ମୌଳିକ ବସ୍ତୁ ଓ କ୍ରିଟିକାଲ ମିନେରାଲ୍ସ ଆଦିର ପୁନଃ ପ୍ରାପ୍ତ କରିବା ପାଇଁ ପାଇଲଟ୍ ପ୍ରୋଜେକ୍ଟର ସ୍ଥାପନା ସଂକ୍ରାନ୍ତରେ ଦିଶା ନିର୍ଦ୍ଦେଶ ଜାରି କରିଛନ୍ତି । ଏହି କାର୍ଯ୍ୟକ୍ରମ ନ୍ୟାସନାଲ୍ କ୍ରିଟିକାଲ ମିନେରାଲ୍ ମିଶନ ଅଧିନରେ ଅନୁମୋଦନ ଲାଭ କରିଛି । ଏଥିପାଇଁ ନ୍ୟାସନାଲ୍ ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ ଡେଭଲପମେଣ୍ଟ ଟ୍ରଷ୍ଟରୁ ୧୦୦କୋଟି ଟଙ୍କାର ଫଣ୍ଡ ନିର୍ଦ୍ଧାରିତ ହୋଇଅଛି ଏବଂ ଏହା ମାଧ୍ୟମରେ ଦେଶରେ ଗବେଷଣା ଓ ଉନ୍ନୟନଭିତ୍ତିକ କାର୍ଯ୍ୟକ୍ରମ ସହ ବାଣିଜ୍ୟିକ ପାଇଲଟ ପ୍ଲାଣ୍ଟର ମଧ୍ୟ ପ୍ରତିଷ୍ଠା କରାଯିବ ।

ନ୍ୟାସ୍‌ନାଲ କ୍ରିଟିକାଲ୍ ମିନେରାଲ ମିଶନ ୨୪ଟି ଷ୍ଟ୍ରାଟେଜିକ ମିନେରାଲ୍ସ ଯଥା - ନିଓଡାଇମିଅମ, ଡିସ୍‌ପ୍ରୋସିଅମ୍, ୱାଇଟ୍ରିଅମ୍ ଓ କୋବାଲ୍ଟ ଯାହାକି ଇଲେକ୍ଟ୍ରିକ୍ ଭେହିକିଲ୍ ବ୍ୟାଟେରୀ, ସୋଲାର୍ ୱେଫର୍ସ, ଟର୍ବାଇନ୍ସ ଓ ମିଶାଇଲ୍ସ ଆଦିର ଅନ୍ତର୍ଦେଶୀୟ ଯୋଗାଣ ବ୍ୟବସ୍ଥାକୁ ସ୍ଥିରୀକୃତ କରିବା ଲକ୍ଷ୍ୟରେ କେନ୍ଦ୍ରୀଭୂତ କରିଥାଏ । 'ଏ ସମସ୍ତ ଦିଶା ନିର୍ଦ୍ଦେଶ ବର୍ଜ୍ୟବସ୍ତୁରୁ ମୂଲ୍ୟବାନ ସଂପଦର ଉତ୍ପାଦନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ'- ଏହା କହିଛନ୍ତି ନ୍ୟାସନାଲ୍ ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ ଡେଭେଲପମେଣ୍ଟ ଟ୍ରଷ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଗୀତିକା ଶର୍ମା । 'ପାଇଲଟ୍ ଷ୍ଟଡି' ପାଇଁ ପ୍ରାୟ ୯୦ ପ୍ରତିଶତ ଅର୍ଥ କେନ୍ଦ୍ରୀୟ ଅନୁଦାନ ଭାବେ ଉପଲବ୍ଧ ହୋଇଥାଏ ଯାହା ଫଳରେ କି କେନ୍ଦ୍ରୀୟ ରାଷ୍ଟ୍ରାୟ ଉଦ୍ୟୋଗ, ଶିକ୍ଷାଜଗତ, ଷ୍ଟାର୍ଟ ଅପ୍ସ ଏବଂ ଘରୋଇ ମାଇନିଂ କମ୍ପାନୀମାନେ ପାର୍ଟନରସିପ୍ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ । ଏଭଳି ନୀତିଗତ ପ୍ରୋତ୍ସାହନ ନିର୍ଦ୍ଦିଷ୍ଟ ଭାବେ ଆନ୍ଧ୍ରପ୍ରଦେଶ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ । ଯଦିଓ ଏଭଳି ମୂଲ୍ୟବାନ ଖଣିଜ ଭଣ୍ଡାର ଦଶନ୍ଧି ଦଶନ୍ଧି ଧରି ଭାରତବର୍ଷର ଟାଇଟାନିଅମ୍ ଓ ଜିର୍କନ ଶିଳ୍ପସଂସ୍ଥା ସହ ସହଯୋଗର ହାତ ବଢେଇଚାଲିଛି ହେଲେ ଖଣିଜ ବର୍ଜ୍ୟବସ୍ତୁର ବିଶାଳ ପାହାଡ ଯହିଁରୁ ପୁନଃ ପ୍ରାପ୍ତି ଯୋଗ୍ୟ ବିରଳ ମୃତ୍ତିକା ମୌଳିକବସ୍ତୁ ଥୋରିଅମ୍ ଓ ୟୁରାନିଅମ୍‌କୁ ଆମେ ସଠିକ ଭାବେ ପ୍ରକ୍ରିୟାକରଣ କରିପାରିନାହାନ୍ତି ଯାହାର ମୂଳ କାରଣ ହେଲା ସଠିକ୍ ପ୍ରଯୁକ୍ତିବିଦ୍ୟାର ଘୋର ଅଭାବ ସହ ନିୟାମକ ସ୍ୱଚ୍ଛତାର ଅନୁପଲବ୍ଧତା ।

## ସଂପ୍ରତି ଉପଲବ୍ଧଥିବା ଭିତ୍ତିଭୂମି :-

ଆନ୍ଧ୍ରପ୍ରଦେଶରେ ପ୍ରାରମ୍ଭିକ ଅବସ୍ଥାର ଭିତ୍ତିଭୂମି ଆଗରୁ ରହିଅଛି ଯାହାକି ନୂତନ ପଲିସି ଆଧାରରେ ସ୍କେଲ-ଅପ୍ ହୋଇପାରିବ । ଅନନ୍ତପୁରରେ ଏକ ଘରୋଇ ବିରଳ ମୃତ୍ତିକା ମୌଳିକବସ୍ତୁ ପ୍ରକ୍ରିୟାକରଣ କାରଖାନା ସଂପ୍ରତି କାର୍ଯ୍ୟକ୍ଷମ ଅଛି ଏବଂ ଏହା ବର୍ଷକୁ ହଜାର ହଜାର ଟନ୍ କଞ୍ଚାମାଲ ବ୍ୟବହାର କରୁଅଛି । ବିଶାଖାପାଟନମ୍‌ରେ ଥିବା ବିରଳ ମୃତ୍ତିକା ମୌଳିକବସ୍ତୁ କମ୍ପାନୀ ଏକ ସାମୁଦ୍ରିକ ବେଳାଭୂମି ବାଲୁକା ପୃଥକୀକରଣ କାରଖାନା ସଂଚାଳନ କରୁଅଛି ଏବଂ ତହିଁରୁ ଉପଲବ୍ଧ ହେଉଥିବା ବର୍ଜ୍ୟବସ୍ତୁ (Tailings)କୁ ହାଇଡ୍ରୋମେଟାଲର୍ଜିକାଲ୍ ଏବଂ ସଲ୍‌ଭେଣ୍ଟ ଏକ୍ସଟ୍ରାକସନ୍ କୌଶଳ ବା କାର୍ଯ୍ୟଧାରାର ପରିପ୍ରୟୋଗ ମାଧ୍ୟମରେ ବିରଳ ମୃତ୍ତିକାର ନିଷ୍କାସନ ସଂପାଦନ କରାଯାଇପାରିବ । ଅଧିକାରୀମାନେ ଆକଳନ କରି ଦେଖିଛନ୍ତି ଯେ କେବଳ ପୁନଃ ପ୍ରକ୍ରିୟାକରଣ ମାଧ୍ୟମରେ ବର୍ଷକୁ ୫୦୦୦ କୋଟି ଟଙ୍କା ରୋଜଗାର କରାଯାଇପାରିବ ଏବଂ ଏଥିପାଇଁ ଚକ୍ରୀୟ ନିଷ୍କାସନ (Circular Extraction) ପଦ୍ଧତି ଅବଲମ୍ବନ କରିବାକୁ ପଡିବ । ଆମ 'ମୋନାଜାଇଟ' ଭଣ୍ଡାରରୁ ଡିସ୍‌ପ୍ରୋସିଅମ୍ ଏବଂ ଟର୍ବିଅମ୍ ଉପଲବ୍ଧ ହୋଇପାରିବ ଯାହାକି ଯଥାକ୍ରମେ ଇଲେକ୍ଟ୍ରିକ ଭେହିକିଲ୍ ପାଇଁ ଚୁମ୍ବକ ଏବଂ ଉଚ୍ଚ ନିଷ୍ପାଦନ ସଂପନ୍ନ ଟର୍ବାଇନ ପାଇଁ ବ୍ୟବହୃତ ହୋଇପାରିବ ।

ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତାବଗୁଡିକ ଆନ୍ତଃ ମନ୍ତ୍ରଣାଳୟ ପ୍ରକଳ୍ପ ଅନୁମୋଦନ କମିଟି ଦ୍ୱାରା ସ୍କ୍ରିନିଂ ହେବ ଏବଂ ବୈଷୟିକ ବିଧିମାନ୍ୟକରଣ ଆଇଆଇଟି, ବମ୍ବେ; ଆଇଏସ୍‌ଏମ୍, ଧାନବାଦ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି, ଭୁବନେଶ୍ୱର ପ୍ରଦାନ କରିବ । ଖଣିଜ ବର୍ଜ୍ୟ ନିଷ୍କାସନ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ମାର୍ଗ ନାଗପୁରସ୍ଥିତ ଜବାହାରଲାଲ ନେହେରୁ ଆଲୁମିନିୟମ ଗବେଷଣା, ଉନ୍ନୟନ ଓ ଡିଜାଇନ୍ କେନ୍ଦ୍ର (JNARDDC) ଦ୍ୱାରା ନିର୍ଦ୍ଧାରିତ କରିବ ଏବଂ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ (DST) ଅନ୍ତର୍ଗତ ଅନୁସନ୍ଧାନ ନ୍ୟାସ୍‌ନାଲ ରିସର୍ଚ୍ଚ ଫାଉଣ୍ଡେସନ (ANRF) ପ୍ରଯୁକ୍ତିବିଦ୍ୟା ପ୍ରେରିତ ପାଇଲଟ୍ ପ୍ରକଳ୍ପଗୁଡିକୁ ଅନୁମୋଦନ କରିବ ।

## ପାଇପ୍‌ଲାଇନରେ ଥିବା ପାଇଲଟ୍ ପ୍ରକଳ୍ପ :-

ଆନ୍ଧ୍ରପ୍ରଦେଶ ସରକାର ନେଲ୍ଲୋର ଓ କ୍ରିଷ୍ଣାପାଟନମ୍‌ଠାରେ ଥିବା ତାପଜ ବିଦ୍ୟୁତ କେନ୍ଦ୍ରର ଫ୍ଲାଏ ଆଶ୍ ବା ଉଡ଼ନ୍ତା ପାଉଁଶରୁ ବିରଳ ମୃତ୍ତିକା ମୌଳିକ ବସ୍ତୁ ନିଷ୍କାସନ କରିବା ପାଇଁ ଦରଖାସ୍ତ ପ୍ରସ୍ତୁତ କରୁଛନ୍ତି ଯେଉଁଥିରେ କି ସ୍ୱଳ୍ପ ପରିମାଣର ବିରଳ ମୃତ୍ତିକା ମୌଳିକ ବସ୍ତୁ ରହିଅଛି । ବାୟୋଲିଚିଂ ବା ଜୈବ କ୍ଷରଣ ଏବଂ ଇଲେକ୍ଟ୍ରୋ-କେମିକାଲ୍ ଏକ୍ସଟ୍ରାକସନ୍ ପ୍ରକ୍ରିୟା ମାଧ୍ୟମରେ ବିରଳ ମୃତ୍ତିକା ମୌଳିକବସ୍ତୁର ନିଷ୍କାସନ ପାଇଁ ଆଇଆଇଟି, ହାଇଦ୍ରାବାଦ, ନ୍ୟାସନାଲ୍ ମିନେରାଲ୍ ପ୍ରୋସେସିଂ ଲାବୋରେଟୋରୀ, ଜାମ୍‌ସେଦପୁର ଓ ବରିଷ୍ଠ ଭୂତତ୍ତ୍ୱବିଦ୍‌ମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ପ୍ରକ୍ରିୟା ଜାରି ରହିଛି । ବୈଜ୍ଞାନିକମାନେ କୁହନ୍ତି ଯେ ଆନ୍ଧ୍ରପ୍ରଦେଶର ଖଣିଜ ବର୍ଜ୍ୟବସ୍ତୁରୁ ଏବଂ କେରଳ ରାଜ୍ୟର ଭାରତୀୟ ବିରଳ ମୃତ୍ତିକା କମ୍ପାନୀରୁ ଉତ୍ପନ୍ନ ବର୍ଜ୍ୟବସ୍ତୁରୁ ୮୦ପ୍ରତିଶତ ବିରଳ ମୃତ୍ତିକା ମୌଳିକବସ୍ତୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିଷ୍କାସନ କରାଯାଇପାରିବ ।

ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ଡିଏଆର୍ ସୁବ୍ରମଣ୍ୟମ୍ କୁହନ୍ତି ଯେ- 'ଆଗାମୀ ୫ବର୍ଷ ମଧ୍ୟରେ ବିରଳ ମୃତ୍ତିକା ମୌଳିକବସ୍ତୁ (REEs)ର ଉତ୍ପାଦନ କ୍ଷମତାରେ ତ୍ୱରିତ ସ୍କେଲ-ଅପ୍ କରାଯାଇପାରିଲେ ଭାରତବର୍ଷର ଆମଦାନୀ ନିର୍ଭରଶୀଳତା ୯୫ ପ୍ରତିଶତରୁ ୫୦ ପ୍ରତିଶତକୁ ହ୍ରାସ ପାଇପାରିବ ଯଦି ନ୍ୟାସନାଲ୍ କ୍ରିଟିକାଲ୍ ମିନେରାଲ୍ ମିଶନ୍ ଫ୍ରେମୱାର୍କ ଅଧୀନରେ ବାଣିଜ୍ୟିକ କାରଖାନା ସ୍ଥାପନା କରାଯାଇପାରିବ । ୨୦୩୦ ମସିହା ସୁଦ୍ଧା ବିରଳ ମୃତ୍ତିକା ମୌଳିକବସ୍ତୁର ବୈଶ୍ୱିକ ଚାହିଦାରେ ୧୦ଗୁଣ ବୃଦ୍ଧି ଘଟିବ ବୋଲି ଆଶା କରାଯାଇଛି । ଏଭଳି ଏକ ଦୃଶ୍ୟପଟ୍ଟରେ ଆନ୍ଧ୍ରପ୍ରଦେଶ ବିରଳ ମୃତ୍ତିକା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ଆସନ ଜାହିର କରିବା ସଙ୍ଗେ ସଙ୍ଗେ ଭାରତବର୍ଷର କ୍ରିଟିକାଲ୍ ମିନେରାଲ୍ସର ରାଜଧାନୀ ହେବା ବିଧି ନିର୍ଦ୍ଦିଷ୍ଟ ।'

କେନ୍ଦ୍ର ସରକାରଙ୍କ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା ଅଧିନରେ ପ୍ରସ୍ତାବ ପାଇଁ ଡାକରା ଖୁବ୍ ଶୀଘ୍ର ଆଶା କରାଯାଉଛି ଯାହାକି ଆନ୍ଧ୍ରପ୍ରଦେଶର ସାମୁଦ୍ରିକ ତଟରେଖାରେ 'ଖଣିଜ ନବଯୁଗ'ର ଶୁଭାରମ୍ଭ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏକ ନିରବ 'ଭୂବୈଜ୍ଞାନିକ ଚମତ୍କାର'ରୁ ଆନ୍ଧ୍ରପ୍ରଦେଶର ସାମୁଦ୍ରିକ ତଟରେଖା ସ୍ୱଚ୍ଛ ଗତିଶୀଳତା, ଅକ୍ଷୟଶକ୍ତି ଏବଂ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଭାରତବର୍ଷର ଯୁଗାନ୍ତକାରୀ ପରିବର୍ତ୍ତନକୁ ଅଖଣ୍ଡ ଶକ୍ତି ପ୍ରଦାନ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ମୋଡ଼ରେ ଦଣ୍ଡାୟମାନ କରାଇଦେଇଛି । ସାମୁଦ୍ରିକ ବାଲୁକାରାଶି କେବଳ ଏକ ତଟୀୟ ପରିଦୃଶ୍ୟ ହୋଇ ଆଉ ରହିନାହିଁ -ତାହା ଏବେ ଭାରତବର୍ଷର ପରବର୍ତ୍ତୀ 'ଷ୍ଟ୍ରାଟେଜିକ୍ ଫ୍ରଣ୍ଟିଅର' ବା ସାମରିକ ସୀମା ବା ବିକାଶର ନବଦିଗନ୍ତ ପାଲଟିଯାଇଛି । ■

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି
କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ,
ବି-୩, ଏଚ.ଆଇ.ଜି କଲୋନୀ,
ବରମୁଣ୍ଡା ହାଉସିଂ ବୋର୍ଡ,ଭୁବନେଶ୍ୱର
ଫୋନ୍- ୯୩୩୮୨୦୪୯୯୩
Email-crmishra49@yahoo.in

# ଟ୍ରମ୍ପ୍‌ଙ୍କ ଶାନ୍ତି ଓ ଯୁଦ୍ଧର ବାର୍ତ୍ତା

ଏକ ବିରୋଧାଭାସୀ ବାର୍ତ୍ତା ଇତି ମଧ୍ୟରେ ଆସିଛି ସାମ୍ନାକୁ, ଯାହା କେବଳ ଅସଙ୍ଗତିପୂର୍ଣ୍ଣ ନୁହେଁ, ବରଂ ଏକ ବିଡ଼ମ୍ବନା ବୋଲି ମଧ୍ୟ କୁହାଯାଇପାରେ । ଏହି ବାର୍ତ୍ତାଟି ହେଉଛି- ଆମେରିକାର ରାଷ୍ଟ୍ରପତି ଗୋଟିଏ ପଟେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା କଥା କହୁଛନ୍ତି ତ ଆର ପଟେ ସେହି ସମାନ ଅଞ୍ଚଳରେ ଯୁଦ୍ଧ ଆରମ୍ଭ କରିବାକୁ ପ୍ରସ୍ତୁତ ଥିବା କଥା ଘୋଷଣା କରୁଛନ୍ତି । ଏମିତିକି ତାଙ୍କର ମାନସ ସନ୍ତାନ ବୋର୍ଡ୍ ଅଫ୍ ପିସ୍ ବା ଶାନ୍ତି ମଣ୍ଡଳୀ ଏହାର ପ୍ରଥମ ବୈଠକ ୱାଶିଂଟନ୍‌ରେ ଅନୁଷ୍ଠିତ କରୁଥିବା ବେଳେ ଏବଂ ଗାଜାରେ ପୁନଃନିର୍ମାଣ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସମ୍ପର୍କରେ ଡିଣ୍ଡିମ ପିଟୁଥିବା ବେଳେ ଆମେରିକୀୟ ସୈନ୍ୟବାହିନୀ ଇରାନ୍‌ରେ ଯେ କୌଣସି ମୁହୂର୍ତ୍ତରେ ଯୁଦ୍ଧ ଆରମ୍ଭ କରିବା ପାଇଁ ସଜବାଜ ହେଉଛନ୍ତି । ଯୁଦ୍ଧର ଯଥାର୍ଥ କାରଣ- ଆମେରିକୀୟ ଗଣମାଧ୍ୟମ ଅନୁସାରେ, ଯାହାକୁ ଯେ କୌଣସି ମୁହୂର୍ତ୍ତରେ ଘୋଷଣା କରାଯାଇପାରେ, ତାହା ହୁଏତ ଟ୍ରମ୍ପ୍‌ଙ୍କ ଅସ୍ଥିର ମନୋବସ୍ଥା ଭଳି ଅନିର୍ଦ୍ଧାରିତ ରହିପାରେ, କିନ୍ତୁ ଏହା ବିଶ୍ୱ ବଜାରକୁ ଦୋଦୁଲ୍ୟମାନ ସ୍ଥିତିକୁ ନେଇ ଯାଇଛି ଏବଂ ଯେଉଁ ଦେଶମାନେ ତୈଳ ବିକ୍ରୟ କରୁଥିଲେ, ସେମାନେ ତୈଳ ଦର ବୃଦ୍ଧି କରିବା ଫଳରେ ଅନେକ ଦେଶ ଏହାର କଷ୍ଟକର ପରିଣାମ ଭୋଗୁଛନ୍ତି ଏବଂ ଷ୍ଟକ୍ ମାର୍କେଟ୍‌ରେ ଷ୍ଟକ୍‌ଗୁଡ଼ିକ ମଧ୍ୟ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛନ୍ତି । ୨୦୨୫ର ମଧ୍ୟଭାଗରେ ଇରାନ୍‌ର ଆଣବିକ ଜାଳେଣି ସମୃଦ୍ଧିକରଣ ଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ କରିବା ପରେ ଏହାର ଆଣବିକ କାର୍ଯ୍ୟକ୍ରମକୁ ଅନେକ ଯୁଗ ପଛକୁ ଠେଲି ଦିଆଯାଇଥିବା ସମ୍ପର୍କରେ ଟ୍ରମ୍ପ୍ ଘୋଷଣା କରିବା ପରଠାରୁ ଏହି ଦେଶ ଉପରେ ଯୁଦ୍ଧର ଅଶୁଭ କଳା ବାଦଲ ମଣ୍ଡି ହୋଇ ରହିଛି ।

ଶ୍ରୀଯୁକ୍ତ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ 'ବିଧ୍ୱଂସକ କନ୍ଦୁକ'ଠାରୁ ଆରମ୍ଭ କରି 'ନାରଙ୍ଗୀ ଏକଚ୍ଛତ୍ରବାଦୀ' ଏବଂ 'କମଳା ବାହକ' ପର୍ଯ୍ୟନ୍ତ ଯେ କୌଣସି ବିଶେଷଣରେ ହୁଏତ ଭୂଷିତ କରାଯାଇପାରେ, ଯାହା ସମ୍ଭବତଃ ଏକ ଉଚିତ ଖେଳ ଯେହେତୁ ସେ ତାଙ୍କ ପୂର୍ବସୂରୀମାନଙ୍କ ସମ୍ପର୍କରେ ଏଭଳି କିଛି ଡାକନାମ ବାହାର କରିବାକୁ ଆତୁରତା ପ୍ରକାଶ କରି ନାହାନ୍ତି । ତେବେ ସାମ୍ପ୍ରତିକ ଦୃଶ୍ୟପଟରେ ଯେଉଁ ନାମ ତାଙ୍କୁ ସବୁଠୁ ବେଶୀ ମାନିବ, ତାହା ହେଉଛି 'ଯୁଦ୍ଧ ଏବଂ ଶାନ୍ତି' ପୁରସ୍କାର ବିଜେତା, କାରଣ ସେ ଦୃଢ଼ କଣ୍ଠରେ ଦାବି କରି ଆସୁଛନ୍ତି ଯେ ସେ ଏମିତି ଏକ ଯୁଦ୍ଧକୁ ବନ୍ଦ କରି ଦେଇ ପାରିଛନ୍ତି ଯେଉଁଥିରେ ଭାରତ ଓ ପାକିସ୍ତାନର ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ଯାଇଥାନ୍ତା । ଭାରତ ତାଙ୍କର ଏପରି ଦମ୍ଭୋକ୍ତିରେ କେବେ ବି ଉଲ୍ଲସିତ ହୋଇନାହିଁ କିମ୍ବା ପ୍ରତ୍ୟେକ ଥର ନୋବେଲ୍ ଶାନ୍ତି ପୁରସ୍କାର ଲାଭ କରିବାର ବିଫଳତାକୁ ବଖାଣିବା ବେଳେ ସେ ତାଙ୍କର କଳ୍ପନା ଅନୁସାରେ ଯେତିକି ସଂଖ୍ୟକ ଯୁଦ୍ଧ ବିମାନକୁ ଖସାଇ ଦିଆଯାଇଥିବା ଦାବି କରୁଛନ୍ତି, ତା'ର ସଂଖ୍ୟା ବଢ଼ାଇ ଚାଲିଲେ ମଧ୍ୟ କିଛି ଉତ୍ତେଜନା ସୃଷ୍ଟି କରି ପାରିବ । ଆଉ ତା' ସତ୍ତ୍ୱେ ତାଙ୍କୁ ଗାଜା ପଟିରେ ଯୁଦ୍ଧ ବିରତି ପାଇଁ ଶ୍ରେୟ ଦିଆଯାଇ ପାରିବ, ଯଦିଓ ଇସ୍ରାଏଲ ଅନେକ ସମୟରେ ହମାସ୍‌କୁ ତା'ର ଆତଙ୍କବାଦୀମାନଙ୍କୁ ପୁନର୍ବାର ଏକତ୍ରିତ ହେବାରୁ ରୋକିବା ଆଳରେ ମଝିରେ ମଝିରେ ଏହାକୁ ହେୟଜ୍ଞାନ କରି ଏହି ସ୍ଥାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରୁଛି ।

ଶାନ୍ତି ପ୍ରତିଷ୍ଠା ପାଇଁ ନୋବେଲ୍ ପୁରସ୍କାର ପାଇବା ନିମନ୍ତେ ହକ୍‌ଦାର ବୋଲି ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ମିଥ୍ୟା ପ୍ରଚାର ସେତିକି ବାଧୁନାହିଁ, ଯେତିକି ବାଧୁଛି ଭେନେଜୁଏଲାରେ ତାଙ୍କର ଗତ ମାସରେ ସୀମାପାର କାର୍ଯ୍ୟାନୁଷ୍ଠାନକୁ ଆଦେଶ ଦେବା ଏବଂ ଶ୍ରୀଯୁକ୍ତ ନିକୋଲାସ୍ ମାଦୁରୋଙ୍କୁ ଉଠାଇ ଆଣିବା ଯାହା ପୂର୍ବରୁ ସେ ଚୋରାରେ ବୋମାବର୍ଷୀ ବିମାନଗୁଡ଼ିକୁ ଆମେରିକାରୁ ପଠାଇ ଇରାନ୍‌ର ଆଣବିକ ଜାଳେଣି ଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ କରିଥିଲେ ଏବଂ ଏହା ପରେ ସେସବୁକୁ ଧ୍ୱଂସ କରା ଯାଇଥିବାର ଘୋଷଣା କରିଥିଲେ । ଏହାର ମାତ୍ର ଏକ ମାସ ପରେ ସେହି ଜାଳେଣି ସମୃଦ୍ଧକାରୀ କେନ୍ଦ୍ରଗୁଡ଼ିକ ପୂର୍ବବତ୍ ରହିଥିବାର କାରଣ ଦର୍ଶାଯାଇ ଇରାନ୍‌ଠାରୁ ଆକ୍ରମଣ କରାଯାଇ ପାରିବା ଭଳି ଦୂରତାରେ ବିମାନବାହୀ ଜଳ ଜାହାଜ ଏବଂ ଯୁଦ୍ଧ ଜାହାଜଗୁଡ଼ିକୁ ସମୁଦ୍ର ପଥରେ ପ୍ରେରଣ କରାଯାଇଥିଲା । ସେ କହିଛନ୍ତି, 'ଖରାପ ଜିନିଷଗୁଡ଼ିକ ଘଟିବ', ଯାହାର ଅର୍ଥ ହେଉଛି, ଜାଳେଣି ସମୃଦ୍ଧ କରିବା, ବାଲିଷ୍ଟିକ୍ ମିସାଇଲ୍‌ଗୁଡ଼ିକର ସଂଖ୍ୟା ହ୍ରାସ କରିବା ଏବଂ ଆତଙ୍କବାଦୀମାନଙ୍କ ପ୍ରକ୍ସି ଗୋଷ୍ଠୀମାନଙ୍କୁ ସମର୍ଥନ ଯୋଗାଇବା ବିଷୟରେ ରଖା ଯାଇଥିବା ସର୍ତ୍ତଗୁଡ଼ିକ ଉପରେ ଯଦି ୧୦ ଦିନ ମଧ୍ୟରେ ଇରାନ୍ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରେ, ତା'ହେଲେ ଏହା ବିରୁଦ୍ଧରେ ସେ ଯୁଦ୍ଧ ଆରମ୍ଭ କରିବେ । ସମାନ ସମୟରେ ସେ ବୋର୍ଡ୍ ଅଫ୍ ପିସ୍‌ର ବୈଠକରେ ଉପସଂହାର କରିଛନ୍ତି, ଯାହା ଅକ୍ଟୋବର ୭,୨୦୨୪ରେ ହମାସ୍‌ର ଇସ୍ରାଏଲ ଉପରେ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଗାଜାରେ ଇସ୍ରାଏଲ୍ ଦ୍ୱାରା ସଂଘଟିତ ଧ୍ୱଂସଲୀଳା ପରେ ସେଠାରେ ସୃଷ୍ଟି ହୋଇଥିବା ଶୂନ୍ୟ ଇଲାକାକୁ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ପୁନଃନିର୍ମାଣ ପାଇଁ ୭ ବିଲିଅନ୍ ଡଲାର ଲାଭ କରିଥିବା କଥା କୁହାଯାଉଛି । ସେ ଯେତିକି କଳ୍ପନା କରିଥିଲେ, ସେତିକି ସଂଖ୍ୟକ ଶାନ୍ତି ବହନକାରୀ ହୁଏତ ଏହି ବୈଠକରେ ନଥିଲେ- ବୋର୍ଡ ଅଫ୍ ପିସ୍‌ରେ ସ୍ଥାନ ପାଇବା ନିମନ୍ତେ ଏକ ବିଲିଅନ୍ ଡଲାରର ଅବଦାନ ରଖିବା କାରଣରୁ- କିନ୍ତୁ ଶ୍ରୀଯୁକ୍ତ ଟ୍ରମ୍ପ୍ ନରୱେ ସମେତ ୟୁରୋପୀୟ ମେଣ୍ଟ ରାଷ୍ଟ୍ରମାନଙ୍କ ପ୍ରତି ଶତ୍ରୁତାପୂର୍ଣ୍ଣ ମନୋଭାବ ପ୍ରଦର୍ଶନ କରୁ ନାହାନ୍ତି, ଯେଉଁମାନେ କି ଏଥିରୁ ଦୂରେଇ ରହିବାକୁ ପସନ୍ଦ କରିଛନ୍ତି, ଯଦ୍ୟପି ଭାରତ ଏହି ଅବଧାରଣା କିପରି ରୂପ ନେଉଛି, ତାହା ଦେଖିବା ନିମନ୍ତେ ଏଥିରେ ଯୋଗ ଦେଇଥିଲା । ଯୁଦ୍ଧ ଲାଗିଥିବା ବା ଏହାର ଆଶଙ୍କାରେ କାଳାତିପାତ କରୁଥିବା ଯେ କୌଣସି ସ୍ଥାନରେ ଶ୍ରୀଯୁକ୍ତ ଟ୍ରମ୍ପ୍ ଯଦି ଶାନ୍ତିଦୂତ ସାଜନ୍ତି, ତାଙ୍କୁ କେହି ହେଲେ ଈର୍ଷା କରିବାର ଆଶା ନଥିବା ବେଳେ ସେ ଯଦି ଯୁଦ୍ଧ କରିବାର ଧମକ ଦେବାରୁ ନିବୃତ୍ତ ରୁହନ୍ତି, ତା'ହେଲେ ବିଶ୍ୱ ଏକ ଶାନ୍ତି ଓ ସୁରକ୍ଷିତ ସ୍ଥାନ ପାଲଟି ପାରିବ ।■

# ଜୀବନ ଓ ମୃତ୍ୟୁର ଦୋଛକିରେ !



ଛନ୍ଦା ମିଶ୍ର

ବେଳେବେଳେ କେତେଗୁଡିଏ ସତ, ଗପ ପରି ବୋଧହୁଏ ଆଉ କେବେ କେବେ ଗପ ବି ଲାଗେ ସତ ପରି । ଜାଣେନା କାହିଁକି ଲୋକେ ରାମାୟଣ ଓ ମହାଭାରତ ପରି ବିଶାଳ କଥାଖଣ୍ଡଗୁଡିକୁ ଇତିହାସ ନୁହେଁ ବରଂ ତୁଚ୍ଛା ମନଗଢ଼ା କଥା ବୋଲି କହିବାକୁ ଇଚ୍ଛା କରନ୍ତି ! ଯଦିଓ ସେଥିରେ ବର୍ଣ୍ଣିତ ପ୍ରତିଟି ସ୍ଥାନର ମାହାତ୍ମ୍ୟ ଆଜି ବି ଜଳଜଳ ହୋଇ ଦେଖାଯାଉଛି । ଆଜି ବାରାଣସୀର ପ୍ରସିଦ୍ଧ ହରିଶ୍ଚନ୍ଦ୍ର ଘାଟରେ ବସି, ଡମ ରାଜାଙ୍କ ଘରକୁ ଦେଖୁଥିଲା ବେଳେ, କେତୋଟି ପ୍ରଶ୍ନ କରିଥିଲା ଖୁବ୍ ବିଚଳିତ । କାହିଁକି ଜଣେ ଭଲ କାମ କଲେ ତାକୁ ଅସଂଖ୍ୟ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥାଏ ? ଭଲ ଲୋକଟିଏ ଏତେ ଦୁଃଖ ପାଏ କାହିଁକି ?

ମହାନ୍ ଇକ୍ଷ୍ୱାକୁ କୁଳରେ ଜନ୍ମଗ୍ରହଣ କରିଥିଲେ ରାଜା ହରିଶ୍ଚନ୍ଦ୍ର । ସତ୍ୟବାନ୍ ଓ ଦାନବୀର ଭାବେ ତାଙ୍କର ଖ୍ୟାତି ଶୁଣି ତାଙ୍କୁ ପରୀକ୍ଷା କରିବା ପାଇଁ ଆସି ପହଞ୍ଚିଲେ ମହର୍ଷି ବିଶ୍ୱାମିତ୍ର । ନିଜ ସତ୍ୟରକ୍ଷା ପାଇଁ ହରିଶ୍ଚନ୍ଦ୍ର, ନିଜ ରାଜ୍ୟ ସହିତ ରାଜମୁକୁଟ ଦେଇ ବାହାରି ଆସିଲେ ପତ୍ନୀ ଶୈବ୍ୟା ଓ ପୁତ୍ର ରୋହିତଙ୍କୁ ଧରି । ପୁଣି ବାଟ ଓଗାଳିଲେ ଋଷି, ଦାନ ତ ଦେଲ, ହେଲେ ବ୍ରାହ୍ମଣର ଦକ୍ଷିଣା.. । କପର୍ଦ୍ଦକଶୂନ୍ୟ ରାଜା ଅନ୍ୟ ଉପାୟ ନପାଇ ନିଜକୁ ତଥା ରାଣୀ ଓ ରାଜ ପୁତ୍ରଙ୍କୁ ବିକ୍ରି କରି ଋଷିଙ୍କୁ ସନ୍ତୁଷ୍ଟ କଲେ । ରାଜାଙ୍କୁ କିଣିଥିବା ଚଣ୍ଡାଳଟି ତାଙ୍କୁ ନିଜ ଶ୍ମଶାନର ରକ୍ଷକ ଭାବେ ଦେଲା ନିଯୁକ୍ତି । ଚଣ୍ଡାଳର ଥିଲା ଦୃଢ଼ ଚେତାବନୀ, ବିନା ପାଉଣାରେ କାହାକୁ ବି ଶବଦାହର ଅନୁମତି ଦେବୁ ନାହିଁ । ସେଦିନ ରାଣୀ ସର୍ପାଘାତରେ ମୃତ ପୁତ୍ରକୁ ଧରି ରାତ୍ରିର ଅନ୍ଧକାରରେ ଆସି ପହଞ୍ଚିଲେ । ମୃତ ପୁତ୍ର ସହିତ ପତ୍ନୀଙ୍କୁ ଦେଖି ମ୍ରିୟମାଣ ରାଜା କିନ୍ତୁ ନିଜ କର୍ତ୍ତବ୍ୟରେ କରି ନଥିଲେ ଅବହେଳା । ରାଣୀ ପିନ୍ଧିଥିବା ବସ୍ତ୍ରରୁ ଅଧା ଚିରି ପାଉଣା ରୂପେ ଦେଇ ପୁତ୍ରର ଶବସତ୍କାର କରିବା ପାଇଁ ଉଦ୍ୟତ ହେଲା ବେଳକୁ ସେଠାରେ ଉପସ୍ଥିତ ହେଲେ ଇନ୍ଦ୍ରଙ୍କ ସହିତ ବ୍ରହ୍ମା, ବିଷ୍ଣୁ ଓ ଶିବ । ରୋହିତଙ୍କୁ ଜୀବନ ଦାନ କରିବା ସହିତ, ସଶରୀରେ ରାଜା ଓ ରାଣୀଙ୍କୁ ସ୍ୱର୍ଗକୁ ନେବା ପାଇଁ ଚାହିଁଲେ । ମାତ୍ର ପ୍ରଜାବତ୍ସଳ ରାଜା ନିଜ ପ୍ରଜାଙ୍କୁ ସାଥିରେ ନେବା ପାଇଁ ଚାହିଁବାରୁ, ତାହା ଅସମ୍ଭବ ଜାଣି ଏଠାରେ ଶବଦାହ ହେଲେ ଆତ୍ମାକୁ ସ୍ୱର୍ଗ ପ୍ରାପ୍ତି ହେବ ବୋଲି ବରଦାନ ପାଇଲେ ।

ଆଜି ବି ଲୋକେ ସେଠାକୁ ନିଜ ଶେଷ ସମୟରେ ଆସି ମୃତ୍ୟୁବରଣ କରି ସ୍ୱର୍ଗ ପ୍ରାପ୍ତିର ଆଶା ରଖନ୍ତି । ଆଜି ବି ସେଠାରେ ଦାହ ହେଉଥିବା ଶରୀରଗୁଡିକର ପାଉଣା ଉପରୋକ୍ତ ଚଣ୍ଡାଳଙ୍କ ବଂଶଧର, ସେଠାକାର ଡମ ରାଜାଙ୍କୁ ମିଳେ । ଏପରିକି ସରକାରଙ୍କ ତରଫରୁ ଶେଷ ଅବସ୍ଥାରେ ପହଞ୍ଚିଥିବା ବୃଦ୍ଧ ବୃଦ୍ଧା ଓ ତାଙ୍କ ସହିତ ଜଣକୁ ରହିବା ଓ ଖାଇବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି । ମାଗଣାରେ ସେମାନେ ପନ୍ଦର ଦିନ ରହିପାରିବେ । ପନ୍ଦର ଦିନ ବିତିଲା ପରେ ଜଣେ ଯଦି ନ ମରେ ତେବେ ତାକୁ ଅନ୍ୟ ସ୍ଥାନକୁ ଯିବାକୁ ହେବ, ତା କୋଠରିଟି ଆଉ ଜଣକୁ ମିଳିବ । ଏସବୁ ଦେଖିସାରି ମଣିକର୍ଣ୍ଣିକା ଘାଟକୁ ଯିବି ବୋଲି ପାଦ ବଢାଇଲା ବେଳକୁ ପୁଅ ଫୋନ୍ କଲା 'ବାପା, ମାଆଙ୍କୁ ଶ୍ମଶାନକୁ ନେବ ନାହିଁ, ସେ ଡରିବେ..।' ମୁଁ ଜାଣିଥିଲି, ମହିଳାମାନଙ୍କୁ ଶ୍ମଶାନ ଯିବାରେ ବାରଣ ରହିଛି । କାରଣ କ'ଣ ଜାଣେନା, ବୋଧେ ମହିଳାମାନେ ଦୁର୍ବଳମନା ବୋଲି..! ତେବେ ଦୁର୍ବଳମନାଙ୍କୁ କ'ଣ ଶ୍ମଶାନ ଦୟାକରି ଛାଡି ଦିଏ, ମଲା ପରେ ଦେଖିବା ଆଉ ଜିଇଁ ଥାଉ ଥାଉ ଦେଖିବା ଭିତରେ ତ ପୁଣି ଫରକ ଅଛି !



ଅଗତ୍ୟା ଆମେ ବାହାରିଲୁ ମଣିକର୍ଣ୍ଣିକା ।

ବାରାଣସୀର ଗଳି ଭିତରେ କେତେ ଯେ ମନ୍ଦିର, କେତେ ଯେ ସାଧୁ ସନ୍ନ୍ୟାସୀ ତା'ର ହିସାବ ନାହିଁ । ହଠାତ୍ ଜଣେ କାପାଳିକ ପ୍ରାୟ ଦିଶୁଥିବା ସାଧୁ ଚାଲି ଆସିଲେ ଆଗକୁ, ଖୁବ୍ ବଡ ପାଟିରେ କହିଲେ ଦେ ମା' ଦେ.. 'ହାତରେ ଥିଲା ଗୋଟେ ଚିମୁଟା, ବାଳ ମୁକୁଳା, କପାଳରେ ବିରାଟ ସିନ୍ଦୂର କଳି, ଖୋଲା ଦେହ । ଚମକି ପଡ଼ିଲି, ତେବେ ପଇସା କାଢୁ କାଢୁ, ସେ ଚାଲି ଯାଇଥିଲେ ଅନ୍ୟମାନଙ୍କ ପାଖକୁ । ହେଲେ ପଇସା କାଢି ସାରି ପୁଣି ମୁଣିରେ ଭରିବା ନିଷେଧ, ତେଣୁ ଯାଇ ତାଙ୍କ ଝୁଲାରେ ଦେଲା ବେଳକୁ, ସେ କହିଲେ, ଆଗେ ଆମକୁ ମାଗିବାକୁ ପଡୁ ନଥିଲା, ଲୋକେ ଯାଚିକରି ଆମକୁ ଦେଉଥିଲେ, ହେଲେ ଏବେ ଯେଉଁମାନେ ଆସୁଛନ୍ତି ସବୁ ହାଡ଼ ଚୋବାଇବା ଲୋକ, ତେଣୁ.. 'ତାଙ୍କ ଠାରୁ ବିଦାୟ ନେଇ ଆମେ ଆଗକୁ ବଢ଼ିଲୁ । ଦେଖୁଥିଲି, କାପାଳିକଙ୍କ କଥା କେତେ ସତ ! ଅଧିକାଂଶ ହାତରେ ମୋବାଇଲ୍ ଧରି ସେଲ୍‌ଫି ନେବାରେ ବ୍ୟସ୍ତ, କିଛି ଗେରୁଆ ପିନ୍ଧିଥିବା ବିଦେଶୀଙ୍କ ସହିତ ନିଶା କରିବାରେ ମସଗୁଲ । କିଛି ବିଦେଶୀ, ନିଜର ସବୁ ହରେଇ ସାରି, ଅନ୍ୟର ଚିତ୍ର ଆଙ୍କି, ବଂଶୀ ବଜାଇ, ସାମ୍ନାରେ କପଡା ଥୋଇ ସାହାଯ୍ୟ ଭିକ୍ଷା କରୁଛନ୍ତି । କ୍ୱଚିତ୍ କେହି ଧ୍ୟାନରେ ବସିଛି ବା ଖୁବ୍ ଉଦାସ ହୋଇ ଗଙ୍ଗାମାତାଙ୍କୁ ଚାହିଁ ରହିଛି । ତେବେ କାହାର ବାହ୍ୟ ଆଚରଣ ଓ ଆଭରଣ ଦେଖି ତା'ର ମୂଲ୍ୟାଙ୍କନ କରିବାର ଅଧିକାର ଆମର ବା କାହିଁ !

ଆଗରେ ଛୋଟ ମନ୍ଦିରଟିଏର ନାମ ଦେଖି ଅଟକିଗଲା ପାଦ । ମାର୍କଣ୍ଡେଶ୍ୱର ମହାଦେବ । ମନ୍ଦିରଟି ଛୋଟ ହୋଇପାରେ ହେଲେ ତାଙ୍କ ପଛରେ ଥିବା କିମ୍ବଦନ୍ତୀ ଖୁବ୍ ମହତ୍ତ୍ୱ ରଖେ । ଋଷି ମୃକଣ୍ଡ ଓ ମନସ୍ୱିନୀଙ୍କ କୌଣସି ସନ୍ତାନ ସନ୍ତତି ନହେବାରୁ, ଶିବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କଲାପରେ ଶିବ ତାଙ୍କ ଆଗରେ ରଖିଲେ ଗୋଟିଏ ସର୍ତ୍ତ, 'ଦୀର୍ଘାୟୁ ମୂର୍ଖ ପୁତ୍ର ବା ଅଳ୍ପାୟୁ ପଣ୍ଡିତ ପୁତ୍ର ?' ସ୍ୱାଭାବିକ ଭାବେ ଋଷି ଅଳ୍ପାୟୁ ପଣ୍ଡିତ ପୁତ୍ର ସନ୍ତାନଟିଏ ପାଇଁ ନିଜ ଅଭିଳାଷ କଲେ ବ୍ୟକ୍ତ । ଯଥା ସମୟରେ ମାର୍କଣ୍ଡେୟଙ୍କର ଜନ୍ମ ହେଲା । ନିଜକୁ ଅଳ୍ପାୟୁ ଜାଣି, ସୀମିତ ସମୟ ମଧ୍ୟରେ ସମସ୍ତ ଜ୍ଞାନ ଆହରଣ କରିବା ପାଇଁ ସେ ପ୍ରୟାସ କଲେ । ସେ ଥିଲେ ଯେପରି ବିନୟୀ ସେପରି ଭକ୍ତିପରାୟଣ । କିନ୍ତୁ ମୃତ୍ୟୁର କବଳରୁ ରକ୍ଷା ପାଇବା ଯେ ଅସମ୍ଭବ । ମୃତ୍ୟୁର କ୍ଷଣ ପାଖେଇ ଆସୁଥିଲା । ପିତା ତାଙ୍କୁ ଘେନି ଗଲେ ଗଙ୍ଗା କୂଳକୁ । ସେ ଜାଣିଥିଲେ, ଏଠାକୁ ଅନେକ ସାଧୁ ସନ୍ଥ ଓ ଦେବତାମାନେ ଆସନ୍ତି ଗଙ୍ଗାସ୍ନାନ ନିମନ୍ତେ । ପିତା ନିର୍ଦ୍ଦେଶ ଦେଲେ, 'ଯାହାଙ୍କୁ ଦେଖିବ ପୁତ୍ର, ଭକ୍ତିଭରେ ପ୍ରଣାମ ଜଣାଇବ । 'ପୁତ୍ର ପାଳନ କଲେ, ପିତାଙ୍କ ଆଦେଶ । ଯାହାଙ୍କୁ ଦେଖୁଥିଲେ ପାଦତଳେ ପ୍ରଣାମ ଜଣାଉଥିଲେ । ପିତାମାତାଙ୍କ ଆଖିରୁ ଲୁହ ସୁଖୁନଥାଏ । ଅଚିରେ ଆସିଲା ସେହି ପ୍ରତୀକ୍ଷିତ ମୁହୂର୍ତ୍ତ । ବ୍ରହ୍ମାଙ୍କ ମାନସପୁତ୍ର ସପ୍ତର୍ଷି ଆସିଲେ ସ୍ନାନ ପାଇଁ । ମାର୍କଣ୍ଡେୟ, ସେମାନଙ୍କ ପାଦତଳେ ପ୍ରଣାମ କଲା ପରେ ସେମାନେ, ଚିରଞ୍ଜିବୀ ହୁଅ ବତ୍ସ, ବୋଲି ଦେଲେ ଆଶୀର୍ବାଦ । କୁଡିଆ ଭିତରୁ ଧାଇଁ ଆସିଲେ ପିତା, କହିଲେ, ଆପଣଙ୍କ ଆଶୀର୍ବାଦ ତ କାମ କରିବ ନାହିଁ ପ୍ରଭୁ, ନିଜେ ଶିବ ହିଁ ଅଳ୍ପାୟୁର ବର ଦେଇଛନ୍ତି । ହେଲେ ସାଧୁ ବାକ୍ୟ ନୁହଁଇ ଅନ୍ୟଥା କହି, ଶିବଙ୍କୁ ପରମ ଭକ୍ତି ସହକାରେ ପୂଜା କରିବା ପାଇଁ, ଋଷିମାନେ ଦେଲେ ନିର୍ଦ୍ଦେଶ । ପରମ ଭକ୍ତିରେ ମାର୍କଣ୍ଡେୟ ଶିବଙ୍କ ଆରାଧନା କରିବା ଆରମ୍ଭ କଲେ । ଠିକ୍ ସମୟରେ ମୃତ୍ୟୁ ଦୂତମାନେ ଆସି ପହଞ୍ଚିଲେ ତାଙ୍କୁ ନେବା ପାଇଁ । ହେଲେ ମାର୍କଣ୍ଡେୟଙ୍କ ତେଜ ଦେଖି ନନେଇ ଫେରିଗଲେ । ଆସି ପହଞ୍ଚିଲେ ସ୍ୱୟଂ ଯମ ଓ ଯେମିତି ମୃତ୍ୟୁ ଫାଶଟି ପକାଇଛନ୍ତି, ମାର୍କଣ୍ଡେୟ, ବିକଳ ହୋଇ ଶିବଲିଙ୍ଗଙ୍କୁ କୁଣ୍ଢାଇ ଧରିଲେ । ତତ୍‌କ୍ଷଣାତ ଆବିର୍ଭାବ ହୋଇ ଶିବ ତାଙ୍କୁ ଦୀର୍ଘାୟୁ ହେବାର ଆଶୀର୍ବାଦ ଦେଲେ । ଏହି କଥାରୁ ଆମକୁ ଦୁଇଟି ଶିକ୍ଷା ମିଳେ, ଅଳ୍ପାୟୁ ହେଲେ ବି ଜୀବନ ହେଉ ଗରିମାମୟ, ଜ୍ଞାନ ଅନ୍ୱେଷଣକାରୀ, ଏବଂ ଗୁରୁ ଓ ଗୁରୁଜନଙ୍କ ଶୁଭେଚ୍ଛା ବି ମୃତ୍ୟୁ ପରି ବିପଦକୁ ଟାଳି ଦେବାର ଶକ୍ତି ରଖେ । ଖୁବ୍ ଛୋଟ ବେଳୁ ମାଆ ଠାରୁ ଶୁଣିଥିବା ଏଇସବୁ କଥା ଆଜି ଆଖି ଆଗରେ ଭାସି ଯାଉଥିଲା । ଆମେ ପହଞ୍ଚି ଯାଇଥିଲୁ ମଣିକର୍ଣ୍ଣିକା ଘାଟରେ । ହୁତ ହୁତ ହୋଇ ନିଆଁ ଜଳୁଥାଏ । କୁହାଯାଏ ପ୍ରାଚୀନତମ ଏହି ନଗରୀରେ କାହିଁ କେଉଁ କାଳରୁ ଏପରି ନିଆଁ ଜଳୁଚି ତା'ର ହିସାବ କେହି ରଖିନାହିଁ । ଖରା, ବରଷା ଶୀତ, ଦିନ ରାତି, ବର୍ଷ ପରେ ବର୍ଷ ଏଠାରେ ଏମିତି ଚିତା ଜଳୁଥାଏ, ଯେଉଁ ଦିନ ଏହି ଚିତା ଶୀତଳ ପଡିଯିବ ସେଦିନ କାଳେ ଆସିବ ପ୍ରଳୟ । ନିକଟରେ ଆଉ ଏକ ଶିବ ମନ୍ଦିର, ଯେଉଁଠି ଖୁବ୍ ଜୋର୍‌ରେ ଡବ୍ ଡବ୍ ହୋଇ ଡମ୍ବରୁ ବାଜୁଥାଏ, ଚାଲିଥାଏ ଭସ୍ମ ଆଳତି, ଅପୂର୍ବ ଏକ ଶିହରଣ ଖେଳିଗଲା ଦେହରେ । କେତେ ସୌଭାଗ୍ୟ ସେ ଶରୀରଟିର, ଯାହାର ଭସ୍ମ ଲେପନ କରୁଛନ୍ତି ପ୍ରଭୁ ନିଜ ଦେହରେ ! ଠିକ୍ ତାରି ପାଖରେ ବେଶ୍ ବଡ ଗୋଟେ କରେଇରେ ଛଣା ହେଉଥାଏ ପୁରି ଓ ଜଲେବି । ଗୋଟେ ପଟେ ଜୀବନର କୋଳାହଳ, ଗୋଟେ ପଟେ ମୃତ୍ୟୁର ଅଖଣ୍ଡ ନୀରବତା । ଗୋଟେ ପଟେ ଲୁହର ଧାର, ଅନ୍ୟ ପଟେ ହସର ଝର । ଗୋଟେ ପଟେ ସଂସାର ଆର ପଟେ ବୈରାଗ୍ୟ । ଏଠାରେ ମୃତ୍ୟୁ ତ ସତେ ଯେପରି ଗୋଟିଏ ଉତ୍ସବ ! କୁହାଯାଏ ପ୍ରତ୍ୟେକ ଦିନ ଏଠାରେ ଶିବ, ମାତା ପାର୍ବତୀଙ୍କ ସହିତ କୌଣସି ନା କୌଣସି ରୂପରେ ଆସି ଗଙ୍ଗା ସ୍ନାନ କରନ୍ତି । ଭାବିଲି ଏଠାରୁ କିଛି ପବିତ୍ର ଜଳ ସାଥିରେ ନେଇଯିବି । ହେଲେ ସ୍ଥାନୀୟ ବ୍ୟକ୍ତି ଜଣେ, ଚେତାଇ ଦେଲେ ଏଠାରୁ ଗଙ୍ଗା ଜଳ ଓ ଗଙ୍ଗା କୂଳର ମାଟି ନେବେ ନାହିଁ, ଅନ୍ୟଥା କାହାର ଅସ୍ଥି ଧରି ହିଁ ଘରକୁ ଯିବେ । ଦେଖୁଥିଲି, ଗଙ୍ଗା କୂଳରେ ମାଟି ବା ବାଲି ବଦଳରେ କେବଳ ପାଉଁଶ ସବୁ । ହଠାତ୍ କାହାର କଥାରେ ହେଲି ପ୍ରକୃତିସ୍ଥ, ନିକଟରେ ଠିଆ ହୋଇଥିବା ବ୍ୟକ୍ତି ଜଣେ କହିଲେ ବନାରସ୍ ଆସି ପାନ ଯଦି ନ ଖାଇବେ ତେବେ ବନାରସ୍ ବୁଲା ଅସମ୍ପୂର୍ଣ୍ଣ । ତାଙ୍କ କଥାମାନି ଅଶୀ ଟଙ୍କା ଦେଇ ପାନ ଖଣ୍ଡେ ଖାଇଲି, ସେପରି କିଛି ନିଆରା ଅନୁଭବ ପାଇଲି ନାହିଁ, ବରଂ ଆମର ଏଠି ପଚିଶ ଟଙ୍କାରେ ମିଳୁଥିବା ରଜ ପାନ ବେଶି ସୁଆଦିଆ ।■

(ବାକି କଥା ଆର ଥରକୁ)

ମୋ-୯୪୩୭୪ ୫୩୬୧୦

# ପ୍ରଦୂଷଣ ରୋକିବାକୁ ବାୟୋପାର୍କ ଏକମାତ୍ର ବିକଳ୍ପ



**ତାଳଚେର,୨୨।୨/ଏନ୍ଏନ୍ଏସ୍:** ତାଳଚେର ରାଜ୍ୟର ଏକ ପ୍ରମୁଖ ଶିଳ୍ପାଞ୍ଚଳ ହୋଇଥିବା ବେଳେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ କୋଇଲା ଖଣି ଯୋଗୁଁ ଏଠାରେ ଥିବା ଜଙ୍ଗଲ ଜମିଗୁଡ଼ିକ ସମ୍ପୂର୍ଣ୍ଣଭାବେ ଉଜୁଡ଼ି ଯାଇଛି। ଫଳରେ ବିଭିନ୍ନ ଗ୍ରାମ୍ୟ ଜଙ୍ଗଲ ଗୁଡ଼ିକରେ ରହୁଥିବା ଜୀବଜନ୍ତୁ ଓ ପକ୍ଷୀଙ୍କର ବାସସ୍ଥଳୀ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଉତ୍ତପ୍ତ ତାଳଚେର ବାୟୁ ମଣ୍ଡଳ ଧୂଳିଧୂଆଁ ଯୋଗୁଁ ପ୍ରଦୂଷିତ ହୋଇପଡୁଥିବାରୁ ଅଞ୍ଚଳବାସୀ ଖୋଲାପବନ ଓ ଶୁଦ୍ଧଜଳ ଟିକେ ପାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ତାଳଚେରରେକୁ ସର୍ବ ଭାରତୀୟସ୍ତରରେ ଏକ ପ୍ରଦୂଷିତ ଅଞ୍ଚଳ ବୋଲି ଚିହ୍ନଟ କରିସାରିଛନ୍ତି। କିଛି ବର୍ଷ ତଳେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବାୟୋପାର୍କ ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନକୁ ଏକ ପ୍ରକଳ୍ପ ରିର୍ପୋଟ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଆଜି ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ତେବେ ରାଣୀପାର୍କ ଠାରେ ଶହଶହ ଏକରରୁ ଊର୍ଦ୍ଧ୍ୱ ଜମି ରହିଥିବାରୁ ଏହି ବାୟୋପାର୍କ ପ୍ରତିଷ୍ଠା କରାଯିବାକୁ ପୂର୍ବରୁ ଦାବି ହୋଇଥିଲା। ଏଠାରେ ଏନ୍‌ଟିପିସି ପକ୍ଷରୁ ୨ଟି ବିଦ୍ୟୁତ୍ ପ୍ରକଳ୍ପ ସହ କଣିହାଁ ଡ଼େରେଙ୍ଗ ଠାରେ ମଧ୍ୟ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ଖଣିରୁ ସଡ଼କ ପଥରେ କୋଇଲା ପରିବହନ ଯୋଗୁଁ ଏସବୁ କାରଣରୁ ଲୋକମାନେ ବିଭିନ୍ନ ରୋଗରେ ପଡୁଛନ୍ତି। ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରିବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ତେବେ ବାୟୋପାର୍କ ନିର୍ମାଣ ହେଲେ ବିଭିନ୍ନ ଜୀବଜନ୍ତୁ ରହିବା ସହ ଜଙ୍ଗଲ ସୃଷ୍ଟି ହୋଇ ତାଳଚେର ପ୍ରଦୂଷଣ ମୁକ୍ତ ହୋଇପାରିବ ବୋଲି ପରିବେଶବିତ୍ ମାନେ ମତବ୍ୟକ୍ତ କରିଛନ୍ତି। ତେବେ ତାଳଚେରକୁ ଲାଗି ରହିଥିବା ରାଣୀପାର୍କ ଜଙ୍ଗଲକୁ ପୁନରୁଦ୍ଧାର କରାଯାଇ ସେଠାରେ ବିଭିନ୍ନ କିସମର ଚାରାରୋପଣ କରାଯିବା ସହ ଏକ ହରିଣପାର୍କ ପ୍ରତିଷ୍ଠା କରିବାପାଇଁ ଦୀର୍ଘଦିନରୁ ସରକାରୀ ସ୍ତରରେ ନିଷ୍ପତି ହୋଇଥିବା ବେଳେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ ଓ ଜଙ୍ଗଲ ସଂରକ୍ଷଣ ପାଇଁ ବିଭିନ୍ନ ସମୟରେ ପରିବଶେ କର୍ମୀ ଏବଂ ବିଦ୍ୟାଳୟ, ମହାବିଦ୍ୟାଳୟ, ଏନସିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା କରାଯାଉଛି। ଅନ୍ୟ ପକ୍ଷରେ ଏମସିଏଲ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହି ରାଣୀପାର୍କର ନନ୍ଦନକାନନ ପ୍ରତିଷ୍ଠା କରିବା ବାଧା ସୃଷ୍ଟି ହେବ ନାହିଁ ବୋଲି ପରିବେଶବିତ୍ ମାନେ ମତପୋଷଣ କରିଛନ୍ତି।

## ବଡ଼ପଡ଼ିଆ ପରିବା ମାର୍କେଟ୍‌ରେ ଭୟାବହ ଅଗ୍ନିକାଣ୍ଡ

# ୫୦ରୁ ଊର୍ଦ୍ଧ୍ୱ ଦୋକାନ ଜଳି ପାଉଁଶ

**ପାରାଦୀପ,୨୨।୨/ଏନ୍ଏନ୍ଏସ୍:** ପାରାଦୀପ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ। ଜଳିଗଲା ୫୦ରୁ ଊର୍ଦ୍ଧ୍ୱ ଦୋକାନ ଘର। ପାଖାପାଖି ୩କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଜଳିପୋଡି ପାଉଁଶ ହୋଇଯାଇଛି। ଶନିବାର ବିଳମ୍ବିତ ରାତ୍ରି ପାଖାପାଖି ଦୁଇଟା ସମୟରେ ଏକ ଦୋକାନରେ ଲାଗିଥିବା ନିଆଁ ଚାହୁଁଚାହୁଁ ସମଗ୍ର ପରିବା ମାର୍କେଟ ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା କେହି କିଛି ଭାବିବା ଆଗରୁ ସମଗ୍ର ପରିବା ମାର୍କେଟ ନିଆଁର ବଳୟ ଭିତରେ ରହିଯାଇଥିଲା। ପରିବା, ଟଙ୍କା, ଓଜନକଣ୍ଟା, ସାଇକେଲ, ବାଇକ, ବିଭିନ୍ନ ଆସବାବପତ୍ର ସମ୍ପୂର୍ଣ ଜଳିପୋଡି ପାଉଁଶ ହୋଇଯାଇଛି। ଖବର ପାଇବା ପରେ କୁଜଙ୍ଗ ଅଗ୍ନିଶମ ବିଭାଗ ସହିତ ପାରାଦୀପ ବନ୍ଦର, ପିପିଏଲ, ଇଫ୍‌କୋ ସହିତ ଅନ୍ୟାନ୍ୟ ଶିଳ୍ପସଂସ୍ଥାର ୫ରୁ ଊର୍ଦ୍ଧ୍ୱ ନିଆଁଲିଭା ଗାଡି ଘଣ୍ଟାଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ



କରିବା ପରେ ମଧ୍ୟ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରି ନାହିଁ। ସମଗ୍ର ପାରାଦୀପ ବାସୀଙ୍କ ପରିବାର ଚାହିଦା ମେଣ୍ଟାଉଥିବା ଏହି ସର୍ବବୃହତ ପରିବା ମାର୍କେଟରେ ରହିଥିବା ଅସ୍ଥାୟୀ ପିଣ୍ଡିଗୁଡିକ ବାଉଁଶ ଓ ପାଲରେ ତିଆରି ହୋଇଥିବାରୁ ନିଆଁ ଲାଗିବା ପରେ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇ ପଡିଥିଲା ବୋଲି ବଣିକ ସଙ୍ଘର ସଦସ୍ୟମାନେ କହିଛନ୍ତି। ରାତି ଦୁଇଟା ସମସ୍ତ ପରିବା ବ୍ୟବସାୟୀ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିବାରୁ କେହି କିଛି ଭାବିବା ପୂର୍ବରୁ ନିଆଁ ସମ୍ପୂର୍ଣ୍ଣ ପରିବା ମାର୍କେଟକୁ ଗ୍ରାସ କରିଥିବା ନେଇ ବ୍ୟବସାୟୀମାନେ କହିଛନ୍ତି। ଅଗ୍ନିକାଣ୍ଡ ଏଭଳି ଭୟଙ୍କର ରହିଥିଲା ଯେ ବ୍ୟବସାୟ କରିଥିବା ଟଙ୍କାକୁ କାଢ଼ିବା ସମ୍ଭବ ହୋଇ ପାରିନାହିଁ। ଯାହା ଫଳରେ କୋଟି କୋଟି ଟଙ୍କାର କ୍ଷୟକ୍ଷତି ଘଟି ଯାଇଥିବା ନେଇ ଦୁଃଖର ସହିତ କହିଛନ୍ତି କିଛି ବ୍ୟବସାୟୀ। ପୂର୍ବରୁ କିଛିମାସ ତଳେ ଏହିଭଳି ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ବ୍ୟବସାୟୀମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ରୁ ୩ଟି ଦୋକାନ କ୍ଷତି ହୋଇଥିଲା। ହେଲେ ଆଜିର ଦୁର୍ଘଟଣା ସମଗ୍ର ବ୍ୟବସାୟୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଜଣା ପଡି ନ ଥିଲେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ କୁଜଙ୍ଗ ଅଗ୍ନିଶମ ବିଭାଗର ଅଧିକାରୀ କାର୍ତ୍ତିକେଶ୍ୱର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଅଟୋ ଦୁର୍ଘଟଣା, ଜଣେ ମୃତ

**ପରଜଙ୍ଗ,୨୨।୨/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ପଦା ପାଟିଆ ଓ ଆଖୁଆପାଳ ରାସ୍ତାର ମହୁଲ ଡଗର ଗ୍ରାମ ନିକଟରେ ଅଟୋ ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ଦଦରାଘାଟି ଫାଣ୍ଡି ଅଧୀନ ରଙ୍ଗଥଳି ଗ୍ରାମର ଜଳଧର ପ୍ରଧାନ(୫୦)। ଗୁରୁତରମାନେ ମଧ୍ୟ ସେହି ଗ୍ରାମର ଅଜିତ ଖଟୁଆ(୩୧), ଦୁଷ୍ମନ୍ତ ବେହେରା(୪୭), ଅର୍ଜୁନ ପ୍ରଧାନ(୬୦), ଜଗନ୍ନାଥ ପ୍ରଧାନ(୩୫), ବାଇକୁଳ ବେହେରା(୫୭) ଓ ବିରଞ୍ଚି ବେହେରା(୪୭) ବୋଲି ଜଣାପଡ଼ିଛି। ସମସ୍ତେ କୁଟୁରିଆ ଗ୍ରାମସ୍ଥିତ ମା ବିଲେଇଶୁଣି ଶକ୍ତି ପୀଠରୁ ଦର୍ଶନ କରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ର ସମ୍ମୁଖୀନ ହୋଇଥିଲେ। ଡାଲା ଅଟୋଟି ଭାରସାମ୍ୟ ହରାଇ ଶାଖା କେନାଲ ଭିତରକୁ ଖସି ପଡିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିଲେ।

# ବୀରଭୂମି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ପରଜଙ୍ଗ,୨୨।୨/ଏନ୍ଏନ୍ଏସ୍:** ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବୀର ଭୂମି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ରଜତ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଆଜି ସ୍ଥାନୀୟ ଡିହଡୋଳ ଶ୍ରୀକ୍ଷେତ୍ର ମଣ୍ଡପ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ବୀରଭୂମି ସାହିତ୍ୟ ସଂସଦର ସଭାପତି କବି ଯୁଗଳ କିଶୋର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବର ମୁଖ୍ୟଅତିଥି ଭାବେ କବି ପ୍ରେମାନନ୍ଦ ପାଣିଗ୍ରାହୀ ଓ ମୁଖ୍ୟବକ୍ତା କବି ଅକ୍ଷୟ କୁମାର ନାୟକ ଯୋଗଦେଇଥିଲେ। କବି ଯତିନ୍ଦ୍ର କୁମାର ସାହୁ ଓ କବି ସୁଧାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ସାହିତ୍ୟ ଜଗତରେ କବିଙ୍କ କବିତା ସ୍ୱପ୍ରତିଭାକୁ ପ୍ରଜ୍ୱଳିତ କରିଛନ୍ତି ଅନେକ ବରପୁତ୍ର। ସମୟ ଅନୁଯାୟୀ କବିମାନଙ୍କ କାହା ଲେଖନୀରୁ ବର୍ଷିଛି ଅଗ୍ନୀ ସ୍ଫୁଲିଙ୍ଗ ତ ଅନ୍ୟ କବିଙ୍କ ଲିଖନୀ ଭାବ ଧାରାରେ ଭିଜି ଯାଇଛି ଜନ ମାନସଙ୍କ ହୃଦୟ। କେହି ଦେଖାଇଛନ୍ତି ନବ ଦିଗନ୍ତ ତ କିଏ ରକ୍ଷଣଶୀଳ



ଜନ ଜୀବନକୁ କରିଛନ୍ତି ଚଳ ଚଞ୍ଚଳ ଓ ପ୍ରାଣବନ୍ତ। ବୀରଭୂମି ପରଜଙ୍ଗର କିଛି ସାରସ୍ୱତ ସାଧକଙ୍କ ପଥ ପ୍ରଦର୍ଶକରେ ବୀରଭୂମି ସାହିତ୍ୟ ସଂସଦ ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ପାଳନ କରୁଛି। ଏହି ଅବସରରେ ବୀରଭୂମି ସାହିତ୍ୟ ସଂସଦର କବିମାନଙ୍କ ଲିଖନିର ସ୍ୱରଚିତ କବିତା ପାଠ କରିବା ସହ ବୀରାଙ୍ଗନା ସାହିତ୍ୟ ପତ୍ରିକାର ଶୁଭ ଉନ୍ମୋଚନ ହୋଇଥିଲା। ଏଥି ସହି କବିକଳ୍ପ ଯୁଗଳ କିଶୋର ନାୟକଙ୍କ ଉତ୍ତରଣ, କବି ସୁଭାଷ ଚନ୍ଦ୍ର ଭୂତିଆଙ୍କ ନାଟକ ଜୟ ଶ୍ରୀରାମ, ଶିକ୍ଷକ ଅଜିତ୍ କୁମାର ଦାସ୍‌ଙ୍କ ମାଟି ସୁଗନ୍ଧ ମଧ୍ୟ ଉନ୍ମୋଚନ ହୋଇଥିଲା। ଉପସ୍ଥିତ କୁନି ପ୍ରତିଭାମାନଙ୍କର ସ୍ୱାଗତ ସଙ୍ଗୀତ ଗାନ ପରେ ଅତିଥି ବୃନ୍ଦ ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ କବିତା ପାଠ ଆରମ୍ଭ ହୋଇଥିଲା। କବି ଶରତଚନ୍ଦ୍ର ସାହୁ, ଭୀମସେନ ଖଟୁଆ, କବିଚନ୍ଦ୍ର ବେହେରା, ନଳିନୀକାନ୍ତ ସାହୁ,ଦିଲୀପ କୁମାର ବେହେରା, ଇନ୍ଦୁମତୀ ସାସମଲ ଜ୍ୟୋସ୍ନାମୟୀ ଦାସ, ରିନା ରାଣି ଜେନା ସ୍ୱରଚିତ କବିତା ମାନ ପାଠ କରିଥିଲେ। ଶିଶୁ ପ୍ରତିଭା ସୌମ୍ୟଶ୍ରୀ, ଲକ୍ଷ୍ମୀପ୍ରିୟା, ସ୍ୱପ୍ନା, ଆଦ୍ୟାଶ୍ରୀ, ଲାଗ୍ୟଶ୍ରୀ, ଜୋସାମଇ ଆଦି ନିଜସ୍ୱ କବିତା ପାଠ ଓ ନୃତ୍ୟରେ ଉପସ୍ଥିତ ସାହିତ୍ୟ କବିତା ପ୍ରେମୀ ବିଭୋର ହୋଇଥିଲେ । ମୁଖ୍ୟ ଅତିଥି ପ୍ରେମାନନ୍ଦ ପାଣିଗ୍ରାହି, ମୁଖ୍ୟବକ୍ତା ଅକ୍ଷୟ କୁମାର ନାୟକ, ସମ୍ମାନୀୟ ଅତିଥି ସୁଧାକର ନାୟକ ଓ ଜତିନ୍ଦ୍ର କୁମାର ସାହୁ , ବୀରଭୂମି ସାହିତ୍ୟ ସଂସଦ ସଭାପତି ଯୁଗଳ କିଶୋର ନାୟକ୍, ବୀରାଙ୍ଗନା ସାହିତ୍ୟ ସମ୍ମାନରେ କବି କମଳ ଲୋଚନ ଦାସ ଓ ଅକ୍ଷୟ କୁମାର ନାୟକଙ୍କୁ ସମ୍ମାନିତ କରିବା ସହ କୁନି ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କବି ଅଜିତ୍ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ ଓ କବି ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ପରିବାରକୁ ସହାୟତା



**ଧର୍ମଶାଳା,୨୨।୨/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀ କୋଟପୁର ପଞ୍ଚାୟତ ମୁରତପୁର ଗ୍ରାମରେ ବାସହରା ଜଣେ ବିଧବାଙ୍କ ଦୁଃଖ ଶୁଣି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଘର ଟିଏ କରିବାକୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମାଧମରେ ଆଜି ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡିଛି । ପ୍ରକାଶ, ଏହି ନିର୍ବାଚନ ମଣ୍ଡଳୀ କୋଟପୁର ପଞ୍ଚାୟତ ମୁରତପୁର ଗ୍ରମରେ ସୁଲୋଚନା ନାୟକ ନାମକ ଜଣେ ବିଧବା ମହିଳା ନିଜର ଏକ ଭିନ୍ନକ୍ଷମ ପୁଅକୁ ନେଇ ଭଙ୍ଗା ଚାଳିଆ ଘରେ ରହିଆସୁଥିବା ବେଳେ ବର୍ଷା ଓ ଖରାରେ ଘରେ ଚଳିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡିଥିଲା। ଏନେଇ ବିଭିନ୍ନ ସ୍ଥାନରେ ଗୁହାରୀ କରି ହତାସ ହୋଇଥିଲେ। ଗତ ୧୫ ତାରିଖରେ କୋଟପୁର ଠାରେ ଅନୁଷ୍ଠିତ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗଦେବାକୁ ବିଧାୟକ ଶ୍ରୀ ସାହୁ ଯାଇଥିବା ବେଳେ ବିଧବା ଜଣକ ତାଙ୍କୁ ଭେଟି ଭଙ୍ଗା କୁଡିଆ ଘରେ ଚଳିବା ସମ୍ଭବପର ହେଉନଥିବାରୁ ପକା ଘରଟିଏ କରି ଦେବାକୁ ଅନୁରୋଧ କରିଥିଲେ। ତେବେ ବିଧବା ଜଣକ ସରକାରୀ ଜାଗାରେ ରହୁଥିବାରୁ ସେଠାରେ ତାଙ୍କୁ ସରକାରୀ ବାସଗୃହ ଯୋଗାଇ ଦେବା ସମ୍ଭବପର ହୋଇନଥିଲା। ଏହାକୁ ବିଧାୟକ ଶ୍ରୀ ସାହୁ ଅତି ଗୁରୁତର ଭାବେ ଗ୍ରହଣ କରି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହାୟତାରେ ବାସହିନ ବିଧବାଙ୍କୁ ଆଜି ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ଏହି ନିର୍ବାଚନ ମଣ୍ଡଳୀ ଜାବରା ଠାରେ ରହୁଥିବା ଶୁଭାସିନୀ ପାଳଙ୍କୁ ଘର କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଦେଢ଼ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ଆଜି ୧୫ନଂ ଜୋନ୍ ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ନିଗମାନନ୍ଦ ଦାସ, ଦିବଜ୍ୟୋତି ପରିଡା, ସଞ୍ଜିତ ସାମଲ, ଅଚ୍ୟୁତ ଦଳାଇ, ସୌମେନ୍ଦ୍ର ସାମଲ, ବିଖୁ ଦଳାଇ ପ୍ରମୁଖ ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଞ୍ଚି ନୂତନ ଗୃହ ନିର୍ମାଣ ପାଇଁ ସୁଭାଶିନୀଙ୍କୁ ଦେଢ଼ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଧର୍ମଶାଳା ବିଧାୟକଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂଶା କରାଯାଇଛି।

## ମହାବିନାୟକ ପୀଠରେ ସ୍ୱଚ୍ଛତା ଅଭିଯାନ

**ବଡ଼ଚଣା,୨୨।୨/ଏନ୍ଏନ୍ଏସ୍:** ପବିତ୍ର ମହାଶିବରାତ୍ରି ଓ ଜାଗର ଯାତ୍ରା ପରେ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ପରର ଅଳିଆ ଅବର୍ଜନାମୟ ପରିସ୍ଥିତି ହୋଇଯାଇ ଥିଲା। ରବିବାର ଦିନ ମହାବିନାୟକ ସାଂସ୍କୃତିକ ପରିଷଦ ପକ୍ଷରୁ ସଭାପତି ପବିତ୍ର ରାଉତ, ସମ୍ପାଦକ ହରିଶଙ୍କର ପଣ୍ଡା, ଦର୍ପଣ ସରପଞ୍ଚ ରଞ୍ଜନ କୁମାର ଦାଶ, ଭୂଷଣ୍ଡପୁର ସରପଞ୍ଚ ଯଯାତି କେଶରୀ ରାଉତ, ଉପଦେଷ୍ଟା ଅନନ୍ତ ପ୍ରସାଦ ମହାଲା,ସଭ୍ୟ କିଶୋର ମହାପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ବଜୟ ସାରଥି ପଣ୍ଡା, ଲଳିତ ସାହୁ ଅଶ୍ୱିନି ପଣ୍ଡା, ନିରଞ୍ଜନ ସ୍ୱାଇଁ, ସହଦେବ ସାହୁ ପ୍ରମୁଖ ଯୋଗଦେଇ ଜାଗର ସମୟରେ ମନ୍ଦିର ପରିସର ମଧ୍ୟରେ ବିଭିନ୍ନ ପ୍ରକାର ଦୋକାନ ହୋଇଥିଲା। ଏହାପରେ ଏଠାରେ ପଡିଥିବା ଅଳିଆ ଅବର୍ଜନା ଗୁଡିକ ସଫେଇ ପାଇଁ ବଡ଼ଚଣାର ବିଧାୟକ ଶ୍ରୀ ଅମର କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ମହାବିନାୟକ ସାଂସ୍କୃତିକ ପରିଷଦ ପକ୍ଷରୁ କର୍ମକର୍ତ୍ତାମାନେ ମିଳିତ ହୋଇ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ମନ୍ଦିର ପରିସରକୁ ସଫେଇ କରିଥିଲେ।

# ଅଗ୍ନିକାଣ୍ଡରେ ଘର ପୋଡ଼ି ପାଉଁଶ

**କେନ୍ଦ୍ରାପଡ଼ା,୨୨।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ କଷୋଟି ଗ୍ରାମର ଗୌରି ମଳିକଙ୍କ ଘରକୁ ଦୁର୍ବୃତ୍ତ ପୋଡି ପାଉଁଶ କରିଦେଇଛନ୍ତି ବୋଲି ସଦରଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଭାଣ୍ଡିଲୋ ଗ୍ରାମର ଗୌରି ମଳିକଙ୍କ ନଣନ୍ଦ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ମହେନ୍ଦ୍ର ମଳିକ ନିଶାଶକ୍ତ ଅବସ୍ଥାରେ ବାରମ୍ବାର ଅନ୍ନପୂର୍ଣ୍ଣାଙ୍କୁ ସବୁବେଳେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରୁଥିଲେ। ଗତ ୧୦ବର୍ଷ ହେବ



ଗୌରି ନଣନ୍ଦକୁ ନିଜ ଘରକୁ ଆଣି ରଖିଥିଲା। ଗତ ୨୧ତାରିଖରେ ନିଶାଶକ୍ତ ଅବସ୍ଥାରେ ଅନ୍ନପୂର୍ଣ୍ଣାଙ୍କ ଉପରେ ରାଗ ରଖି ଗାଳିଗୁଲଜ କରିବା ସହ ଘରକୁ ପୋଡିଦେବ ବୋଲି ଧମକ ଦେଇଥିଲା। ରାତି ୧୧ ପରେ ସମସ୍ତେ ଶୋଇପଡିବା ପରେ ଘରକୁ ନିଆଁ ଲଗାଇ ଦେଇଥିଲା ବୋଲି ସଦର ଥାନାରେ ଅଭିଯୋଗ ହୋଇଛି। ନିଆଁ ଲଗାଇବା ପରେ ମହେନ୍ଦ୍ର ବାଇକ ଯୋଗେ ଫେରାର ହୋଇଯାଥିଲା ବୋଲି ଗ୍ରାବାସୀମାନେ ଦେଖିଛନ୍ତି ବୋଲି ଅନ୍ନପୂର୍ଣ୍ଣା ଅଭିଯୋଗ କରିଛନ୍ତି । ଏହି ଅଗ୍ନିକାଣ୍ଡରେ ତାର ଘର ସହ ଧାନ, ଚାଉଳ, ସ୍କୁଟି, ସାଇକେଲ, ଘରର ଆସବାପତ୍ର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଗ୍ରାମବାସୀ ଓ ଅଗ୍ନିସେବା ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ଏହି ଘଟଣାକୁ ସଦରଥାନା ପୋଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶାଳ ହିନ୍ଦୁ ସମ୍ମିଳନୀ

# ସନାତନ ଧର୍ମ ସୃଷ୍ଟିର ପ୍ରଥମ ଧର୍ମ



**କେନ୍ଦ୍ରାପଡ଼ା,୨୨।୨/ଏନ୍ଏନ୍ଏସ୍:** ସନାତନ ଧର୍ମ ସୃଷ୍ଟିର ସର୍ବ ପୁରାତନ ତଥା ଏକମାତ୍ର ଧର୍ମ। ସନାତନ ସଂସ୍କୃତି ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥାଏ। ସମଗ୍ର ବିଶ୍ୱର ମଙ୍ଗଳ କାମନା ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନାଦି କାଳରୁ ଏହି ଧର୍ମ ଚେଷ୍ଟା କରି ଆସିଛି ଓ ଦେଶ ମାତୃକାକୁ ନିଜର ମାଆ ବୋଲି ସମ୍ବୋଧନ କରିଆସିଛି। ହିନ୍ଦୁ ସଂସ୍କୃତି କେବଳ ଦେବୀ ବା ଦେବତା ନୁହେଁ, ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ୍ୟ ଭଗବତ ସଞ୍ଚାର ଅନୁଭବ କରିଥାଏ। ତେଣୁ ଏହି ମହାନ ସଂସ୍କୃତିକୁ ବଜାୟ ରଖି ସୁରକ୍ଷା ପ୍ରଦାନ କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଏଥିସହିତ ସୁସଂଗଠିତ ହୋଇ ଭାରତ ଗୌରବର ବିଜୟ ବାନାକୁ ସମଗ୍ର ବିଶ୍ୱରେ ଉଡାଇବା ଉଚିତ ବୋଲି ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମା’ ବୁଢ଼ୀ ବିଲାଶୁଣୀ ଓ ମା’ଯାଜ୍ଞସେନୀ ବସତୀର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ସାନ୍ତସାହିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ସଂଯୋଜକ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଉଦଘାଟକ ରୂପେ ମହନ୍ତ ସଚ୍ଚିଦାନନ୍ଦ ଦାସ, ମୁଖ୍ୟଅତିଥି ଭାବେ ଦୈନିକ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ପ୍ରମୁଖ ଯୋଗଦେଇ ଭାରତୀୟ ହିନ୍ଦୁ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏକ ସୁସ୍ଥ ହିନ୍ଦୁ ସମାଜ ଗଠନରେ ସାମାଜିକ ସରସତା ସ୍ଥାପନ ପାଇଁ ପ୍ରତ୍ୟେକ ହିନ୍ଦୁମାନଙ୍କ ମଧ୍ୟରେ ଥିବା ଉଚ୍ଚନୀଚ ଭେଦଭାବକୁ ଦୂର କରିବାକୁ ପଡିବ ବୋଲି କହିଥିଲେ। ଏହାସହିତ ଦେଶକୁ ଏକ ପରମ ବୈଭବଶାଳୀ ରାଷ୍ଟ୍ର ଭାବେ ଗଠନ କରି ପ୍ରତ୍ୟେକ ହିନ୍ଦୁମାନଙ୍କୁ ସଂଗଠିତ କରିବାର ଆବଶ୍ୟକତା ତଥା ହିନ୍ଦୁତ୍ୱ ଓ ସନାତନ ଧର୍ମ ଏବଂ ସଂସ୍କୃତିର ସୁରକ୍ଷା ପ୍ରତି ଆସୁଥିବା ଆହ୍ୱାନକୁ ସାମନା କରିବାକୁ ସମସ୍ତେ ଏକାଠି ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ଚାଟାର୍ଜୀ, କିଶୋର ପଣ୍ଡା, ଗିତାଞ୍ଜଳୀ ସେଠୀ, ନେହେରୁ ସାହୁ, ପ୍ରଧାନ ଆଚାର୍ଯ୍ୟ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଚ୍ଚିଦାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲୋକନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଦୁଇହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ନାୟକ, ମାଧବ ନନ୍ଦ, ଭିକାରୀ ପ୍ରଧାନ, ସମୀର ଦାସ, ପ୍ରଭାତରଞ୍ଜନ ସ୍ୱାଇଁ, ଅଭୟ ବେହେରା, କ୍ଷିତିଶ ସିଂହ, ରଞ୍ଜନ କୁମାର, ଶ୍ରୀନିବାସ ନାୟକ, ପଦ୍ମଲୋଚନ ମହାପାତ୍ର, ମହେଶ୍ୱର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଚଣ୍ଡିଖୋଲ କଲେଜ୍ ପୁରାତନ ଛାତ୍ର ସଂଘ ବୈଠକ




**ବଡ଼ଚଣା,୨୨।୨/ଏନ୍ଏନ୍ଏସ୍:** ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସାଧାରଣ ପରିଷଦ ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଲେଜ ସୁବର୍ଣ୍ଣ ଜୟନ୍ତୀ ଉଦଯାପନ ଉତ୍ସବ ପାଳନ ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ସ୍ଥିର କରାଯାଇ ଏଥିପାଇଁ ଏକ ସମ୍ପାଦନା ମଣ୍ଡଳୀ ଗଠନ କରିବାପାଇଁ ସ୍ଥିର କରାଯାଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସ୍ମରଣିକା ନିମନ୍ତେ ଇଚ୍ଛୁକ ପୁରାତନ ଛାତ୍ରଛାତ୍ରୀମାନେ ଲେଖା ପଠାଇବା ପାଇଁ ଅନୁରୋଧ କରାଯାଇଛି। କଲେଜ ପ୍ରତିଷ୍ଠା ସମୟରେ ଓ କଲେଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ବଦାନ୍ୟ ବ୍ୟକ୍ତି ବିଶେଷ, ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ ଓ ଷ୍ଟାଫ୍ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ ନିମନ୍ତେ ସ୍ଥିର କରାଯାଇଛି। ଏଥିପାଇଁ ଏକ ସମନ୍ୱୟ କମିଟି ଗଠନ କରାଯିବା ପାଇଁ ସ୍ଥିର କରାଯାଇଛି। ସଭା ପ୍ରାରମ୍ଭରେ କଲେଜ ଇଂରାଜୀ ବିଭାଗୀୟ ପ୍ରାକ୍ତନ ମୁଖ୍ୟ ପ୍ରାଧ୍ୟାପକ ଦିବଂଗତ ରାଜେନ୍ଦ୍ର କୁମାର ପାଢ଼ୀ, ପୁରାତନ ଛାତ୍ର ଅଧ୍ୟାପକ ସ୍ୱର୍ଗତ ବିଭୂତି ଭୂଷଣ ନାୟକ, ସମାଜସେବୀ ସନ୍ତୋଷ କୁମାର ମହାନ୍ତି, ଶିକ୍ଷୟିତ୍ରୀ ପୁଷ୍ପଲତା ସେଠୀ ଓ ସ୍ୱୟଂପ୍ରଭା ରାଉତ ଏବଂ ସନ୍ତୋଷ ମହାରଣାଙ୍କ ଅକାଳ ବିୟୋଗରେ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ମେଜର ଦିଲ୍ଲୀପ କୁମାର ନାୟକ, ସୁଶ୍ରୀ କାମିନୀ ନାୟକ, ଅଧ୍ୟାପକ ତପନ କୁମାର ଜେନା, ସଲିଳ ରାଜନନ୍ଦନ ମହାନ୍ତି, ବିଜୟ କେତନ ସାମଲ ଓ ନିଶିକାନ୍ତ ଦାସ, ଶକ୍ତିରଞ୍ଜନ ରାଉତ, ପ୍ରଦୀପ କୁମାର ଧଳ, ସଞ୍ଜୟ କୁମାର ରାୟ, ମନୋରଞ୍ଜନ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ଆଇନଜୀବୀ ବୀରେନ୍ କୁମାର ବିଶ୍ୱାଳ, ପୃଥ୍ୱୀରାଜ ନାୟକ, ଅଜୟ କୁମାର ପ୍ରଧାନ, ଶୁଭ୍ରାଂଶୁ ଶେଖର ବରାଳ ଓ ସୌମ୍ୟରଞ୍ଜନ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

## ୫ ହାଇୱା ଜବତ, ଡ୍ରାଇଭର୍ କୋର୍ଟଚାଲାଣ

**କଣିହାଁ,୨୨।୨/ଏନ୍ଏନ୍ଏସ୍:** କଣିହାଁ ବ୍ଲକ୍ ଅଧୀନ ରେଙ୍ଗାଳି ଥାନା ପକ୍ଷରୁ ବେଆଇନ ପଥର ଖନନ ଓ ପରିବହନ ବିରୋଧରେ ବ୍ୟାପକ ଅଭିଯାନ ଚାଲିଥିବା ବେଳେ ଗତକାଲି ରାତ୍ରିରେ ଖୁଣ୍ଟ ବି ପଥର କୁଆଁରୀ-୨ ଠାରୁ ଖାଲପାଳ ଗ୍ରାମ ନିକଟସ୍ଥ କ୍ରସ୍ ଅଭିମୁଖେ ବେଆଇନ ଭାବେ କଳାମୁଗୁନି ପଥର ବୋଝେଇ କରି ଯାଉଥିବା ୫ଟି ହାଇୱାକୁ ପୁଲିସ ଜବତ କରିଥିଲା। ଏହାସହିତ ଘଟଣାସ୍ଥଳରୁ ଗୋଟିଏ ପୋକଲିନ ଓ ଗୋଟିଏ ଷ୍ଟୋନ୍ ବ୍ରେକର ମେସିନ୍‌କୁ ମଧ୍ୟ ଜବତ କରାଯାଇଥିଲା। ଆଜି ତାଳଚେର ଖଣି ବିଭାଗ ପକ୍ଷରୁ ଯାଞ୍ଚ ପରେ ଜଣାପଡ଼ିଛି ଯେ, ବିନା ଟ୍ରାଜିଷ୍ଟ ପାସ୍‌ରେ ପଥର ପରିବହନ ହେଉଥିଲା। ଏହା ପରେ ସମସ୍ତ ଗାଡ଼ିକୁ ଆଇନୁକ୍ତ ଭାବେ ଜବତ କରାଯାଇଛି। ଏହି ଘଟଣାରେ କେସ୍ ନଂ ୪୮/୨୬ ରେ ମାମଲା ରୁଜୁ କରାଯାଇ ଓଡି-୩୫ସି-୩୬୫୦ ର ଚାଳକ ଜିତେନ୍ଦ୍ର ପ୍ରଧାନ, ଓଡି-୩୫ସି-୩୫୫୦, ଓଡି-୩୫ସି-୩୬୫୦ର ଗଣେଶ୍ୱର ପ୍ରଧାନ, ଓଡି-୧୯ଡି-୨୧୫୦ର କାଳନ୍ଦୀ ଚରଣ ସାମଲ ଓ ଓଡି-୧୯ଡି-୨୪୫୦ର ରଞ୍ଜନ ପଣ୍ଡାଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀକାଳରେ ସମସ୍ତ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଛି। ଚଞ୍ଚଳା ନାୟକ, ଆଇଆଇସି, ରେଙ୍ଗାଳି ଥାନାଙ୍କ ଅଭିଯୋଗ କ୍ରମେ ରମଣି ରଞ୍ଜନ ଦଳେଇ, ଆଇଆଇସି, କଣିହାଁ ଥାନା ଉକ୍ତ କେସ୍‌ର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପାଳଲହଡା ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନ ପଥର ଖନନ ଓ ପରିବହନ ନେଇ ଅଭିଯୋଗ ଆସୁଥିବା ବେଳେ ପୁଲିସ ଓ ଖଣି ବିଭାଗର ସଂଯୁକ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ଏହି ଚକ୍ର ଉପରେ ବଡ଼ ଆଘାତ ଲାଗିଥିବା ବୋଲି ମତ ପ୍ରକାଶ ପାଇଛି। ତଦନ୍ତ ଜାରି ରହିଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ପୁଲିସ ସୂଚନା ଦେଇଛି।

### ବିଦ୍ୟାଳୟର ବିକଳ ଚିତ୍ର

## ପଡ଼ିଆରେ ଚାଲିଛି ମଧ୍ୟାହ୍ନ ଭୋଜନ



**ଢେଙ୍କାନାଳ,୨୨।୨/ଏନ୍ଏନ୍ଏସ୍:** ଗଦିଆଁ ବ୍ଲକ୍ ଅନ୍ତର୍ଗତ ପୋରୁହଖୋଜ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଆଦିବାସୀ ଅଧ୍ୟୁଷିତ ଗାଁ ଦଣ୍ଡେଇବେରେଣୀରେ ଉକ୍ତ ଗ୍ରାମରେ ୧୯୭୮ ମସିହାରେଏହି ସରକାରୀ ପ୍ରାଥମିକ ବିଦ୍ୟାଳୟଟି ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ନୂତନ ଭାବରେ ଏଠାରେ ୨ଗୋଟି ନିର୍ମାଣ ହେଉଛି କ୍ଲାସ ରୁମ୍। ପ୍ରାୟ ଏକ ବର୍ଷ ବିତିଗଲାଣି କିନ୍ତୁ ନିର୍ମାଣ କାର୍ଯ୍ୟ ଚାଲିଛି ସରିବାର ନା ଧରୁ ନାହିଁ।ଉକ୍ତ ଦୁଇ ବଖରା ଘରରେ ଛାତ ପଡିଛି କିନ୍ତୁ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଫଳରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ୬୬ ଜଣ ବିଦ୍ୟାର୍ଥୀ ଏବେ ଏବେ ନାହିଁ ନଥିବାର ହିନସ୍ତା ହେଉଥିବାର ଦେଖିବାକୁ ମିଳୁଛି । ଶ୍ରେଣୀ ଗୃହ କମ ଥିବାରୁ ଅନେକ ସମୟରେ ପିଲାମାନେ ବାରଣ୍ଡାରେ ବସି ପାଠ ସିନା ପଢୁଛନ୍ତି। କିନ୍ତୁ ଆହୁରି ବିକଳ ଚିତ୍ର ହେଉଛି ପିଲାମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଯେଉଁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି ତାହାକୁ ଖୋଲା ପଡିଆରେ ଖରାରେ ପିଲାମାନେ ଭୋଜନ କରିଛନ୍ତି । ଦଣ୍ଡେଇବେରେଣୀ ଗ୍ରାମଟି ଆଦିବାସୀ ବହୁଳ। ଏହା ପ୍ରଥମେ ଗଁଦିଆ ପରେ ପୋରୁହଖୋଜ ଗ୍ରାମ ପଞ୍ଚାୟତ ଅଧୀନରେ ଥିଲା। ୨୨ ଜାନୁଆରୀ ୨୦୨୫ରେ ରାଜ୍ୟ ସରକାର ଗଁଦିଆକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବା ପରେ ତାହା ବର୍ତ୍ତମାନ ଗଦିଆ ଘଇଉରେ ଅନ୍ତର୍ଭୁକ୍ତ ହୋଇଛି। ତେବେ ଦୀର୍ଘ ବର୍ଷେ ହେଲା ଅଧାପନ୍ତରିଆ ହୋଇ ପଡ଼ିଥିବା ଉକ୍ତ ସ୍କୁଲ ଘରର କାର୍ଯ୍ୟ ଶେଷ କରିବେ କିଏ ବ୍ଲକ୍ ପ୍ରଶାସନ ନା ନୂତନ ଏନ୍ଏସି ପ୍ରସାଶନ ତାହା ଦେଖିବାକୁ ବାକି ରହିଲା।

### ମହିଳା ଓ ଶିଶୁ ବିଭାଗ ଅତିରିକ୍ତ ସଚିବଙ୍କ ଚିଠିକୁ ବେଖାତିର

## ଶିଶୁବିକାଶ ପ୍ରକଳ୍ପରେ ୬ବର୍ଷ ପରେବି ସୁପରଭାଇଜର୍‌ଙ୍କ ହେଉନି ବଦଳି

**ରାଜନଗର,୨୨।୨/ଏନ୍ଏନ୍ଏସ୍:** ରାଜ୍ୟରେ ନୂତନ ସରକାର ଗଠନ ହେବାର ଦୁଇମାସ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗରେ ୬ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ସୁପରଭାଇଜରଙ୍କୁ ବଦଳି ପାଇଁ ଜିଲ୍ଲାପାଳମାନଙ୍କୁ ବିଭାଗୀୟ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାରଣା ୨୦୨୪ ମସିହା ଅଗଷ୍ଟ ୩ତାରିଖ ଦିନ ଚିଠି ନଂ-୧୬୬୬୫ରେ ନିର୍ଦ୍ଦେଶ ଦେଇଥିଲେ। ଏହି ଚିଠିକୁ ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଚିଠି ନଂ-୧୮୧୯, ୨୦୨୪ ମସିହା ଅଗଷ୍ଟ ୮ତାରିଖ ଦିନ ସିଡିପିଓମାନଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେ ଚିଠିଗୁଡିକ କାର୍ଯ୍ୟକାରୀ ନହୋଇ ଫାଇଲ ଭିତରେ ବନ୍ଧା ପଡିଥିବା ଅଭିଯୋଗ ହୋଇଛି । ରାଜନଗର ବ୍ଲକରେ ଅଧିକାଂଶ ସୁପରଭାଇଜର ଏହି ବ୍ଲକରେ ପ୍ରଥମେ ଅଙ୍ଗନବାଡି କର୍ମୀ ଭାବେ ନିଯୁକ୍ତି ପାଇଥିଲେ।ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ସୁପରଭାଇଜର ହୋଇ ଏହି ବ୍ଲକରେ ନିଯୁକ୍ତି ପାଇଥିବାରୁ ସେମାନଙ୍କ ମନମାନୀ ବଢି ଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ, ସୁପରଭାଇଜର ପ୍ରତିଭା ମହାନ୍ତି ପଦୋନ୍ନତି ପାଇ ୨୦୧୨ମସିହା ଅଗଷ୍ଟ ମାସ ୨୪ତାରିଖଠାରୁ ରହିଛନ୍ତି । ସୁପରଭାଇଜର ପଦୋନ୍ନତି ପାଇ ସନ୍ଧ୍ୟାରାଣୀ ବେହେରା ୨୦୧୩ ମସିହା ଅଗଷ୍ଟ ୮ତାରିଖ, ୨୦୧୩ ମସିହା ଅଗଷ୍ଟମାସ ୨୦ତାରିଖ ମିନତୀ ମିଶ୍ର, ସୁପରଭାଇଜର ରଜନୀ ରାଉଳ ପଦୋନ୍ନତି ପାଇ ୨୦୧୩ ମସିହା ଅଗଷ୍ଟ ମାସ ୨୨ତାରିଖ, ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ ପଦୋନ୍ନତି ପାଇ ୨୦୧୮ ମସିହା ମେ' ମାସ ୨୧ତାରିଖ ଓ ସୁପରଭାଇଜର ସ୍ୱାଗତିକା ତରାଇ ୨୦୧୮ ମସିହା ସେପ୍ଟେମ୍ବର ୧୨ତାରିଖରେ ରାଜନଗର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଏଯାବତ କାର୍ଯ୍ୟ କରି ଆସୁଛନ୍ତି। ଦୀର୍ଘ ବର୍ଷ ହେବ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ କାର୍ଯ୍ୟକରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ଲକ ବାହାରକୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଘଟଣା ବିଭାଗୀୟ ନିର୍ଦ୍ଦେଶନାମାକୁ ବେଖାତିର କରାଯାଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏସମ୍ପର୍କରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କୁ ପଚାରିବାରୁ ମୁଁ ଆସିବା ପୂର୍ବରୁ ଚିଠି ହୋଇଥିଲା। ୨୯ଟି ଜିଲ୍ଲାରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ହୋଇନଥିବା ଜାଣିବା ପରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । ଚଳିତବର୍ଷ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ରାଜନଗର,୨୨।୨/ଏନ୍ଏନ୍ଏସ୍:** ରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା'ଙ୍କ ପକ୍ଷରୁ ଆଗନ୍ତୁକ ମା'ମାନଙ୍କୁ ପୁଷ୍ପ ଚନ୍ଦନ ଦିଆଯାଇ ବନ୍ଦାପନା କରାଯାଇଥିଲା। ପରେ ଝୋଟି, ସଙ୍ଗୀତ, ମ୍ୟୁଜିକ ଚେୟାର, ଲକ୍ଷ୍ମୀପୁରାଣ ପଠନ ପ୍ରତିଯୋଗୀତା ମା'ମାନଙ୍କ ମଧ୍ୟରେ କରାଯାଇଥିଲା। ବୌଦ୍ଧିକ ମଣ୍ଡପରେ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଲେଖଚନ୍ଦ୍ର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ଶିକ୍ଷକ ହେମନ୍ତକୁମାର ବାରିକ ପ୍ରମୁଖ ଅତିଥିମାନେ ଯୋଗଦେଇ ବୈଦିକ ଯୁଗରୁ ମା'ମାନଙ୍କର ସମାଜ ପ୍ରତି ରହିଥିବା ଅତୁଳନୀୟ ଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

### ବିଜେଡିର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା

# 'ଓଡ଼ିଶାରେ ଥ୍ରୀ-ଏମ୍ ସରକାର ଚାଲିଛି'

**ଢେଙ୍କାନାଳ,୨୨।୨/ଏନ୍ଏନ୍ଏସ୍:** ଓଡ଼ିଶାରେ ଥ୍ରୀ-ଏମ୍ (ମୋହନ, ମୁକୁ, ମନମୋହନ) ଙ୍କ ସରକାର ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ କିଛି ଜାଣୁ ନାହାନ୍ତି କେବଳ ଅଫିସରଙ୍କ ଲେଖା ପଢୁଛନ୍ତି। କେନ୍ଦ୍ରମନ୍ତ୍ରୀ ମୁକୁ ପ୍ରଧାନ ଓ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ ମନଇଚ୍ଛା କାମ କରୁଛନ୍ତି ବୋଲି ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡା ନୃସିଂହ ଚରଣ ସାହୁ ଭୁବନ ବ୍ଲକ୍ ମହୁଲପାଳ ପଞ୍ଚାୟତ କଣପାଳ ଆମ୍ବ ବଗିଚା ଠାରେ ବିଜେଡି ତରଫରୁ ଆୟୋଜିତ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୃଦ୍ଧ, ବୃଦ୍ଧାଙ୍କୁ ମାସିକ ୩ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୟସ୍କଙ୍କୁ ୩୫୦୦ ଟଙ୍କା, ସମସ୍ତ ମହିଳାଙ୍କୁ ଦୁଇବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିବା ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ୨୦ ମାସର ସରକାରରେ ଗୋଟିଏ ବି ନୂଆ ଭତ୍ତା ଇସ୍ୟୁ ହୋଇନାହିଁ। ପ୍ରତ୍ୟେକ ବ୍ଲକ୍ ଅଫିସରେ ଶହ ଶହ ସଂଖ୍ୟାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ,ବୃଦ୍ଧାଙ୍କ ଆବେଦନ ପତ୍ର ପଡ଼ି ରହିଛି। ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ କହି ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଦିଆଯାଉଛି।



ନବୀନ ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଥିବା ବେଳେ ବିଜେପି ସରକାର ସବୁ ଯୋଜନାର ନାମ ବଦଳାଇବା ସହ ରଙ୍ଗ ମଧ୍ୟ ବଦଳାଇ ଦେଇଛି ବୋଲି କହିବା ସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏହାର ଜବାବ ଦେବାକୁ ଡା ନୃସିଂହ ଚରଣ ସାହୁ ଆହ୍ୱାନ ଦେଇଥିଲେ। ଭୁବନ ଏନ୍ଏସି ବିଜେଡି ସଭାପତି ତଥା ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ (ଡୁଗୁ) ଯୋଗଦେଇ କହିଥିଲେ ଯେ, ୩୦୦ ୟୁନିଟ ବିଜୁଳି ଫ୍ରି ମିଳିବ, ଧାନ ମଣ୍ଡିରେ କଟନି ଛଟନି ହେବ ନାହିଁ, ମିଲର ଓ ଦଲାଲ ରାଜ ବନ୍ଦ ହେବ, ୨୪ ଘଣ୍ଟାରେ ଚିଟ୍‌ଫଣ୍ଡ ଟଙ୍କା ମିଳିବ, ରତ୍ନ ଭଣ୍ଡାର ଗଣତି ମଣତି ହେବ ବୋଲି ଗ୍ୟାରେଣ୍ଟି ଦେଉଥିବା ନେତା କୁଆଡେ ଗଲେ ? ମୁଖ୍ୟମନ୍ତ୍ରୀ ନିଜକୁ ନିଜେ ଲୋକଙ୍କ ସରକାର ବୋଲି ପ୍ରଚାର କରୁଛନ୍ତି । ବାସ୍ତବରେ ରାଜ୍ୟରେ 'ଲୋକଙ୍କ ସରକାର ନୁହେଁ, ଠକଙ୍କ ସରକାର' ଚାଲିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ଉପସଭାପତି ସୁଧାକର ସାହୁ ଯୋଗଦେଇ କହିଥିଲେ ଯେ, ଠନ ଠନ ଧାନ ଆଣିଲେ ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଠନ୍ ଠନ୍ ପଇସା ଯିବ ବୋଲି ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହୁଥିଲେ। କିନ୍ତୁ ବାସ୍ତବରେ ୨୪ ଘଣ୍ଟା ବଦଳରେ ୨୪ ଦିନ ପରେ ମଧ୍ୟ ଚାଷୀ ଧାନ ବିକ୍ରି କରି ପଇସା ପାଉନାହିଁ । 'ଠନ ଠନ କହି ଲୋକଙ୍କୁ ଦିନରେ ଦେଖାଇ ଦେଲେ ଲଣ୍ଠନ' ବୋଲି ଜିଲ୍ଲା ଉପ ସଭାପତି ସୁଧାକର ସାହୁ କହିଥିଲେ । ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଭିମନ୍ୟୁ ବେହେରା, ଅଜୟ ସେଠୀ, ସୋମନାଥ ମହାରଣା, ସମ୍ପାଦକ ବିଶ୍ୱଜିତ୍ ବାରିକ,ପିଣ୍ଟୁ ଦାସ, ବ୍ଲକ୍ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍ଏସି ଉପାଧ୍ୟକ୍ଷା ମାନିନୀ ସାହୁ, ବରିଷ୍ଠ ମହିଳା ନେତ୍ରୀ ପୁଷ୍ପଲତା ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ନବ ନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବରିଷ୍ଠ ନାଗରିକ ତଥା ୮୮ ବର୍ଷୀୟ ବିଜେଡି ପ୍ରେମୀ ବ୍ରଜବନ୍ଧୁ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନାରାୟଣ ନାୟକ, ବିନୋଦ ବେହେରା, ଦେବେନ୍ଦ୍ର ସାହୁ, ମୁରଲୀମୋହନ ମାହୁନ୍ତ, ଧନେଶ୍ୱର ବେହେରା , କୃଷ୍ଣ ଚନ୍ଦ୍ର ସାହୁ, ରାକେଶ ପୃଷ୍ଟି, ରାକେଶ ଆଏଚ, କୁଞ୍ଜବନ ବେହେରା, ସିଲୁ ନାୟକ, ମିନୁ ରାଉତ, ସୁଶାନ୍ତ ପୃଷ୍ଟି, ଅଶୋକ ସାହୁ, ଶ୍ରୀକାନ୍ତ ସାହୁ, ଗଗନ ମହାନ୍ତି, ଅନାମ ସାହୁ, ତ୍ରିଲୋଚନ ସାହୁ, ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅନୁଗୋଳରେ କାରାଟଲେନ୍‌ର ନୂତନ ଷ୍ଟୋର୍ ଉଦ୍‌ଘାଟିତ

**ଅନୁଗୋଳ,୨୨।୨/ଏନ୍ଏନ୍ଏସ୍:** ଭାରତର ପ୍ରମୁଖ ଓମ୍ନି-ଚ୍ୟାନେଲ୍ ଗହଣା ବ୍ରାଣ୍ଡ କାରାଟଲେନ୍ (ଟାଟା ପ୍ରଡକ୍ଟ)ର ଏକ ନୂତନ ଷ୍ଟୋର ଅନୁଗୋଳ ସହରର ଶଙ୍କର ସିନେମା ରୋଡଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରିଜିଓନାଲ ମ୍ୟାନେଜର ଅର୍ପିତା ଦୌସ, ରିଜିଓନାଲ ମାର୍କେଟିଂ ମ୍ୟାନେଜର ଅଂଶୁମାନ ସିଂହ, କାରାଟଲେନ୍‌ର ବିଜିନେସ ପାର୍ଟନର ଅଭିନବ ରପୋଲିଆ ଓ ବିଜିନେସ ପାର୍ଟନର ପ୍ରଦୀପ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି କାରାଟଲେନ୍ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଉଦ୍‌ଘାଟନ ଅବସରରେ ବ୍ରାଣ୍ଡ ପ୍ରତି ଆସ୍ଥାବାନ ଗ୍ରାହକମାନେ ଉପସ୍ଥିତ ଥିଲେ। ସମଗ୍ର ଭାରତରେ ଆକର୍ଷଣୀୟ ଓ ଉତ୍କୃଷ୍ଟ ଗହଣାକୁ ସହଜରେ ଉପଲବ୍ଧ କରାଇବାର ଲକ୍ଷ୍ୟ ସହିତ, କାରାଟଲେନ ଦେଶରେ ୩୫୦ରୁ ଅଧିକ ଷ୍ଟୋର୍ ପ୍ରତିଷ୍ଠା କରିପାରିଛି। ଏହି ନୂତନ ଷ୍ଟୋରରେ ଗ୍ରାହକମାନଙ୍କୁ ସ୍ୱାଗତ କରିବାରେ ବ୍ରାଣ୍ଡ ଗର୍ବିତ ଅଟେ। କାରାଟିଲେନ୍ ଫ୍ୟାସନ୍ ଓ ନବୀନତାକୁ ସଫଳ ଭାବେ ମିଶାଇ, ତାଙ୍କର ଚମତ୍କାର ଡାୟମଣ୍ଡ ଗହଣା ମାଧ୍ୟମରେ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରକାଶ କରିବାକୁ ସୁବିଧା ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ। ସାଇମେନ୍ ଭୌମିକ,ମ୍ୟାନେଜିଂ ଡାଇରେକ୍ଟର,କାରାଟଲେନ୍ କହିଛନ୍ତି, ଅନୁଗୋଳ ଷ୍ଟୋରଟି ଏକ ଅନୁଭୂତିମୟ ଓ ସ୍ପର୍ଶନୀୟ ଅନୁଭବ ପ୍ରଦାନ ପାଇଁ ଡିଜାଇନ୍ କରାଯାଇଛି। ଗହଣା ବ୍ୟକ୍ତିଗତ ଅନୁଭୂତି ସହ



ଜଡିତ ଥିବାରୁ ଗ୍ରାହକମାନେ ସୁନ୍ଦର ଓ ସୁବିଧାଜନକ ପରିବେଶରେ ଡିଜାଇନ୍‌ଗୁଡ଼ିକୁ ଛୁଇଁ, ଅନୁଭବ କରିବା ଓ ପିନ୍ଧି ଦେଖିବାର ସୁଯୋଗ ପାଇବେ ଯାହା ଶକ୍ତିଶାଳୀ ଅନଲାଇନ ଉପସ୍ଥିତି ସହ ଏହି ଭୌତିକ ଅନୁଭୂତି ମିଶି କାରାଟଲେନର ଓମ୍ନି-ଚ୍ୟାନେଲ୍ ପ୍ରୟାସକୁ ସଫଳ କରୁଛି। ନୂତନ ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ଷ୍ଟଡେଡ୍ ଓ ଅନଷ୍ଟଡେଡ୍ ଡିଜାଇନ୍ସ ଚମତ୍କାର ସଂଗ୍ରହ ରହିଛି। ଏଥିରେ ବ୍ରାଣ୍ଡର ପ୍ରସିଦ୍ଧ କଲେକ୍ସ ଗୁଡ଼ିକ-ବଟରଫ୍ଲାଇ, ଆରଣ୍ୟା ଓ ଓମେ ସମ୍ମିଳିତ। ବିଶେଷ ଆଇପି ସହଯୋଗ ମାଧ୍ୟମରେ ଫ୍ରେଣ୍ଡସ, ଡିଜି, ହ୍ୟାରି ପୋଟର୍ ଓ ପେପା ପିଗ୍ କଲେକ୍ସନ୍ ମଧ୍ୟ ଉପଲବ୍ଧ ରହିଛି। ଏହି ଷ୍ଟୋରରେ ଆଧୁନିକ ମଙ୍ଗଳସୂତ୍ର, ଦୈନିକ ପିନ୍ଧିବା ଯୋଗ୍ୟ କାନବୁନ୍ଦା ଓ କକଟେଲ୍ ରିଙ୍ଗ୍ ସହିତ ବିଭିନ୍ନ ପ୍ରଚଳିତ ଗହଣା ରହିଛି। ସମସ୍ତ ବୟସର ଲୋକ ଓ ଶିଶୁମାନଙ୍କ ପାଇଁ ଗହଣା, ଉପହାର ଉପଲବ୍ଧ ରହିଛି। ସମ୍ପ୍ରତି କାରାଟିଲେନ୍ 'ପୀପଲ' ନାମକ ଏକ ଅପୂର୍ବ କଲେକ୍ସନ୍ ଲଞ୍ଚ କରିଛି, ଯାହା ପବିତ୍ର ପୀପଲ ପତ୍ରରୁ ପ୍ରେରିତ। ଏହି କଲେକସନ୍‌ରେ ହୀରା ଓ ସବୁଜ ଆଲ୍ଲୁନାଇଟ୍‌କୁ ସତର୍କତା ସହିତ କଟ୍ କରି ୧୪ କ୍ୟାରେଟ୍ ଓ ୧୮ କ୍ୟାରେଟ୍ ପ୍ରତି ସୁନାରେ ସେଟ କରାଯାଇଛି। ସବୁଜ ରୋଡିଅମ୍ବର ହାଲୁକା ଛୁଆଁ। ଯାହା ପାପଲ ପତ୍ରର ସ୍ୱାଭାବିକ ସୌନ୍ଦର୍ଯ୍ୟକୁ ଉଜାଗର କରେ। ବ୍ରାଣ୍ଡ ଫିଲ୍ମରେ ପୀପଲର ଭାରତୀୟ ସଂସ୍କୃତିରେ ଗଭୀର ମହତ୍ତ୍ୱକୁ ଦର୍ଶାଯାଇଛି। ୮ ହଜାରରୁ ଅଧିକ ଆକର୍ଷଣୀୟ ଡିଜାଇନ୍ ଗହଣା ଉପଲବ୍ଧ ରହିଛି। ଏହି ଅବସରରେ ଗ୍ରାହକମାନେ ତିନି ଦିନ ପର୍ଯ୍ୟନ୍ତ ପ୍ରାକୃତିକ ହୀରା ଗହଣାରେ ଫ୍ଲାଟ୍ ୩୦% ଡିସ୍କାଉଣ୍ଟର ସୁଯୋଗ ଉପଭୋଗ କରିପାରିବେ। ଗ୍ରାହକମାନେ ସମ୍ପୂର୍ଣ୍ଣ ସଂଗ୍ରହ ଅନଲାଇନରେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ କାରାଟିଲେନ୍ ଡଟ କମ୍‌ରେ ମଧ୍ୟ ସବୁ ଦେଖିପାରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ କାରାଟଲେନ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଡମ୍ପିଂୟାର୍ଡ ପାଲଟିଛି କେନ୍ଦ୍ରାପଡ଼ା କେନାଲ୍

**ଚାନ୍ଦୋଳ,୨୨।୨/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲ୍ ଏବେ ପାଲଟିଛି ଡମ୍ପିଂୟାର୍ଡ। କେନ୍ଦ୍ରାପଡ଼ା କେନାଲର ଦାନପୁର ଲକର ଉପର ମୁଣ୍ଡରେ କେନାଲ୍ ଭିତରେ ଗତକିଛି ଦିନ ଧରି କେହି ଟ୍ରିପ୍ ଟ୍ରିପ୍ ପ୍ଲାଷ୍ଟିକ ବର୍ଯ୍ୟବସ୍ତୁ। ବ୍ୟବହୃତ ସାନିଟାରି ନାପକିନ୍, ହଗିସ୍ ଓ ଥର୍ମୋକୁଲ୍ ବ୍ୟବହୃତ ପାତ୍ର ଆଦି ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳିଛି। କେନାଲ୍‌ରେ ଥିବା ସ୍ୱଳ୍ପ ପାଣିରେ ଏହି ବର୍ଯ୍ୟବସ୍ତୁଗୁଡ଼ିକ ପଡ଼ି ଦୁର୍ଗନ୍ଧ ହେଉଛି । ଏହି ଦୁର୍ଗନ୍ଧ ଫଳରେ କେନାଲ୍‌ର ଉଭୟ ପାର୍ଶ୍ୱ ରାସ୍ତା ଯାଉଥିବା ଯାତ୍ରୀମାନେ ଅସ୍ୱାସ୍ଥ୍ୟକର ଓ ଦୁର୍ଗନ୍ଧମୟ ପରିବେଶ ଅନୁଭବ କରୁଛନ୍ତି । ଏହାପରେ ବର୍ଷା କିମ୍ବା କେନାଲରେ ପାଣି ଆସିଲେ ଏଗୁଡ଼ିକ ପଚି କେବଳ ଏହି ଅଞ୍ଚଳ ନୁହେଁ କେନାଲ୍ ପାଣି ଯାଉଥିବା ଅଞ୍ଚଳକୁ ମଧ୍ୟ ପ୍ରଦୂଷିତ କରିବ। ସ୍ଥାନୀୟ ଲୋକମାନଙ୍କ ଠାରୁ ଶୁଣିବାକୁ ମିଳିଛି ଏକ ସାମାଜିକ ସଂସ୍ଥା ପକ୍ଷରୁ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବର୍ଯ୍ୟବସ୍ତୁ ସଂଗ୍ରହ କରାଯାଇ ଗହଗା ଠାରେ ଥିବା ଡମ୍ପିଂୟାର୍ଡକୁ ଏହି ବର୍ଯ୍ୟବସ୍ତୁକୁ ନେବା ବଦଳରେ କର୍ମଚାରୀମାନେ କେନ୍ଦ୍ରାପଡ଼ା କେନାଲ୍‌ରେ ଫୋପାଡ଼ି ଦେଉଛନ୍ତି । ଯଦି ଏହା ସତ୍ୟ ହୋଇଥାଏ ତେବେ ସଂସ୍ଥାର କର୍ମକର୍ତ୍ତାଙ୍କୁ ଏହି ବର୍ଯ୍ୟବସ୍ତୁକୁ କେନ୍ଦ୍ରାପଡ଼ା କେନାଲ୍‌ରେ ନପକାଇବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି।

## ବିଧାୟକଙ୍କ ଦ୍ୱାରା ୧୮କୋଟି ବ୍ୟୟରେ ବ୍ରାହ୍ମଣୀ ନଦୀ ବନ୍ଧର ଶିଳାନ୍ୟାସ

**ପଟ୍ଟାମୁଣ୍ଡାଇ,୨୨।୨/ଏନ୍ଏନ୍ଏସ୍:** ସମଗ୍ର ଉନ୍ନତିକଣ ଓ ଧୋୟାଞ୍ଚଳର ସୁରକ୍ଷା କବଚ ବ୍ରାହ୍ମଣୀ ନଦୀ ବନ୍ଧ ଦୁର୍ବଳ ହୋଇପଡିଥିବାରୁ ବନ୍ୟା ବିଭୀଷିକା ଭୟରେ ସମଗ୍ର ଉତିକଣ ଅଞ୍ଚଳ ସହିତ ବନ୍ୟା ବିପନ୍ନ ଧୋୟାଞ୍ଚଳବାସୀ ଆଶା ଆଶଙ୍କା ଓ ଚିନ୍ତାରେ ଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ରାହ୍ମଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ସହିତ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନିର୍ବାହୀଯନ୍ତ୍ରୀଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ୧୫ଟି ପଞ୍ଚାୟତବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଦେଇ ଆସୁଥିବା ବ୍ରାହ୍ମଣୀ ଘେରି ବନ୍ଧ ରାସ୍ତାର କିଛି ଅଂଶ ଗତ ବର୍ଷା ଋତୁ ସମୟରେ ବ୍ରାହ୍ମଣୀ ନଦୀ ଗ୍ରାସ କରିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିଲେ। ରାଜ୍ୟ ସରକାର ସମସ୍ତ ବିଷୟରେ ଅବଗତ ହେବାପରେ ବ୍ରାହ୍ମଣୀ ନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱ ସୁଦୃଢ଼ୀକରଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ କଖାରୁଣୀ ପୋଲ ନିକଟରୁ ଶୋଭା ଯାତ୍ରାରେ



ଯାଇ ୧୮କୋଟି ଟଙ୍କା ବ୍ୟୟରେ ନିମପୁର ବ୍ରାହ୍ମଣୀ ନଦୀ କୂଳରେ ନଦୀବନ୍ଧ ଦକ୍ଷିଣ ପାର୍ଶ୍ୱ ସୁଦୃଢ଼ୀକରଣ ପାଇଁ ଶୁଭ ଶିଳାନ୍ୟାସ କରିଥିଲେ। ବ୍ରାହ୍ମଣୀ ନଦୀ ବନ୍ଧ ଶିଳାନ୍ୟାସ କରି ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ସାହୁ ସମଗ୍ର ଉନ୍ନତିକଣ ଓ ଧୋୟାଞ୍ଚଳବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ସହ ଉତ୍ତମ ଗମନାଗମନ ସୁବିଧା ପାଇଁ ଏହି ନଦୀବନ୍ଧ ରାସ୍ତାକୁ ୨ଥାକିଆ ରାସ୍ତାରେ ପରିଣତ କରିବା ରାଜ୍ୟ ବିଧାନସଭାରେ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରକାଶ କରିବା ସହିତ ପ୍ରକଳ୍ପର ସଫଳ କାର୍ଯ୍ୟକାରୀତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ଓ ରଶ୍ମି ମଲିକ, ସମାଜସେବୀ ସୁଶାନ୍ତ ପଣ୍ଡା ଶାସନ ସରପଞ୍ଚ ସଂଗ୍ରାମ ବାରିକ ପୂର୍ବତନ ସରପଞ୍ଚ ଅଶୋକ ପରିଡା ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାଶ ପରିଡା, ଚନ୍ଦନନଗର ସମିତି ସଭ୍ୟ ମାନସ ମଲ୍ଲିକ, ଗଙ୍ଗାରମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ସାନଜରିଆ ସମିତିସଭ୍ୟ ସୁବାଷ ବାରିକ ଖଣତା ସମିତି ସଭ୍ୟ ସୁରେଶ ଜେନା, ସଂସାରଫଳ ସମିତିସଭ୍ୟ ପର୍ଶୁରାମ ବେହେରା, ପୂର୍ବତନ ସରପଞ୍ଚ ମିନତୀ ପାତ୍ର ବରିଷ୍ଠ ନେତା ପଞ୍ଚାନନ ଧଳ, ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ନଗର ବିଜେଡି ସଭାପତି ଅଶୋକ ଧଳ,ଏମ୍‌ଡି ପପୁ, ଶିକ୍ଷାବିତ ନାରାୟଣ ଦାସ, ଯୁବନେତା ଶଶିକାନ୍ତ ପଣ୍ଡା, ସୁଶାନ୍ତ ଦାସ ସଂଗ୍ରାମ ସ୍ୱାଇଁ, ପ୍ରମୋଦ ଗାହାଣ, ପ୍ରଶାନ୍ତ ସାହୁ ପ୍ରେମାନନ୍ଦ ସେଠୀ, ପବିତ୍ର ବାରିକ, ଭବାନୀ ଦାଶ, ବଳରାମ କୁଣ୍ଡ କୁମର ମଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଯୁବନେତା ଅଶୋକ ଧଳ, ଏମ୍‌ଡି ପପୁ, ପ୍ରଶାନ୍ତ ସାହୁ ଓ ନୟନ ଗିରିଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀମାନେ ବିଧାୟକ ଧ୍ରୁବ ସାହୁଙ୍କୁ କଖାରୁଣୀ ପୋଲ ନିକଟରୁ ଏକ ଶୋଭାଯାତ୍ରାରେ ନିମପୁର ଶିଳାନ୍ୟାସସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

**AFFIDAVIT**

By virtue of an affidavit sworn before the NOTARY PUBLIC, KEONJHAR, dated 18/02/2026, I HIRA DEVI of vill- Haladiatangiri, Po- Naranpur, Ps- Town, Dist- Keonjhar, Pin-758014 , declare that I have changed my name from **HIRAMANI MAHANTA** to **HIRA DEVI** . Henceforth, I shall be known as **HIRA DEVI** for all purposes.

**ପୂର୍ବ ତଟ ରେଳପଥ**

ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଣ୍ଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଣ୍ଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଅବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଜାଣି କରିବା ନିମନ୍ତେ ଆଗ୍ରହୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଂ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

## ୧୩୧ତମ ମନ କି ବାତ୍

**ଖୋର୍ଦ୍ଧା,୨୨।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବିଧାୟକଙ୍କ ମଙ୍ଗଳାନଗର ଜନଶୁଣାଣି ଶିବିର ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବାସୀଙ୍କ ଉଦ୍ଦେଶ୍ୟରେ ୧୩୧ତମ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧାସଳଖ ବାର୍ତ୍ତା ଏକାଠି ବସି ଶୁଣିଥିଲେ ଶତାଧିକ ଖୋର୍ଦ୍ଧାବାସୀ। ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସମେତ ସହରର ଅନେକ ବୁଦ୍ଧିଜୀବୀ, ମହିଳା ଓ ଯୁବଗୋଷ୍ଠୀ ଏକାଠି ବସି ମୋଦୀଙ୍କ ବାର୍ତ୍ତା ଶୁଣିଥିଲେ। ଏହି ଅବସରରେ ମୋଦି ସୁନ୍ଦରଗଡ଼ର ସଫଳ ଚାଷୀ ହିରୋଦ ପଟେଲଙ୍କ ସଫଳତା ବାଖ୍ୟା କରିଥିଲେ। ଏଥିସହ ଏଆଇର ବ୍ୟବହାର, ପାଣ୍ଡୁଲିପି ଉପରେ ଗବେଷଣା ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ଚାଲିଥିବା ଟି-୨୦ କ୍ରିକେଟରେ ବିଭିନ୍ନ ଦେଶରେ ଭାରତୀୟ ଖେଳାଳି ମାନେ ଖେଳୁଛନ୍ତି ବୋଲି କହିଥିଲେ। ମନ୍ କି ବାତ୍ କାର୍ଯ୍ୟକ୍ରମ ସରିବା ପରେ ବିଧାୟକ ଶ୍ରୀ ଜଗଦେବ ନିଷ୍ଠାର ସେବା କରିବାକୁ ଉପସ୍ଥିତ ଶ୍ରୋତାଙ୍କୁ କହିଥିଲେ। ପରେ ପରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ ବୁଦ୍ଧିଜୀବୀ ଓ ସାମ୍ବାଦିକ ମାନଙ୍କ ସହ ଆଲୋଚନା କରିଥିଲେ।

### ପ୍ରଥମ ପୃଷ୍ଠାରୁ

## ଓଡ଼ିଆ ପୁଅ ହିରୋଦଙ୍କୁ ...

ରୋଜଗାର କରୁଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି ଯେ ଆମ କୃଷକମାନେ କେବଳ ଅନ୍ନଦାତା ନୁହଁନ୍ତି। ସେମାନେ ମାଟି ମା'ର ପ୍ରକୃତ ସାଧକ। ମାଟି କିପରି ସୁସ୍ଥ ହେବ, ସେକଥା ଆମେ କୃଷକଙ୍କଠାରୁ ଶିଖିବା। ଆଜିର କୃଷକ ହିଁ ପରମ୍ପରା ଏବଂ ଟେକ୍ନୋଲୋଜି ଉଭୟଙ୍କୁ ସାଥିରେ ନେଇ ଚାଲେ। ମୁଁ ବହୁତ ଖୁସି ଯେ ଆମ କୃଷକମାନେ କେବଳ ଉତ୍ପାଦନ କରୁନାହାନ୍ତି, ବରଂ ସେମାନେ ଗୁଣାତ୍ମକତା, ମୂଲ୍ୟ ମିଶ୍ରଣ ଏବଂ ନୂଆ ବଜାର ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଓଡ଼ିଶାର ଯୁବଚାଷୀ ହିରୋଦ ପଟେଲଙ୍କ କଥା ବାସ୍ତବିକ ବହୁତ ପ୍ରେରଣାଦାୟୀ। ପ୍ରାୟ ଆଠବର୍ଷ ପୂର୍ବରୁ ସେ ତାଙ୍କ ବାପା ଶିବଶଙ୍କର ପଟେଲଙ୍କ ସହିତ ପାରମ୍ପରିକ ଶୈଳୀରେ ଧାନଚାଷ କରୁଥିଲେ। କିନ୍ତୁ ସେ ଚାଷକାର୍ଯ୍ୟକୁ ଗୋଟିଏ ନୂତନ ଦୃଷ୍ଟିରେ ଦେଖିବା ଆରମ୍ଭ କଲେ। ସେ ନିଜ ଜମିରେ ଥିବା ପୋଖରୀ ଉପରେ ଗୋଟିଏ ଶକ୍ତ ଜାଲି ଢାଞ୍ଚା ତିଆରି କଲେ। ସେଠାରେ ଲତାଜାତୀୟ ପରିବା ଲଗାଇଲେ। ପୋଖରୀ ଚତୁଃଦିଗରେ କଦଳୀ, ପିଜୁଳି ଓ ନଡ଼ିଆ ଗଛ ଲଗାଇଲେ ଏବଂ ପୋଖରୀରେ ମତ୍ସ୍ୟଚାଷ ମଧ୍ୟ ଆରମ୍ଭ କଲେ। ଏହାଦ୍ୱାରା ଗୋଟିଏ ଜାଗାରେ ପାରମ୍ପରିକ ଚାଷ ହେବା ସହିତ ପରିବା, ଫଳ ଓ ମାଛଚାଷ ମଧ୍ୟ ହେଲା। ଏଥିରୁ ଜମିର ଉତ୍ତମ ଉପଯୋଗ ହେଲା, ପାଣି ସଞ୍ଚିତ ହେଲା ଏବଂ ଅତିରିକ୍ତ ଆମଦାନୀ ମଧ୍ୟ ହେଲା। ଏବେ, ଦୂରଦୂରାନ୍ତରୁ କୃଷକମାନେ ତାଙ୍କର ମଡେଲ ଦେଖିବାକୁ ଆସୁଛନ୍ତି ବୋଲି ମୋଦୀ କହିଛନ୍ତି।

## ୫ ପୁଲିସ କର୍ମଚାରୀ ...

ବୋଲୋରୋରେ ଝାରସୁଗୁଡ଼ା ଫେରୁଥିଲେ। ତେବେ ରବିବାର ଭୋର୍ ପ୍ରାୟ ୪ଟା ୩୦ ମିନିଟ ସମୟରେ ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ବ୍ରଜରାଜନଗର ରାସ୍ତାର ସଦର ଥାନା ଠାରୁ ୫୦ ମିଟର ଦୂରରେ ଏକ ଟ୍ରେଲର ସହିତ ବୋଲୋରୋର ମୁହାଁମୁହିଁ ଧକ୍କା ହୋଇଥିଲା। ପରେ ଏକ ଭୟଙ୍କର ଶବ୍ଦ ହେବା ସହିତ ଆର୍ତଚିତ୍କାର ଶୁଣିବାକୁ ମିଳିଥିଲା। ନିକଟରେ ଥିବା ଏକ ମୋଟର ସାଇକେଲ ଗ୍ୟାରେଜରେ ଶୋଇଥିବା କର୍ମଚାରୀ ଭୟଙ୍କର ଶବ୍ଦରେ ଉଠି ପଡିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପୁଲିସ୍‌ର ବୋଲେରୋ ଚୁରମାର ହୋଇଯାଇଥିଲା। ଚିପ୍‌ସ ବୋଝେଇ ଟ୍ରେଲରଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋରେ ଥିବା ବ୍ୟକ୍ତିମାନଙ୍କୁ ବାହାର କରିବା ପାଇଁ ସମୟ ଲାଗି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଓ ପୁଲିସ୍ ସମସ୍ତଙ୍କୁ ଗାଡ଼ିରୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ୫ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ପୁଲିସ ବିଭାଗରେ ତଥା ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ଜିଲ୍ଲା ପୁଲିସର ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ଡାକ୍ତରଖାନା ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ,ଝାରସୁଗୁଡ଼ା ଏସ୍.ପି. ଗୁଣ୍ଡାଲା ରେଡ୍ଡୀ ରଘବେନ୍ଦ୍ର ଓ ବିଧାୟକ ଟଙ୍କଧର ତ୍ରିପାଠୀ ଦୁର୍ଘଟଣା ସ୍ଥଳ ସହିତ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବିଷୟରେ ବୁଝିଥିଲେ।

## ଦୁଇ ଜୀବନ ନେଲା ...

ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ଅନୁକମ୍ପା ମୂଳକ ସହାୟତା ରାଶି ୧୦ ଲକ୍ଷ ଟଙ୍କା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଦିଆଯିବ ବୋଲି ଜଣାପଡିଛି। ଶୁଦ୍ଧିକ୍ରିୟା ବାବଦକୁ ଅନୁକମ୍ପା ରାଶିର ୧୦ ପ୍ରତିଶତ ତତ୍କାଳ ପ୍ରଦାନ କରାଯିବ ବୋଲି ଅତିରିକ୍ତ ବନ ସଂରକ୍ଷକ କହିଛନ୍ତି।

## ୨ ମାଓବାଦୀ ସଫା ...

ସେହି ଜଙ୍ଗଲରେ ଚାଲିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ କନ୍ଧମାଳ ପୁଲିସର ଏସଓଜି ଟିମ୍ ସେହି ଜଙ୍ଗଲରେ କମ୍ବିଂ ଅପେରସନ ଆରମ୍ଭ କରିଥିଲା। ରବିବାର ସକାଳେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲା ଲାଲବାହିନୀ। ଜଙ୍ଗଲରେ ଲୁଚିଥିବା ମାଓବାଦୀମାନେ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଗୁଳିବିନିମୟ ବେଳେ ଦୁଇ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହ କରାଯାଉଛି।

## କାର୍-ବାଇକ୍ ଧକ୍କା ...

ତେବେ ଗୋଲାବନ୍ଧ ଛକ ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଆରୋହୀ ଦ୍ୱୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସଙ୍ଗେ ସଙ୍ଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିଲେ। ତେବେ ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## 'ବିକଶିତ ଭାରତ' ଲକ୍ଷ୍ୟକୁ ...

ମନେ ପକାଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୧୪, ୨୦୧୯ ଏବଂ ୨୦୨୪ରେ ତାଙ୍କର ଜାତୀୟ ନିର୍ବାଚନ ପ୍ରଚାର ଏହି କ୍ରାନ୍ତିକାରୀ ଭୂମିରୁ ଆରମ୍ଭ ହୋଇଥିଲା। ସେ ଏହି ଅଞ୍ଚଳର ଚାଷୀ, କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ନିରନ୍ତର ଆଶୀର୍ବାଦ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ୨୦୧୪ ପୂର୍ବରୁ, ମେଟ୍ରୋ ସେବା କେବଳ ୫ଟି ସହରରେ ପହଞ୍ଚିଥିଲା, କିନ୍ତୁ ବର୍ତ୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି, ଯାହା ଭାରତକୁ ବିଶ୍ୱର ତୃତୀୟ ବୃହତ ନେଟୱାର୍କରେ ପରିଣତ କରୁଛି ଏହି ପ୍ରକଳ୍ପର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଭାରତୀୟ ରେଳ, ମେଟ୍ରୋ ଏବଂ ସରାଇ କାଲେ ଖାନ, ଆନନ୍ଦ ବିହାର, ଗାଜିଆବାଦ ଏବଂ ମେରଠ ବସ୍ ଷ୍ଟାଣ୍ଡର ସମନ୍ୱୟ। ଭାରତରେ ପ୍ରଥମ ଥର ପାଇଁ ନମୋ ଭାରତ ଏବଂ ମେଟ୍ରୋ ରେଳ ସମାନ ଟ୍ରାକ୍ ଏବଂ ଷ୍ଟେସନରେ ଚାଲିବ। ଏହି ସମନ୍ୱୟ ଯାତ୍ରୀମାନଙ୍କୁ ସହର ଭିତରେ ଯାତ୍ରା କରିବାକୁ କିମ୍ବା ସିଧାସଳଖ ଦିଲ୍ଲୀ ଯିବାଆସିବା କରିବାକୁ ସୁବିଧା ଦେବ। ଏହା ଫଳରେ ଦିଲ୍ଲୀରେ ଭଡ଼ା ଘରେ ରହିବା ପାଇଁ ଅନେକ ଶ୍ରମିକ ଏବଂ ଛାତ୍ରଛାତ୍ରୀଙ୍କ ବାଧ୍ୟବାଧକତା ସମାପ୍ତ ହେବ। ଏକ୍ସପ୍ରେସୱେ, ମାଲ ପରିବହନ କରିଡର ଏବଂ ଜେୱର ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଆଧୁନିକ ଭିତ୍ତିଭୂମିରେ ସରକାରଙ୍କ ନିବେଶ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ନୂତନ ଶିଳ୍ପ ଏବଂ ବ୍ୟବସାୟକୁ ଆକର୍ଷିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଉତ୍ତର ପ୍ରଦେଶକୁ ଶ୍ରମ ଏବଂ ସୃଷ୍ଟିର ଭୂମି ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଜ୍ୟର ଚାଷୀ ଏବଂ କାରିଗରମାନେ ଐତିହ୍ୟ ଏବଂ ବିକାଶର ମନ୍ତ୍ରକୁ ସଫଳତାର ସହ ସାକାର କରୁଛନ୍ତି। ଭାରତର ବିଶ୍ୱ ଶକ୍ତି ବୃଦ୍ଧି ପାଇବା ସହିତ ବିକଶିତ ରାଷ୍ଟ୍ରଗୁଡ଼ିକ ଭାରତର ଯୁବ ଶକ୍ତିକୁ ବ୍ୟବହାର କରିବା ପାଇଁ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଆଗ୍ରହୀ। ଆଜି, ବିଶ୍ୱ ଭାରତକୁ ଏକବିଂଶ ଶତାବ୍ଦୀର ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ସକ୍ଷମ ଏକ ଶକ୍ତିଶାଳୀ କେନ୍ଦ୍ର ଭାବରେ ଦେଖିଥାଏ, ଯାହା ସିଧାସଳଖ ଉତ୍ତର ପ୍ରଦେଶର ନାଗରିକମାନଙ୍କୁ ଲାଭ ପହଞ୍ଚାଇଥାଏ ବୋଲି ଶ୍ରୀ ମୋଦୀ କହିଥିଲେ। ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶର ବିକାଶ ଉପରେ ଗୁରୁତ୍ୱାରୋପ କରି କହିଥିଲେ ରାଜ୍ୟ ଆଜି ଦଙ୍ଗା ଏବଂ ଅପରାଧର ଯୁଗରୁ ବ୍ରହ୍ମୋସ, ମୋବାଇଲ୍ ନିର୍ମାଣ ଏବଂ ପର୍ଯ୍ୟଟନ ପାଇଁ ସ୍ୱୀକୃତି ପ୍ରାପ୍ତ ସ୍ଥାନ ରୂପେ ପରିଚିତ ହୋଇଛି। ଆଜି ଅପରାଧୀମାନେ ଜେଲରେ ଅଛନ୍ତି, ଝିଅମାନଙ୍କର ସମ୍ମାନ ସୁରକ୍ଷିତ ଅଛି, ଏବଂ ଉନ୍ନତ ଆଇନ ଶୃଙ୍ଖଳା ଏକ ବଡ଼ ଆର୍ଥିକ ଅଭିବୃଦ୍ଧି ଏବଂ ଉତ୍ପାଦନ ବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ସେ କହିଥିଲେ, ଉତ୍ତରପ୍ରଦେଶକୁ ଏକ ଉତ୍ପାଦନ କେନ୍ଦ୍ରରେ ପରିଣତ କରାଯାଉଛି, ଏବଂ ସମ୍ପ୍ରତି ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏକ ବିକଶିତ ଭାରତ ପାଇଁ ଏକ ବିକଶିତ ଉତ୍ତର ପ୍ରଦେଶ ଜରୁରୀ ବୋଲି ଶେଷରେ ପ୍ରଧାନମନ୍ତ୍ରୀ କହିଥିଲେ।

### ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପଦବୀକୁ ନେଇ ତ୍ରିମୁଖୀ ଲଢ଼େଇ

# ଗୋଟିଏ ସ୍ଥାନରେ ଦୁଇ ଡାକ୍ତର

**ଓଡ଼ଗାଁ,୨୨।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଦବୀକୁନେଇ ତ୍ରିମୁଖୀ ଲଢେଇ ଚାଲିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଦୁଇ ଅଧିକାରୀ ଥିବା ବେଳେ ଡ୍ୟୁଟି ବାଣ୍ଟୁଛନ୍ତି ଅନ୍ୟଜଣେ ଡ଼ାକ୍ତର। ସୂଚନା ଅନୁଯାୟୀ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଡ଼ାକ୍ତର ତାପସ ସେନାପତି ଦେଢବର୍ଷ ଧରି ଦାୟିତ୍ୱ ତୁଲାଇବା ପରେ ତାଙ୍କ ସ୍ଥାନରେ ମଗରବନ୍ଧ ଡ଼ାକ୍ତର ଇପ୍ସିତା ଦାଶଙ୍କୁ ଦାୟିତ୍ୱ ସମ୍ଭାଳିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଚିଠିସଂଖ୍ୟା ୭୧୮ ଅନୁଯାୟୀ ଚଳିତ ମାସ ୧୩ ତାରିଖରୁ ଦାୟୀତ୍ୱ ଦେଇଛନ୍ତି। ନିୟମ ଅନୁଯାୟୀ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପାଳନ କରିବାକୁ ସମସ୍ତ କର୍ମଚାରୀଙ୍କୁ କୁହାଯାଇଛି କିନ୍ତୁ ଏଠି ଡ଼ାକ୍ତର ସେନାପତି ଦାୟିତ୍ୱ ଛାଡ଼ିବାକୁ ଆଳଦେଖାଇ ଛୁଟିରେ ରହିଛନ୍ତି। ଗତ ୧୩ ତାରିଖରେ ଡ଼ାକ୍ତର ଇପ୍ସିତା ଦାଶଙ୍କୁ ଦାୟିତ୍ୱ ଗ୍ରହଣ କରିବାକୁ ଚିଠିକରିବା ପରେ ଡ଼ାକ୍ତର ସେନାପତି ଛୁଟିରେ ଚାଲିଯିବାରୁ ନୟାଗଡ଼ ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପ ନିଳିମା ଲାକ୍ରା ଡ଼ାକ୍ତର ଦାଶଙ୍କୁ




ଅଫିସରେ ଜଏନିଂ କରାଇଥିଲେ। ଏହାପରେ ଡ଼ାକ୍ତର ଦାଶ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ର ଦାୟୀତ୍ୱ ନେଇଥିବା ଜଣାପଡ଼ିଛି। ପ୍ରଶ୍ନଉଠୁଛି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପଦରେ ଏମିତି କିଲାଭ ରହିଛି ଯାହାକୁନେଇ ଦୁଇ ଡାକ୍ତର ମୁହାଁମୁହିଁ ହୋଇଛନ୍ତି। ରୋଗୀସେବା ଆଗ କି ପଦବି ଆଗବୋଲି ଅଞ୍ଚଳବାସୀ କହି ଉଭୟଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଏଠି ରୋଗୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଅନୁମାନ କରାଯାଉଛି। ଉଭୟ ଡ଼ାକ୍ତରଙ୍କ ବିବାଦପରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ କ'ଣ ହେବ ତାକୁ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ଲାକ୍ରା କହିଛନ୍ତି ଡ଼ାକ୍ତର ସେନାପତି ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରହି ସମସ୍ତ କାଗଜପତ୍ର ଅପଡେଟ କରିବେ ଓ ଏହାପରେ ଡାକ୍ତର ଦାଶଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ। ଅନ୍ୟପଟେ ଏବେ ଶରଣକୁଳର ଅନ୍ୟଜଣେ ଡାକ୍ତର ଅଭିଳାଶ ସାହୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଡ୍ୟୁଟି ବାଣ୍ଟୁଥିବା ଜଣାପଡ଼ିଛି।

## ବାର୍ଷିକ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ପ୍ରସ୍ତୁତି

**ବୟାଳିଶମୌଜା,୨୨।୨/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ବିକାଶ ପରିଷଦର ୨୫ତମ ବାର୍ଷିକ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବର ପ୍ରସ୍ତୁତି ବୈଠକ ବହଳପଡା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦର ସଭାପତି ଆଡ଼ଭୋକେଟ କେଶବ ଚନ୍ଦ୍ର କର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ପତି ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ପରିଷଦର ରୌପ୍ୟ ଜୟନ୍ତୀ ଉତ୍ସବ ଯେପରି ସୁଚାରୁ ରୂପେ ପାଳନ କରାଯିବ ସେପାଇଁ ସଭାପତି ସମସ୍ତ ଉପଦେଷ୍ଟା ଓ ସଦସ୍ୟ ମାନଙ୍କର ସହଯୋଗ କାମନା କରିଥିଲେ। ଏହି ଉତ୍ସବକୁ ୪୨ମୌଜା ମୁଖ୍ୟ ରାସ୍ତା କଡେ ଅନୁଷ୍ଠିତ କରାଇବା, ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଡ୍ରଇଂ, ନୃତ୍ୟ, ଯୋଗ, ସଂଗୀତ ପ୍ରତିଯୋଗିତା, ବିଜ୍ଞାନ ଓ ଗଣିତ କୁଇଜ ସହ ସଂକୀର୍ତ୍ତନ ଓ ଲଉଡ଼ି ଆଦି ଲୋକକଳା କାର୍ଯ୍ୟକ୍ରମ ପ୍ରଦର୍ଶନ କରାଇବା ପାଇଁ ପ୍ରସ୍ତାବ ମାନ ଗୃହୀତ ହୋଇଥିଲା। ଏହି ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବା ସହ ରାଜ୍ୟପାଳ, ବାଚସ୍ପତି କିମ୍ବା ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ କରିବାକୁ ସଭାରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସଭାରେ ଏ ସମ୍ପର୍କିତ ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ନିଆଯିବ ବୋଲି ସଭାରେ ସ୍ଥିର ହୋଇଅଛି। ପଲ୍ଲିଶ୍ରୀ ପାଇଁ ଲେଖା ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ପରିଷଦର ବିଭାଗୀୟ କର୍ମକର୍ତ୍ତାଙ୍କ ନିକଟକୁ ପଠାଇବାକୁ ନିଷ୍ପତ୍ତି କରାଗଲା। ସଭାରେ ପରେଶ କୁମାର ମହାନ୍ତିଙ୍କୁ ପରିଷଦର ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ବୈଠକରେ ଉପ ସଭାପତି ଗୌତମ ଚରଣ ପରିଡା, ଉପଦେଷ୍ଟା ଡ଼ଃ ସେକ କଲ୍ଲୀମୁଲ୍ଲା, ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବିଜୟ କୁମାର ଦାସ, କୃଷ୍ଣଚନ୍ଦ୍ର ଦାଶ, ଅଶୋକ ମହାନ୍ତି, ଧୀରେନ୍ଦ୍ର ବେହେରା, ପ୍ରମୋଦ କୁମାର ମହାପାତ୍ର, ସାଗର କାନୁନଗୋ, ସୁଜନ କୁମାର ରାଉତ, ସୁବାସ ଚନ୍ଦ୍ର ସାହୁ, ଦୀପ୍ତି ରଞ୍ଜନ ଶତପଥି, ରବୀନ୍ଦ୍ର ଦେବତା, ଶରତ କୁମାର ଦାସ, ଚନ୍ଦନ କୁମାର ପ୍ରଧାନ, ସଞ୍ଜୟ କୁମାର ବେହେରା, ନାରାୟଣ ଭୋଇ, ଅକ୍ଷୟ କୁମାର ମୁଦୁଲି, ଜଗନ୍ନାଥ ସ୍ୱାଇଁ, ସୁଶାନ୍ତ କୁମାର ପ୍ରଧାନ, ଆଡ଼ଭୋକେଟ ସ୍ମୃତି ମହାନ୍ତି, ଜଗନ୍ନାଥ ନାୟକ, ହେମନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଭଜକୃଷ୍ଣ ଲେଙ୍କା, ସହ ସମ୍ପାଦକ ସୁରେଶ କୁମାର ଦେବତା ଓ ସଂଯୋଜକ ନିକୁଞ୍ଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସନ୍ତୋଷ କୁମାର ପତି ଧନ୍ୟବାଦ ପ୍ରଦାନ କରିଥିଲେ।

## ନିମାପଡ଼ାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ନିମାପଡ଼ା,୨୨।୨/ଏନ୍‌ଏନ୍‌ଏସ୍:** ଗାଲାକ୍ସି ହେଲଥ୍ ଇନସୁରାନ୍ସ କୋ., ଆପୋଲୋ ହସ୍ପିଟାଲ୍ ସହିତ ମିଳିତ ଭାବରେ ନିମାପଡ଼ାର ରବୀନ୍ଦ୍ର ମଣ୍ଡପରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏହି ଶିବିରକୁ ବହୁତ ଭଲ ପ୍ରତିକ୍ରିୟା ମିଳିଥିଲା। ଯେଉଁଥିରେ ୮୦ରୁ ଅଧିକ ଲୋକ ଅଂଶଗ୍ରହଣ କରି ରକ୍ତ ଶର୍କରା ପରୀକ୍ଷା, ରକ୍ତଚାପ ମାପ, ଇସିଜି ଏବଂ ପଲମୋନାରୀ ଫଙ୍କସନ୍ ଟେଷ୍ଟ (ପିଏଫଟି) ଭଳି ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇ ଥିଲେ। ଡ଼ା, ପ୍ରେମାନନ୍ଦ ପଟ୍ଟନାୟକ, ଏମ୍‌ଡ଼ି (ମେଡ଼ିସିନ), ବିଶେଷଜ୍ଞ ପରାମର୍ଶ ପ୍ରଦାନ କରି ଉପସ୍ଥିତ ଲୋକଙ୍କୁ ମୂଲ୍ୟବାନ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଏଏସ୍‌ଜି ଆଖି ହସ୍ପିଟାଲ୍‌ର ଚକ୍ଷୁ ବିଶେଷଜ୍ଞ ଦଳ ମଧ୍ୟ ଆଖି ପରୀକ୍ଷା ପାଇଁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନିମାପଡ଼ାର ବରିଷ୍ଠ ବ୍ୟବସାୟ ପ୍ରବନ୍ଧକ ଦିଲ୍ଲୀପ କୁମାର ନାୟକ ଦକ୍ଷତାର ସହିତ ଆୟୋଜନ କରିଥିଲେ। ଗାଲାକ୍ସି ହେଲଥ ଇନ୍‌ସୁନରାନ୍ସର ବରିଷ୍ଠ କ୍ଷେତ୍ର ପ୍ରବନ୍ଧକ ମନୋରଂଜନ ଦାସ ଏବଂ ରାଜ୍ୟ ମୁଖ୍ୟ ପି.ସି. ତ୍ରିପାଠୀ ମଧ୍ୟ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟତୀତ ଏକ ସ୍ୱାସ୍ଥ୍ୟ ବୀମା ସଚେତନତା ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସ୍ୱାସ୍ଥ୍ୟ କଭରେଜର ମହତତ୍ୱ, ପଲିସି ଲାଭ ଏବଂ ସଠିକ୍ ଯୋଜନା କିପରି ବାଛିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଅନେକ ଉପସ୍ଥିତ ଲୋକ ସେମାନଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟବୀମା କରିବାରେ ଆଗ୍ରହ ଦେଖାଇ ଥିଲେ।

## 'ମୋ ଆଶା'ର ଶୀତ ଆସର



**ନିମାପଡ଼ା,୨୨।୨/ଏନ୍‌ଏନ୍‌ଏସ୍:** ପିଲାମାନଙ୍କ ମଧ୍ୟରେ ପଠନ, ଲିଖନ ଓ ଚିତ୍ରାଙ୍କନ ଭଳି ସୃଜନୀ କଳାର ବିକାଶ ପାଇଁ ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଶୀତ ଆସର ଓ ସୃଜନୀ କର୍ମଶାଳା ରବିବାର ସ୍ଥାନୀୟ ବାବା ବୁଦ୍ଧନାଥଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ୍ ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନଙ୍କ ମଧ୍ୟରେ ଗଳ୍ପ କବିତା ପାଠ, ଚିତ୍ରାଙ୍କନ, ଛବି ଦେଖି ଗଳ୍ପ ଓ କବିତା ରଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ଼. ରବୀନ୍ଦ୍ର ନାଥ ପାଢ଼ୀ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବସନ୍ତ ସ୍ୱାଇଁ, ଶିକ୍ଷୟିତ୍ରୀ ଗୌରୀ ପ୍ରିୟା ନନ୍ଦ, ଉତ୍କଳ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ସୃଜନ କଳା ଓ ବୁଦ୍ଧିମତାର ବିକାଶ ପାଇଁ ବହି ଓ ପତ୍ର ପତ୍ରିକା ପଠନର ଖୁବ୍ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିବା ସହ ଅଭିଭାବକମାନେ ନିଜର ପିଲାମାନଙ୍କୁ ପଠନ ମନସ୍କ ପାଇଁ ବିଭିନ୍ନ ପତ୍ର ପତ୍ରିକା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ସୃଜନ କଳାର ବିକାଶ ହିଁ ସଫଳତାର ଚାବିକାଠି ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଥିବା ବେଳେ ଗ୍ରୁପ୍ ପକ୍ଷରୁ ଅଜୟ ମିଶ୍ର, ସାରଦା ପ୍ରସନ୍ନ ବେହେରା ଓ ଉର୍ମିଳା ମହାରଣା ପରିଚାନଳାରେ ସହଯୋଗ କରିଥିଲେ।

## ଡିଗ୍ରୀ କଲେଜରେ ବାଳିକା ଆତ୍ମରକ୍ଷା କୌଶଳ

**ପୁରୀ,୨୨।୨/ଏନ୍‌ଏନ୍‌ଏସ୍:** ଗୋପିନାଥ ଦେବ ଡିଗ୍ରୀ କଲେଜର ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ମହାରଥିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପନ୍ନ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ମହୋଦୟ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଗତ ୨୦ ତାରିଖ ରୁ ଆରମ୍ଭ ହୋଇ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଜାରିରହିବ। ଆତ୍ମରକ୍ଷା ପ୍ରଶିକ୍ଷିକା ସତ୍ୟଭାମା ମୁଦୁଲି, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କଲେଜର ସମସ୍ତ କର୍ମଚାରୀ ବୃନ୍ଦ ନିଜର ସହଯୋଗ ପ୍ରଦାନ କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ନୂତନ ଆନନ୍ଦ ପରିଲକ୍ଷିତ ହେଉଥିଲା।

## ଶନିଦେବ ବାର୍ଷିକୋତ୍ସବରେ ବିଶ୍ୱଶାନ୍ତି ମହାଯଜ୍ଞ



**ଅସ୍ତରଙ୍ଗ,୨୨।୨/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ପ୍ରାଚୀ ନଦୀ ଉପକଣ୍ଠ ପାଟପୁର ଗ୍ରାମରେ ଚତୁର୍ଥ ବାର୍ଷିକ ଶନିଦେବଙ୍କ ବାର୍ଷିକ ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଯାଇଛି। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉପସ୍ଥିତି ମଧ୍ୟରେ ଶତାଧିକ ମହିଳା ନିକଟସ୍ଥ ପ୍ରାଚୀ ନଦୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରାରେ ଗ୍ରାମ ପରିଭ୍ରମଣ, ସମୟରେ ଗ୍ରାମବାସୀମାନେ ବନ୍ଦାପନା କରି ସ୍ୱାଗତ ଜଣାଇଥିଲେ। କଳସ ସ୍ଥାପନ ପରେ ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନଟି ଶନି ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ଆୟୋଜନରେ ହୋଇଥିବାବେଳେ ମୁଖ୍ୟ ସମନ୍ୱୟକ ଭାବେ ନରେନ୍ଦ୍ର କୁମାର ରାଉତ ଦାୟିତ୍ୱ ପାଳନ କରିଥିଲେ। ପ୍ରଥମ ଦିନ ଭାଗବତ ପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରବର୍ତ୍ତୀ ଦିନ ଯଜ୍ଞର ପୂର୍ଣ୍ଣାହୁତି, ନାମ-କୀର୍ତ୍ତନ ଏବଂ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିରେ ପ୍ରାୟ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ଘିଅ ଦ୍ୱୀପ ଜାଳି ନିଜ ନିଜ ପରିବାର ର ସୁଖ ମନାସିଥିଲେ କ୍ଷ ସ୍ଥାନୀୟ ଗ୍ରାମବାସୀ ଙ୍କ କହିବାନୁସାରେ, ଦୀର୍ଘ ୨୦୦ ବର୍ଷରୁ ଅଧିକ ସମୟ ଧରି ଏଠାରେ ବଟବୃକ୍ଷ ମୂଳରେ ଶନିଦେବଙ୍କ ପୂଜାର୍ଚ୍ଚନା ଚାଲିଆସୁଥିଲା। ୨୦୨୩ ମସିହାରେ ଶନିଦେବଙ୍କ ବିଗ୍ରହ ସ୍ଥାପନା ସହ ମନ୍ଦିର ପ୍ରତିଷ୍ଠା ହେବା ପରେ ଏହି ସ୍ଥାନର ଧାର୍ମିକ ଗୁରୁତ୍ୱ ଆହୁରି ବଢ଼ିଛି। ଉତ୍ସବ ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଓ ସାଧୁସନ୍ଥମାନେ ଶନିଦେବଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ ସହ ପ୍ରସାଦ ସେବନ କରିଥିଲେ।

## ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି

**ମୁଣ୍ଡମୁହାଣ,୨୨।୨/ଏନ୍‌ଏନ୍‌ଏସ୍:** ଜଟଣୀ ବ୍ଲକ ମଦନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପଲ୍ଲୀରେ ପ୍ରଶାସନ ସେବା ଓ ସମାଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ ଶ୍ମଶାନ, ରାଜସ୍ୱ, ଆବାସ ଯୋଜନା, ଜଳ ଆଦି ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ମିଳିତ ଜନଶୁଣାଣୀରେ ବ୍ଲକ ସ୍ତରିୟ ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଓ ଆପତ୍ତି ଅଭିଯୋଗ ଆଣିଥିବା ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ଜଟଣୀ ବ୍ଲକ ବିଡିଓ ବଶନ୍ତ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଏହି ମିଳିତ ଜନଶୁଣାଣୀରେ ୪୫ ଟି ଆପତ୍ତି ଅଭିଯୋଗ ହୋଇଥିଲା। ସେଥିରେ ୪ଟି ଅଭିଯୋଗ ସାମୁହିକ ଥିବାବେଳେ ଅବଶିଷ୍ଟ ଅଭିଯୋଗ ବ୍ୟକ୍ତିଗତ ଭାବେ ଥିଲା। ଅଭିଯୋଗ ଗୁଡିକ ଭିତରେ କିଛି ବରିଷ୍ଠ ନାଗରିକ ଦିର୍ଘ ମାସ ହେବ ବାର୍ଦ୍ଧକ୍ୟ ଓ ବିଧବା ଭତା ଆବେଦନ କରିଥିଲେ ମଧ୍ୟ ଭତା ପାଇବାରେ ବିଳମ୍ବକୁ ନେଇ ପ୍ରଶ୍ନ ହୋଇଥିଲା। ଶ୍ମଶାନର ଉନ୍ନତିକରଣ ପାଇଁ ଅଭିଯୋଗ ହୋଇଥିଲା। ସେହିଭଳି କିଛି ଲୋକ ସୁଭଦ୍ରା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ ଉପରେ ଅଭିଯୋଗ ଆଣିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ପଟା ବଣ୍ଟନକୁ ନେଇ ମଧ୍ୟ କିଛି ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଆସିଲାଣି ଗ୍ରୀଷ୍ମ ଋତୁ। ପାନୀୟ ଜଳ ଯୋଗାଣରେ କିଛି ସମସ୍ୟା ଥିବାରୁ, ସୁବିଧା ଆଣିବା ପାଇଁ ୩ଟି ସାହିରେ ନଳକୂପ ବସାଇବା ପାଇଁ ଦାବି ଜଣାଇଥିଲେ। ବ୍ଲକର ବରିଷ୍ଠ ଅଧିକାରୀ ସତ୍ୟ ସ୍ୱରୂପ ବିଶ୍ୱାଳ, ସରପଞ୍ଚ ରଶ୍ମି ରଞ୍ଜନ ବେହେରା, ସିଡିପିଓ ସଞ୍ଜୁଲତା ନାଏକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଐଶ୍ୱରିୟା ସାମନ୍ତରାୟ, ସୁପରଭାଇଜର ସୁବାସୀନି ଦାସ ପ୍ରମୁଖଙ୍କ ସହ ଆସିଷ୍ଟାଣ୍ଟ ଇଂଜିନିୟର ,ସାମାଜିକ ସୁରକ୍ଷା ଓ ସଶକ୍ତିକରଣ, କୃଷି, ଜିଲ୍ଲା ଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅଙ୍ଗନବାଡି,ଆଶା, ଆରଡବ୍ଲୁଏସ୍ଏସ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବେଗୁନିଆ ସାହିତ୍ୟାନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ

**ବେଗୁନିଆ,୨୨।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନରେ ଆୟୋଜିତ ବେଗୁନିଆ ସାହିତ୍ୟାନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବରେ ସଭାପତି ସୁଧାକର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ପଣ୍ଡିତ ବିଷ୍ଣୁ ପ୍ରସାଦ କରଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଶ୍ରୀ ସଙ୍ଗୀତା, ବୀଣାପାଣି ଓ ଗୁଡ଼ିଆରାଣୀ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ସୁସାହିତ୍ୟିକ ତଥା ବିଶିଷ୍ଟ ସ୍ତମ୍ଭକାର ଡ. ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟବକ୍ତା , ସୁସାହିତ୍ୟିକା ଡ. ଶୁଭଶ୍ରୀ ଲେଙ୍କା ସମ୍ମାନିତ ଅତିଥି ରୂପେ ଯୋଗଦେଇ ନିରୁତା ସାହିତ୍ୟ ସର୍ଜନା ଇଚ୍ଛାକୃତ କାମନା ଉପରେ ପର୍ଯ୍ୟବେଶିତ ନହୋଇ ସ୍ୱତଃସ୍ଫୁର୍ତ୍ତ ପ୍ରେରଣା ଦ୍ୱାରା ଅଭିପ୍ରେରିତ ହେବା ଆବଶ୍ୟକ ବୋଲି କହିଥିଲେ। ପରେ ଅନୁଷ୍ଠାନର ମୁଖପତ୍ର 'ସ୍ୱୟଂସିଦ୍ଧା'କୁ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଫେସର ଡ. ହରିପ୍ରସାଦ ଦାସ, ନାଟ୍ୟକାର ଡ. ବନବିହାରୀ ମହାପାତ୍ର, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଧାନ ଶିକ୍ଷକ ଦିବାକର ସାହୁ, ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ, କବିକେତନ ଗୌରଚରଣ ସାମନ୍ତସିଂହାର, କବୟିତ୍ରୀ ମାନସୀ ଦାସ, ସମାଜସେବୀ ପ୍ରଶାନ୍ତ କୁମାର ବାରିକ, ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, ଦୟାନନ୍ଦ ଆଦର୍ଶ ଗୁରୁକୁଳର ଅଧ୍ୟକ୍ଷ ଆର. ଜଗଦୀଶ ରେଡ୍ଡୀ,ପୂର୍ବତନ ବିଚାର ବିଭାଗୀୟ ଅଧିକାରୀ ନୀଳକଣ୍ଠ ତ୍ରିପାଠୀ, ଡ. ଗୀତାଞ୍ଜଳି ମହାପାତ୍ର, ସମାଜସେବୀ ଶ୍ରୀନିବାସ ବାଘସିଂହ ଓ ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ପ୍ରମୁଖ ଆୟୋଜିତ କବିତା ପାଠରେ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ବସନ୍ତ କୁମାର ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବାବେଳେ ଉପଦେଷ୍ଟା ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଇତିହାସ

- ୧୭୬୮-ହାଇଦ୍ରାବାଦର ନିଜାମଙ୍କ ସହିତ କର୍ଣ୍ଣଲ୍ ସ୍ମିଥ୍ ଶାନ୍ତି ବୁଝାମଣା କରିଥିଲେ।
- ୧୯୬୯-ଅଭିନେତ୍ରୀ ମଧୁବାଲାଙ୍କ ନିଧନ।
- ୨୦୦୩-କାନାଡ଼ାର ଡେଭିସନ୍ ବିଶ୍ବକପ୍‌ରେ କପିଲଦେବଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ।
- ୨୦୧୦-ପ୍ରସିଦ୍ଧ ଚିତ୍ରକାର ଏମ୍‌ଏଫ୍ ହୁସେନଙ୍କୁ କତର ନାଗରିକତା ପ୍ରଦାନ କରାଯାଇଥିଲା।
- ୧୯୬୯-ଅଭିନେତ୍ରୀ ଭାଗ୍ୟଶ୍ରୀ ଏହିଦିନ ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ** - ଆଜି ସ୍ୱାସ୍ଥ୍ୟ ଉତ୍ତମ ରହିବ। ଏନର୍ଜି ମଧ୍ୟ ବୃଦ୍ଧି ହେବ। ବିତ୍ତୀୟ ଦୃଷ୍ଟିରୁ ନିଜର ଲକ୍ଷ୍ୟକୁ ଧ୍ୟାନରେ ରଖିବେ। କ୍ୟାରିୟର୍ ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରନ୍ତି।

**ବୃଷ** - ଭାଇ-ଭଉଣୀଙ୍କ ସହିତ ମଉଜମସ୍ତି କରିବା ଯୋଜନା ଖୁସି ଦେବ। ସମ୍ପତ୍ତି ନିବେଶ କରିବା ପାଇଁ ବିଚାର କରିପାରନ୍ତି। ଏଥିରୁ ଲାଭ ପାଇବେ। ଆଜିର ଯାତ୍ରା ରୋମାଞ୍ଚରେ ଭରି ରହିବ।

**ମିଥୁନ** - ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟା ହୋଇନପାରେ। ଶରୀରରେ ଦେଖାଯାଉଥିବା ଛୋଟ ବଡ଼ ସଙ୍କେତ ଉପରେ ଧ୍ୟାନ ଦେବେ। ଏହା ଲାଭକାରୀ ହେବ। ସହକର୍ମୀମାନେ ପ୍ରଶଂସା କରିବେ।

**କର୍କଟ** - ଶିକ୍ଷାଗତ ଦୃଷ୍ଟିରୁ ଏକ ସନ୍ତୋଷଜନକ ଦିନ। ଯାତ୍ରା ରୋମାଞ୍ଚକ ଅନୁଭବ ଦେବ। ନୂଆ ରୋମାଞ୍ଚ ପାଇଁ ପ୍ରସ୍ତୁତ ରହିବେ। ଉର୍ଜା ସ୍ତର ବୃଦ୍ଧି ହେବ। ପ୍ରମୋଶନର ମାର୍ଗ ଖୋଲିପାରେ।

**ସିଂହ** - ପରିବାରର ସହଯୋଗ ଆତ୍ମବିଶ୍ୱାସ ବୃଦ୍ଧି କରିବ। ଯାତ୍ରାର ସଉକ ଥିଲେ ପ୍ରସ୍ତୁତି ସଠିକ୍ ଭାବରେ କରିବେ। ଧୈର୍ଯ୍ୟ ବଜାୟ ରଖନ୍ତୁ। ବିତ୍ତୀୟ ନେଣଦେଣ ଉପରେ ନଜର ରଖିବେ। ନୂଆ ଅବସର ପାଇବେ।

**କନ୍ୟା** - ଯାତ୍ରାରେ ଆରାମ ଅନୁଭବ କରିବେ। ହାଲୁକା ଆକ୍ଟିଭିଟିରୁ ଆନନ୍ଦ ଉଠାଇବାର ଅବସର ପାଇବେ। କାର୍ଯ୍ୟସ୍ଥଳରେ ପ୍ରଡକ୍ଟିଭିଟିର ସୁଧାରର ସମ୍ଭାବନା ରହିଛି। ସମ୍ପତ୍ତିର ନେଣଦେଣ ସୁଚାରୁରୂପେ ଚାଲିବ।

**ତୁଳା** - ସମ୍ପତ୍ତିର ବୁଝାମଣାକୁ ଅନ୍ତିମ ରୂପ ଦେଉଥିଲେ ସବୁ ସର୍ତ୍ତକୁ ରିଭ୍ୟୁ କରିବେ। କାର୍ଯ୍ୟସ୍ଥଳରେ ବୃଦ୍ଧି ପାଉଥିବା ନେତୃତ୍ୱ ଆପଣଙ୍କୁ ସମ୍ମାନ ଦେବ। ଶାନ୍ତିପୂର୍ଣ୍ଣ ସନ୍ଧ୍ୟା ବିତେଇବେ।

**ବିଛା** - ନିଜକୁ ଗତି ଦେବା ପାଇଁ ଏନର୍ଜି ସ୍ତର ବଜାୟ ରଖିବେ। ଆର୍ଥିକ ଭାବରେ ସଫଳତାର ମାର୍ଗ ଖୋଲିବ। ପ୍ରମୋଶନର ଆନନ୍ଦ ନିଅନ୍ତୁ। ପ୍ରୟାସ ପାଇଁ ଅପେକ୍ଷା କରିବାକୁ ହେବ। ଶିକ୍ଷା ଦିଗରେ ସ୍ଥିର ଫୋକସ୍ ରଖିବେ।

**ଧନୁ** - ସଞ୍ଚୟର ଆକଳନ କରିବେ। ଆର୍ଥିକ ରଣନୀତିରେ ସୁଧାର କରିବା ପାଇଁ ଦିନଟି ଉତ୍ତମ। ନୂଆ ଜିନିଷ ବିଷୟରେ ଶିଖିଲେ ଆପଣଙ୍କ ପାଇଁ ଲାଭଦାୟକ ହେବ। ସନ୍ତାନର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**ମକର** - ସନ୍ତାନର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଶୈକ୍ଷିକ କାର୍ଯ୍ୟରେ ସମସ୍ୟା ଆସିପାରେ। ସଚେତ ରୁହନ୍ତୁ। ରିଫ୍ରେସ୍ ପାଇଁ ନିଜ ସହିତ ଦିନ ବିତାନ୍ତୁ। ଆଜି ବିତ୍ତୀୟ ଚାପ ବୃଦ୍ଧି ପାଇପାରେ।

**କୁମ୍ଭ** - ମନ ଶାନ୍ତ ରହିବ। ଚାକିରିରେ ସମସ୍ୟାର ସମ୍ମୁଖୀନ ହେବେ। କାର୍ଯ୍ୟକ୍ଷେତ୍ରରେ ସ୍ଥାନ ପରିବର୍ତ୍ତନ କରିପାରନ୍ତି। ଅଧିକ ପରିଶ୍ରମ କରିବେ। ମାତାପିତାଙ୍କ ପ୍ରତି କୃତଜ୍ଞତା ରହିବ।

**ମୀନ** - ପୁରୁଣା ସହକର୍ମୀ କ୍ୟାରିୟର ଖବର ଦେବେ। ଫୋକସ୍‌ରେ ସୁଧାର ହେବ। ଉର୍ଜାର ସ୍ତର ବଜାୟ ରହିବ। ବିତ୍ତୀୟ ସ୍ଥିରତା ପାଇଁ କରଜ ନକଲେ ଭଲ। ଭାଇ-ଭଉଣୀଙ୍କ ସହିତ ଅସହମତି ହୋଇପାରନ୍ତି।

ନ ତଦ୍‌ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ।
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ। (୧୫/୬)



ଯେଉଁ ପଦକୁ ଲାଭ କଲେ ଯୋଗୀମାନଙ୍କୁ ପୁନଶ୍ଚ ଫେରିବାକୁ ହୁଏ ନାହିଁ ଅର୍ଥାତ ଜନ୍ମ ମୃତ୍ୟୁ ଫାଶରେ ପଡ଼ିବାକୁ ହୁଏ ନାହିଁ ଏବଂ ଯେଉଁ ପଦକୁ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ପ୍ରକାଶ କରିପାରନ୍ତି ନାହିଁ, ସେହି ପଦ ହେଉଛି ମୋର ପରମ ସ୍ୱରୂପ। ପରଂବ୍ରହ୍ମ ଚୈତନ୍ୟମୟ ସୁତରାଂ ସେ ସ୍ୱୟଂ ସ୍ୱପ୍ରକାଶ। ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ତାରକା, ବିଦ୍ୟୁତ୍ ପ୍ରଭୃତି ଜଡ ପଦାର୍ଥ ତାଙ୍କୁ କିପରି ପ୍ରକାଶ କରିପାରିବେ।

ଶ୍ରୀ ରାମକୃଷ୍ଣ କହନ୍ତି - ଯେତେବେଳେ ଶୁଦ୍ଧ କର୍ପୂର ଜଳିଯାଏ, ତା'ର ଅବଶିଷ୍ଟାଂଶ ରହେ ନାହିଁ। ସେହିପରି ସମାଧିରେ ମନ ବିଲୁପ୍ତ ହେଲେ, ମୁଁ, ତୁମେ ଓ ସମଗ୍ର ବସ୍ତୁ ଜଗତ ଅନ୍ତର୍ହିତ ହେଇଯାଏ। କେବଳ ଶୁଦ୍ଧ ଚୈତନ୍ୟ ବ୍ରହ୍ମ ରହନ୍ତି।

# ଔଷଧୀୟ ଶକ୍ତିରେ ଭରପୂର ବେଲ



ଏବେ ଗରମ ଅନୁଭୂତ ହେଲାଣି। ଆଗାମୀ ସପ୍ତାହଗୁଡ଼ିକ ମଧ୍ୟରେ ତାପମାନ ବୃଦ୍ଧି ହେବ, ଯେଉଁ କାରଣରୁ ଶରୀରରେ ଗରମ, ପିତ୍ତ ଓ ବାତ ସହିତ ଜଡ଼ିତ ସମସ୍ୟାଗୁଡ଼ିକ ବୃଦ୍ଧି ପାଇପାରେ। ଏପରି ଋତୁରେ ଲୋକମାନେ ସାଧାରଣତଃ ଥଣ୍ଡା ପାନୀୟ ପଦାର୍ଥର ସାହାରା ନେଇଥାନ୍ତି। କିନ୍ତୁ ଭାରତୀୟ ପରମ୍ପରା ମଧ୍ୟରୁ ଅନ୍ୟତମ ଏକ ପ୍ରାକୃତିକ ବିକଳ୍ପ ରହିଛି ଯାହା ସ୍ୱାଦ ସହିତ ଔଷଧୀୟ ଗୁଣଗୁଡ଼ିକରେ ଭରି ରହିଛି। ତାହା ହେଉଛି ବେଲ।

ଭାରତୀୟ ସଂସ୍କୃତିରେ ବେଲର ରହିଛି ଧାର୍ମିକ ମହତ୍ତ୍ୱ ଯାହାକୁ ଭଗବାନ ଶିବଙ୍କ ପାଖରେ ଅର୍ପଣ କରାଯାଏ। କିନ୍ତୁ ଆୟୁର୍ବେଦରେ ଏହାର ମହତ୍ତ୍ୱ କେତେ ଅଧିକ। ଏହା ଶରୀରକୁ ଥଣ୍ଡା ରଖେ, ପାଚନ ଶକ୍ତିରେ ସୁଧାର ଆଣେ ଓ ଶକ୍ତି ବୃଦ୍ଧି କରେ। ଆୟୁର୍ବେଦ ଗ୍ରନ୍ଥଗୁଡ଼ିକ ଅନୁସାରେ ବେଲ ଦୀପନ, ପାଚନ ସୁଧାରକ ଓ ଗ୍ରହଣୀ ରୋଗଗୁଡ଼ିକୁ ଦୂର କରେ। କେବଳ ବେଲ ନୁହେଁ, ବେଲପତ୍ର, ଛାଲ ଓ ଏହାର ଚେର ମଧ୍ୟ ଔଷଧୀୟ ଗୁଣରେ ଭରପୂର ଥାଏ ଯାହାର ଉପଯୋଗ କରାଯାଏ ଚିକିତ୍ସା କ୍ଷେତ୍ରରେ।

ଲାଭ- ଗରମ ଦିନେ ସ୍ୱେଲିଂ, ଜ୍ୱଳନ ବା ଭାରୀପଣ ଅନୁଭବ ହେଲେ ବେଲର ରସରୁ ମୁକ୍ତି ମିଳେ। ଏଥିରେ ଥିବା ପ୍ରାକୃତିକ ଆଣ୍ଟିଅକ୍ସିଡେଣ୍ଟ ଓ ଆଣ୍ଟିମାଇକ୍ରୋବିୟଲ୍ ତତ୍ତ୍ୱ ଶରୀରକୁ ସ୍ୱେଲିଂକୁ ରକ୍ଷା କରେ। ପାଚନ ସମ୍ବନ୍ଧୀୟ ସମସ୍ୟା ଯଥା- କୋଷ୍ଠକାଠିନ୍ୟ, ଏସିଡିଟି ବା ଅଲ୍‌ସରରେ ମଧ୍ୟ ଏହାର ସେବନ ଲାଭକାରୀ ପ୍ରମାଣିତ ହୋଇଛି। ବେଲରସ ପିଇବାକୁ ପସନ୍ଦ କରୁଥିବା ଲୋକମାନେ ବଜାରରେ ମିଳୁଥିବା ବେଲର ଚୂର୍ଣ୍ଣ ମଧ୍ୟ ଖାଇପାରିବେ ଯାହା କୋଷ୍ଠକାଠିନ୍ୟ ଓ ଝାଡ଼ା ପରି ସ୍ଥିତିରେ ଲାଭ ଦେଇଥାଏ।



# ଜାପାନର ଅନୋଖା ଟେକ୍ନୋଲୋଜି

ଜାପାନ ନିଜର ଅନୋଖା ଟେକ୍ନୋଲୋଜି ପାଇଁ ପୂରା ଦୁନିଆକୁ ଆଶ୍ଚର୍ଯ୍ୟଚକିତ କରିଦିଏ। ଏବେ ଏହି ଦେଶ ଟେକ୍ନୋଲୋଜି ଜରିଆରେ ସ୍ପେସ୍ ଦୁନିଆରେ କିଛି ଅଲଗା କାମ କରିବାକୁ ଯାଉଛି। ରିପୋର୍ଟ ଅନୁସାରେ ଜାପାନ ଏବେ ସ୍ପେସ୍ ବିଜୁଳି ତିଆରି କରିବା ଯୋଜନାରେ ଅଛି। ଦେଶ ସ୍ପେସ୍ ଏଜେନ୍ସି ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି ଓହିସାମା ନାମକ ଏକ ସାଟେଲାଇଟ୍ ଲଞ୍ଚ କରିବ ଯାହାର କାମ ସ୍ପେସ୍‌ରେ ସିଧା ସୂର୍ଯ୍ୟଙ୍କ କିରଣକୁ ସେ ଅବଶୋଷିତ କରିବ। ଏହି ସାଟେଲାଇଟ୍‌ର ଆକାର ୱାଶିଂ ମେସିନ୍ ଠାରୁ ମଧ୍ୟ ଛୋଟ ହେବ ଯାହାକୁ ଏ ବର୍ଷର ଶେଷ ଆଡ଼କୁ ପାଖାପାଖି ୪୦୦ କି.ମି ଉପରକୁ ସ୍ପେସ୍‌କୁ ପଠାଯିବ। ଏହି ମେସିନ୍ ଚାଲୁ ହେବା ପରେ ବିନା ତାରରେ ସୁୱା ସହରରେ ଥିବା ୧୩ଟି ଆଣ୍ଟିନା ଥିବା ଷ୍ଟେସନ ପର୍ଯ୍ୟନ୍ତ ବିଜୁଳି ପଠାଇବ। ତେବେ ପ୍ରାରମ୍ଭିକ ସମୟରେ ଏଥିରୁ ବହୁତ କମ୍ ବିଜୁଳି ଉତ୍ପାଦନ ହେବ ପାଖାପାଖି ଏକ କିଲୋୱାଟ୍ ଯେଉଁଥିରେ ଏକ କଫି ମେକର୍ ଚାଲିପାରିବ। ଅନ୍ତରୀକ୍ଷରୁ ପୃଥିବୀକୁ ବିଜୁଳି ପଠାଇବା ଅସମ୍ଭବ ନୁହେଁ ବୋଲି ପ୍ରମାଣିତ କରିବା ଏହି ପ୍ରୟୋଗର ଉଦ୍ଦେଶ୍ୟ। ଅନ୍ତରୀକ୍ଷରେ ସୂର୍ଯ୍ୟକିରଣ ସବୁ ସମୟରେ ଉପଲବ୍ଧ ଥାଏ ଯେଉଁ କାରଣରୁ ସେଠାରେ ରାତି ହୁଏ ନାହିଁ। ଏଥିପାଇଁ ଅନ୍ତରୀକ୍ଷରେ ଥିବା ସୋଲାର ପ୍ୟାନେଲ୍ ୨୪ ଘଣ୍ଟା କୌଣସି ପ୍ରତିବନ୍ଧ ବିନା ବିଜୁଳି ଉତ୍ପନ୍ନ କରିପାରିବ। ଓସିସାମା ସାଟେଲାଇଟ୍‌ର ଜାପାନୀ ଅର୍ଥ ହେଉଛି ସୂର୍ଯ୍ୟ ଯେଉଁଥିରେ ଦୁଇ ବର୍ଗ ମିଟର ସୋଲାର ପ୍ୟାନେଲ୍ ଇନଷ୍ଟଲ୍ ହେବ ଓ ଏହାର ଓଜନ ହେବ ପାଖାପାଖି ୧୮୧ କି.ଗ୍ରା। ଏହାକୁ ଯେତେବେଳେ ପୃଥିବୀର ନିମ୍ନ ଅର୍ବିଟ୍‌କୁ ପଠାଯିବ ତେବେ ଏହା ସୂର୍ଯ୍ୟର କିରଣ ଦ୍ୱାରା ବିଜୁଳି ଉତ୍ପନ୍ନ ହୋଇପାରିବ। ଏହି ବିଜୁଳିକୁ ମାଇକ୍ରୋୱେଭ କିରଣରେ ପରିବର୍ତ୍ତିତ କରି ୱାୟରଲେସ୍ ସିଷ୍ଟମ୍ ଜରିଆରେ ଜାପାନର ସୁୱା ସହରରେ ସ୍ଥିତ ଏକ ସେଣ୍ଟରକୁ ପଠାଯିବ। ଏହି ସେଣ୍ଟର କେବଳ ୬୦୦ ସ୍କୋୟାରମିଟରରେ ବ୍ୟାପି ରହିଥାଏ। ତେବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏହାକୁ ସଠିକ୍ ଲକ୍ଷ୍ୟରେ ଲଗାଇବାକୁ ହେବ। ନହେଲେ ବିଜୁଳି ଉତ୍ପନ୍ନ ହେଉଥିବା ସ୍ଥାନଟି ସ୍ଥାନେ ସ୍ଥାନେ ତଳେ ପଡ଼ି କ୍ଷତି କରିପାରେ।





# କେବେ ରିଲିଜ ହେବ 'ବନ୍ଦର୍'

ବଲିଉଡ୍ ଅଭିନେତା ବବି ଦେଓଲ ନିଜର ଅଭିନୟ ପ୍ରତିଭା ପାଇଁ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତ କରିଛନ୍ତି। ଫିଲ୍ମ 'ଆନିମଲ୍'ରେ ବବିଙ୍କୁ ଭିଲେନ୍ ଭୂମିକାରେ ଦେଖିବାକୁ ମିଳିଥିଲା। ଏଥିରେ ରନ୍‌ବୀର କପୁରଙ୍କ ସହିତ ବବି ଦର୍ଶକମାନଙ୍କୁ ଖୁବ୍ ମନୋରଞ୍ଜନ କରିଥିଲେ। ଫିଲ୍ମଟି ବକ୍ସ ଅଫିସ୍‌ରେ ସବୁ ରେକର୍ଡ ଭଙ୍ଗ କରିଛି। ଏବେ ବବିଙ୍କ ଆଗାମୀ ଫିଲ୍ମ 'ବନ୍ଦର୍' ରହିଛି ଚର୍ଚ୍ଚାର ପରିସରରେ। ଏହି ଫିଲ୍ମକୁ ନେଇ ଆସିଛି ବଡ଼ ଅପଡେଟ୍। ଖବର ଅନୁସାରେ ଫିଲ୍ମଟି ମେ' ୨୨ରେ ସିନେମା ଘରଗୁଡ଼ିକରେ ରିଲିଜ ହେବ। ଅନୁରାଗ କଶ୍ୟପଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌ରେ ଖୁବ୍ ପ୍ରଶଂସା ସାଉଁଟିଥିଲା। ଏହାର ପ୍ରିମିଅର ଟରଣ୍ଟୋ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରିମିୟର ହୋଇସାରିଛି ଓ ଦର୍ଶକ-ସମାଲୋଚକଙ୍କ ପ୍ରଶଂସା ଖୁବ୍ ସାଉଁଟି ସାରିଛି। ଫିଲ୍ମଟି ସତ୍ୟ ଘଟଣା ଉପରେ ଆଧାରିତ। ତେବେ ବବି ଦେଓଲଙ୍କୁ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା ଫିଲ୍ମ 'ହରି ହର ବୀରା ମଲ୍ଲୁ'ରେ ଯେଉଁଥିରେ ପବନ କଲ୍ୟାଣ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।

ବବିଙ୍କ ଅଭିନୟ କ୍ୟାରିୟର୍- ନବେ ଦଶକରେ ଫିଲ୍ମ 'ବରସାତ୍'ରେ ଡେବ୍ୟୁ କରିଥିଲେ ବବି। ଏହାପରେ ଗୁପ୍ତ, ସୋଲଜର, କରୀବ୍, ବାଦଲ୍, ବିଚ୍ଛୁ, ଅଜ୍‌ନବୀ ଓ ହମରାଜ ପରି ହିଟ୍ ଫିଲ୍ମଗୁଡ଼ିକରେ ତାଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କ କ୍ୟାରିୟର୍‌ରେ କିଛି ମୁସ୍କିଲ୍ ସମୟ ମଧ୍ୟ ଆସିଛି। କିନ୍ତୁ ଅପ୍‌ନେ, ୟମ୍‌ଲା ପଗ୍‌ଲା ଦିୱାନା ଓ ହାଉସ୍‌ଫୁଲ୍-୪ ଜରିଆରେ ସେ ପୁଣି ଥରେ ଅଭିନୟ ଦୁନିଆକୁ ଫେରିଥିଲେ। ତେବେ ୨୦୨୩ରେ ସେ ଜବରଦସ୍ତ କମବ୍ୟାକ୍ କରିଥିଲେ ଫିଲ୍ମ 'ଆନିମଲ୍' ଜରିଆରେ। ଏହାପରେ ଆଶ୍ରମ ଓ ନେଟ୍‌ଫ୍ଲିକ୍ସର ଦ ବାଷ୍ଟାର୍ଡ ଅଫ୍ ବଲିଉଡ୍‌ରେ ମଧ୍ୟ ତାଙ୍କର ଦମ୍‌ଦାର ଅଭିନୟ ଦେଖିବାକୁ ମିଳିଥିଲା। ବବି ଦେଓଲ ଫିଲ୍ମ 'ଅଲ୍ଫା'ରେ ମଧ୍ୟ ନଜର ଆସିବେ ଯେଉଁଥି ପାଇଁ ଦର୍ଶକମାନେ ଅପେକ୍ଷା କରି ରହିଛନ୍ତି।

# ସାତଟି ପବିତ୍ର ଗଛ

ଏପରି କିଛି ଗଛକୁ ଘରେ ଲଗେଇଲେ ବାସ୍ତୁ ଶାସ୍ତ୍ରରେ ଶୁଭ ବୋଲି କୁହାଯାଏ। ଏହି ଗଛଗୁଡ଼ିକ ହେଉଛନ୍ତି ତୁଳସୀ, ମନି ପ୍ଲାଣ୍ଟ, ସ୍ନେକ୍, ସ୍ପାଇଡର୍ ପ୍ଲାଣ୍ଟ, ଜେଡ୍ ପ୍ଲାଣ୍ଟ, ଘୋଷ୍ଟ ପ୍ଲାଣ୍ଟ ଓ କଲାନକୋଇ। ତୁଳସୀ ଗଛ-ହିନ୍ଦୁ ଧର୍ମରେ ସବୁଠାରୁ ପବିତ୍ର ଗଛ ହେଉଛି ତୁଳସୀ। ପ୍ରାୟ ପ୍ରତି ଘରେ ତୁଳସୀ ଗଛ ଦେଖିବାକୁ ମିଳେ। ଘର ଅଗଣାରେ ତୁଳସୀ ଗଛ ରହିଲେ ସକାରାତ୍ମକ ଉର୍ଜା ଆସେ ଓ ବାତାବରଣ ଶୁଦ୍ଧ ରହେ। ଏହାକୁ ଅଗଣା, ବାଲ୍‌କନି ବା ଝରକା ପାଖରେ ରଖିବାକୁ ଶୁଭ ବୋଲି ସମସ୍ତେ ମାନନ୍ତି। ତୁଳସୀ ପତ୍ରର ଉପଯୋଗ ଔଷଧୀ ରୂପରେ କରାଯାଏ ଯଥା-ସର୍ଦ୍ଦି, କାଶ ବା ଗଳାର ସମସ୍ୟାରେ। ସେଥିପାଇଁ ପ୍ରତିଦିନ ତୁଳସୀ ଗଛ ପାଖରେ ଦୀପ ଜଳାଇଲେ ଘରେ ଶାନ୍ତି ଓ ସୁଖର ବାତାବରଣ ରହେ।



**ମନି ପ୍ଲାଣ୍ଟ-**
ମନି ପ୍ଲାଣ୍ଟ ସମୃଦ୍ଧି ଓ ଆର୍ଥିକ ଉନ୍ନତିର ପ୍ରତୀକ। ବାସ୍ତୁ ଅନୁସାରେ ଏହାକୁ ଘର ଭିତରେ ରଖିବା ଶୁଭ ବୋଲି କୁହାଯାଏ ବିଶେଷ କରି ଦକ୍ଷିଣ-ପୂର୍ବ ଦିଗରେ। ଏହା ଧନ ଓ ସୁଖକୁ ଆକର୍ଷିତ କରେ। ମନି ପ୍ଲାଣ୍ଟକୁ ଅଧିକ ଯତ୍ନ ନେବାର ଆବଶ୍ୟକ ହୁଏ ନାହିଁ। ଉଭୟେ ପାଣି ଓ ମାଟିରେ ଏହି ଗଛ ବୃଦ୍ଧି ପାଇଥାଏ।



**ସ୍ନେକ୍ ପ୍ଲାଣ୍ଟ-**
ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଯାହାର ଲମ୍ବା, ସିଧା ପତ୍ର ଘରକୁ ଆଧୁନିକ ଲୁକ୍ ଦେଇଥାଏ। ଏହି ପ୍ଲାଣ୍ଟ ନକାରାତ୍ମକ ଉର୍ଜାକୁ କମ୍ କରେ ଓ ଘରେ ସକାରାତ୍ମକ ପରିବେଶ ସୃଷ୍ଟି କରାଏ। ଏହାର ବିଶେଷତା ହେଉଛି ଏହା ରାତିରେ ଅକ୍ସିଜେନ୍ ଛାଡ଼େ। ଏଥିପାଇଁ ଏହାକୁ ବେଡ୍‌ରୁମ୍‌ରେ ରଖିବା ପାଇଁ ଉପଦେଶ ଦିଆଯାଏ। ଅଧିକ ପାଣିର ଆବଶ୍ୟକ ହୁଏ ନାହିଁ ଓ ସହଜରେ ଏହି ପ୍ଲାଣ୍ଟ ବଞ୍ଚିଯାଏ।



**ସ୍ପାଇଡର୍ ପ୍ଲାଣ୍ଟ-**
ନିଜର ପତଳା ଓ ଝୁଲି ରହୁଥିବା ପତ୍ରଗୁଡ଼ିକ କାରଣରୁ ଏହା ସୁନ୍ଦର ଦେଖାଯାଏ। ଝୁଲି ରହୁଥିବା କୁଣ୍ଡରେ ଏହାକୁ ଲଗାଇଲେ ଖୁବ୍ ସୁନ୍ଦର ଲାଗେ। ଏହି ଗଛ ଘରର ପରିବେଶକୁ ପରିଷ୍କାର ରଖିବା ସହିତ ବାତାବରଣକୁ ତାଜା ରଖେ। ବାସ୍ତୁ ଅନୁସାରେ ଘରେ ସକାରାତ୍ମକ ଉର୍ଜା ବୃଦ୍ଧି କରିବା ସହିତ ଚାପ କମ୍ କରିବାରେ ଏହା ସହାୟକ ହୋଇଥାଏ।



**ଜେଡ୍ ପ୍ଲାଣ୍ଟ-**
ଏହା ହେଉଛି ଭାଗ୍ୟ ଓ ସମୃଦ୍ଧିର ଗଛ। ଏହାର ଚମକଦାର ଓ ମୋଟା ପତ୍ର ବହୁତ ଆକର୍ଷକ ଲାଗେ ଓ ଘରକୁ ଏକ ରୟାଲ୍ ଲୁକ୍ ମିଳେ। ବାସ୍ତୁ ଅନୁସାରେ ଏହାକୁ ଘର ବା ଅଫିସ୍‌ରେ ରଖିବା ଦ୍ୱାରା ସଫଳତା ଓ ଧନର ପ୍ରବାହ ହେବ। ଏହି ଗଛ କମ୍ ଆଲୋକ ଓ କମ୍ ପାଣିରେ ସହଜରେ ବୃଦ୍ଧିପାଏ। ଏଥିପାଇଁ ଏହି ଗଛକୁ ଯତ୍ନ ନେବାରେ ସହଜ ହୋଇଥାଏ।



**ଘୋଷ୍ଟ ପ୍ଲାଣ୍ଟ-**
ଏହା ଏକ ସୁନ୍ଦର ସକ୍ୟୁଲେଣ୍ଟ ଗଛ ଯାହାର ପତ୍ରଗୁଡ଼ିକ ହାଲୁକା ଧଳା ବା ଗୋଲାପି ରଙ୍ଗର ହୋଇଥାଏ। ଏହାର ଖାସ୍ ଗଠନ ଆକର୍ଷକ ହୋଇଥାଏ। ବାସ୍ତୁ ଅନୁସାରେ ଏହି ଗଛ ଘରେ ଶାନ୍ତି ଓ ସନ୍ତୁଳନ ଆଣିଥାଏ। ଖରାଥିବା ସ୍ଥାନରେ ଏହାକୁ ରଖିବା ଦ୍ୱାରା ବୃଦ୍ଧି ପାଏ ଓ ଅଧିକ ପାଣିର ଆବଶ୍ୟକ ହୁଏ ନାହିଁ।



**କଲାନକୋଇ-**
ଏହା ଏକ ସୁନ୍ଦର ଫୁଲଥିବା ଗଛ ଯାହା ଘରର ସୁନ୍ଦରତା ବୃଦ୍ଧି କରିବା ସହିତ ସକାରାତ୍ମକ ଉର୍ଜାର ବି ପ୍ରତୀକ ବୋଲି କୁହାଯାଏ। ଏହାର ଛୋଟ ଛୋଟ ରଙ୍ଗିନ ଫୁଲ ଘରର ପରିବେଶକୁ ଆନନ୍ଦମୟ କରିଥାନ୍ତି। ବାସ୍ତୁ ଅନୁସାରେ ଏହାକୁ ଘରେ ରଖିଲେ ସୁଖ-ଶାନ୍ତି ବଜାୟ ରହେ ଓ ଚାପ କମ୍ ହୁଏ।

# ରୋଟାରୀ ଇଣ୍ଟରନ୍ୟାସନାଲ୍

୨୩ ଫେବୃଆରୀ, ୧୯୦୫ରେ ରୋଟାରୀ ଇଣ୍ଟରନ୍ୟାସନାଲ୍‌ର ସ୍ଥାପନା ହୋଇଥିଲା। ଏହା ଏକ ବୈଶ୍ୱିକ ମାନବୀୟ ସେବା ସଂଗଠନ ଯାହା ୨୦୦ରୁ ଅଧିକ ଦେଶରେ ୪୬,୦୦୦ରୁ ଅଧିକ କ୍ଲବ୍‌ଗୁଡ଼ିକ ମାଧ୍ୟମ ଦ୍ୱାରା ୧୪ ଲକ୍ଷରୁ ଅଧିକ ପେସାଗତ ସଦସ୍ୟ (ରୋଟେରିୟନ୍)ଙ୍କୁ ଯୋଡ଼ିଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ବିଶ୍ୱ ଶାନ୍ତି, ସ୍ୱାସ୍ଥ୍ୟ (ବିଶେଷ କରି ପୋଲିଓ ଉନ୍ମୂଳନ), ସାକ୍ଷରତା ଓ ସାମୁଦାୟିକ ବିକାଶକୁ ତ୍ୱରାନ୍ୱିତ କରିବା। ଏହା ଏକ ଅଣ-ରାଜନୈତିକ ଓ ଅଣ-ଧାର୍ମିକ ସଂସ୍ଥା ଯାହାର ଆଦର୍ଶ ବାକ୍ୟ 'ସ୍ୱାର୍ଥର ଉପରେ ସେବା'। ୧୯୦୫ରେ ପଲ୍ ହାରିସ୍ ଆମେରିକାର ଚିକାଗୋ ଠାରେ ଏହି ସଂଗଠନର ସ୍ଥାପନା କରିଥିଲେ। ରୋଟାରୀ କ୍ଲବ୍‌ର ସଦସ୍ୟମାନେ ବ୍ୟବହାରିକ ନେତା ଓ ସ୍ୱୟଂସେବକ ହୋଇଥାନ୍ତି। ୧୯୮୮ରେ ୟୁନିସେଫ୍ ସହିତ ମିଶି ପୋଲିଓ ଉନ୍ମୂଳନ, ଶିକ୍ଷା, ପାନୀୟଜଳ, ସ୍ୱଚ୍ଛତା ଓ ଶାନ୍ତିର ସ୍ଥାପନା କରିବା ଏମାନଙ୍କର ପ୍ରମୁଖ କାର୍ଯ୍ୟ। ଏହି ସଂଗଠନ ମାନବୀୟ ପରିଯୋଜନା ଓ ଛାତ୍ରବୃତ୍ତି ପାଇଁ ଧନ ଉପଲବ୍ଧ କରାଏ। ସ୍ଥାନୀୟ ସଦସ୍ୟମାନେ ମିଶି ରୋଟାରୀ ଇଣ୍ଟରନ୍ୟାସନାଲ୍‌ର ଅଂଶବିଶେଷ ହେଲେ। ରୋଟାରୀ ଇଣ୍ଟରନ୍ୟାସନାଲ୍‌ର ସ୍ଥାପନା ଦିବସକୁ ସ୍ମରଣ କରି ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଶାନ୍ତି ଓ ବୁଝାମଣା ଦିବସ। ଏହି ଦିନଟି ବୈଶ୍ୱିକ ସଦ୍‌ଭାବ, ପରସ୍ପର ସହିତ ବୁଝାମଣା ଓ ସଂଘର୍ଷଗୁଡ଼ିକୁ ସମ୍ବାଦ ଦ୍ୱାରା ସମାଧାନ କରିବା ପାଇଁ ପ୍ରେରିତ କରେ ଯେପରି ଦୁନିଆରେ ପ୍ରେମ-ଭାଇଚାରା ଓ ଶାନ୍ତି ବଜାୟ ରହିବ।






# ନୂଆ ସ୍ୱାସ୍ଥ୍ୟବର୍ଦ୍ଧକ ପର୍ଯ୍ୟଟନ ସ୍ଥଳ

ନିଜର ଶାନ୍ତ ପରିଦୃଶ୍ୟ, ସୁଖଦ ଜଳବାୟୁ ଓ ଖଣିଜ-ସମୃଦ୍ଧ, ଗରମ ଝରଣା ସହିତ, ଉତ୍ତର ଇସ୍ରାଏଲ୍‌ରେ ଗ୍ୟାଲିଲ୍ ସାଗର କ୍ଷେତ୍ର ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ଉପଯୋଗୀ ପର୍ଯ୍ୟଟନ ପାଇଁ ଏକ ନୂଆ ଗନ୍ତବ୍ୟ ସ୍ଥଳ ଭାବରେ ଉଭା ହୋଇଛି। ଏହି କ୍ଷେତ୍ରଟି ଦକ୍ଷିଣରେ ସ୍ଥିତ ମୃତ ସାଗର ସମାନ ଭୂ-ବୈଜ୍ଞାନିକ ଦୋଷ କ୍ଷେତ୍ରରେ ଅବସ୍ଥିତ ଯାହାର ପରିସ୍ଥିତିଗୁଡ଼ିକରେ ରହିଛି ଉଲ୍ଲେଖନୀୟ ସମାନତା। ତେବେ ମୃତ ସାଗର ବିପରୀତରେ ଗ୍ୟାଲିଲ୍ ସାଗର-ଦୁନିଆର ସବୁଠାରୁ ନିମ୍ନ ମିଠା ପାଣିର ହ୍ରଦ ଯାହା ପ୍ରକୃତି ଓ ଆଧ୍ୟାତ୍ମିକ ସନ୍ତୁଳନ ସହିତ ଜଡ଼ିତ ଏକ ସୌମ୍ୟ ଓ ଉପଚାରାତ୍ମକ ପର୍ଯ୍ୟଟନ ମଡେଲ୍ ପ୍ରସ୍ତୁତ କରୁଛି। ଗ୍ୟାଲିଲ୍‌ର ମୁଖ୍ୟ ଆକର୍ଷଣ ହମାତ ଟିବେରିୟାସ୍ ଜାତୀୟ ଉଦ୍ୟାନ ଯେଉଁଥିରେ ୧୭ଟି ପ୍ରାକୃତିକ ଗରମ ପାଣିର ଝରଣା ରହିଛି ଯେଉଁଗୁଡ଼ିକ ମଧ୍ୟରୁ କିଛି ଝରଣାର ତାପମାନ ୬୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚିଯାଏ। ତେବେ ପ୍ରକୃତି ପ୍ରାଧିକରଣ ଅନୁସାରେ ସେଠିକାର ପାଣିରେ ରହିଛି ୧୦୦ରୁ ଅଧିକ ଖଣିଜ ପଦାର୍ଥ ଯାହା ରକ୍ତ ପରିସଞ୍ଚରଣରେ ସୁଧାର, ସ୍ୱେଲିଂ କମ୍ କରାଇବା ଓ ହାଡ଼, ଯୋଡ଼, ସ୍କିନ ଓ ଶ୍ୱସନ ସମ୍ବନ୍ଧୀୟ ବେମାରୀଗୁଡ଼ିକରୁ ମୁକ୍ତି ଦେବାରେ ସହାୟକ ହୋଇଥାନ୍ତି। ଏହି କ୍ଷେତ୍ରଟି ଦକ୍ଷିଣରେ ସ୍ଥିତ ମୃତ ସାଗର ସମାନ ଭୂ-ବୈଜ୍ଞାନିକ ଦୋଷ କ୍ଷେତ୍ର ସାଗର- ଦୁନିଆର ସବୁଠାରୁ ମିଠା ପାଣିର ହ୍ରଦ- ପ୍ରକୃତି ଓ ଟିବେରିୟାସ୍ ନିଜର ଔଷଧୀୟ ମହତ୍ତ୍ୱ ବ୍ୟତୀତ ଏକ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଓ ଧାର୍ମିକ ସ୍ଥଳ ଅଟେ। ଏହି କ୍ଷେତ୍ରଟିରେ ୟହୁଦୀ ଓ ଇସାଇ ଧର୍ମର ବର୍ଣ୍ଣନା ରହିଛି। ପ୍ରାଚୀନ ୟହୁଦୀଙ୍କ ପାଇଁ ସ୍ୱାସ୍ଥ୍ୟ ଲାଭର ସନ୍ଧାନରେ ଏକ ତୀର୍ଥସ୍ଥଳ ଭାବରେ ଏହା ଜଣାଶୁଣା।

# ୨୪ରେ 'ବିଧାନସଭା ଚାଲ' ପାଇଁ ବିଜେଡିର ପ୍ରସ୍ତୁତି

**କଟକ,୨୨।୨/ଏନ୍ଏନ୍ଏସ୍:** ଆସନ୍ତା ୨୪ ତାରିଖରେ ବିଧାନସଭା ଚାଲ ପରିପେକ୍ଷୀରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ବୈଠକ ସିଏମ୍ସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ରାଜ୍ୟରେ ଦରଦାମ ବୃଦ୍ଧି, ମଣ୍ଡିରେ ଧାନ ପଡ଼ି ରହିବା, କଟନିଛଟନି ନାମରେ ଗରିବ ଚାଷୀମାନଙ୍କୁ ଶୋଷଣ କରିବା, ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା, ବିଭିନ୍ନ ପ୍ରକାର ନୂତନ ଭତ୍ତା କାର୍ଡ଼ ସଂଖ୍ୟା ବୃଦ୍ଧି ନକରିବା, ସହ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ କରିବା, ପ୍ରତିବାଦରେ ରାଜ୍ୟ ବିଜୁ ଜନତା ଦଳ ଆହ୍ୱାନ କ୍ରମେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆଜିର ଏହି ପ୍ରସ୍ତୁତି ସଭାରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, ଜିଲ୍ଲାକାର୍ଯ୍ୟକାରୀ ମହିଳା ସଭାପତି ପୂର୍ଣ୍ଣିମା ସିଂହ, ମଧୁସୁଦନ ସାହୁ, ନନ୍ଦଲାଲ ସିଂହ, ଏକ୍ରାମ ହୁସେନ୍, ଜଗନ୍ନାଥ ସ୍ୱାଇଁ, ରମଜାନ ଖାନ, ପ୍ରଫୁଲ୍ଲ ବେହେରା, ସ୍ୱଦେଶ ଦାସ, ପ୍ରଫୁଲ ସାହୁ, ପ୍ରେମାଂଶୁ ଭୂଷଣ ବେହେରା, ଦେବେନ୍ଦ୍ର କାହାଳୀ, ଏ. ଶ୍ରୀଦେବୀ, ମୋନାଲିସା ଦାସ, ଦୀପ୍ତିମୟୀ ମୂଳିଆ, ପୁଷ୍ପିତା ମହାନ୍ତି, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ଦୀପଞ୍ଜଳି ସିଂ, ପ୍ରିୟମ୍ବଦା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, କେ.ଜେଡ଼ ଆଫ୍ରିନ ଓ ପ୍ରଦୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୪୧୪୯ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ



**କଟକ,୨୨।୨/ଏନ୍ଏନ୍ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଛି। ନୂଆପଡ଼ା ବାଲିସାହି ସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ସହାୟତା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରାଥମିକତା ସମ୍ପର୍କରେ ଏକ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପ୍ରଗତିରେ ର୍ନିମାଣ ଶ୍ରମିକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରି ନିର୍ମାଣ ଶ୍ରମିକମାନଙ୍କର ସୁରକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଶ୍ରମିକମାନେ ଏହି ବୋର୍ଡ ମାଧ୍ୟମରେ ସମୟ ସମୟରେ ପଞ୍ଜିକୃତ କରିନେବା ସହ ଆବଶ୍ୟକସ୍ଥଳେ ଶ୍ରମ କାର୍ଡ଼ ନବୀକରଣ କରିବେ ଏବଂ କୌଣସି ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ କହିଥିଲେ ଯେ ସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରି ଉପଯୁକ୍ତ ସହାୟତା ରାଶି ପ୍ରଦାନ କରୁଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତି ଯୋଗଦେଇ କହିଥିଲେ ଯେ ରାଜ୍ୟରେ କଟକ ଜିଲ୍ଲାରେ ସର୍ବାଧିକ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି ଏବଂ ସର୍ବାଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ସରକାରୀ ଯୋଜନାଗୁଡ଼ିକ କିପରି ଭାବେ ସମସ୍ତଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଜିଲ୍ଲା ପ୍ରଶାସନ ସଦାସର୍ବଦା ଚେଷ୍ଟିତ ଅଛନ୍ତି। ଏହି ଶିବିରରେ ମୁଖ୍ୟଅତିଥି ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ ସହ ନିର୍ମାଣ ଶ୍ରମିକ ପରିଚୟ ପତ୍ର ମଧ୍ୟ ପ୍ରଦାନ କରିଥିଲେ। ପ୍ରକାଶ ଥାଉ କି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସମଗ୍ର ଜିଲ୍ଲାରେ ୪୦୯୯ ଜଣ ହିତାଧିକାରୀଙ୍କୁ ଏବଂ ୫୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଶିକ୍ଷାବୃତ୍ତି, ବିବାହ ସହାୟତା, ମୃତ୍ୟୁକାଳୀନ ପ୍ରସୂତି କାଳୀନ ଆଦି ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ସଭା ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ସହଯୋଗ କରିଥିଲେ।

# ମଧୁକାନ୍ତର ରିମାଣ୍ଡ ଅବଧି ଶେଷ, କୋର୍ଟରେ ହାଜର୍

**କଟକ,୨୨।୨/ଏନ୍ଏନ୍ଏସ୍:** ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ବିହାରୀ କଏଦୀ ମଧୁକାନ୍ତ ରାଣାର ରିମାଣ୍ଡ ଅବଧି ଶେଷ ହେବା ପରେ ତାକୁ କୋର୍ଟରେ ହାଜର କରାଯାଇଛି। ଗତ ମଙ୍ଗଳବାର ଚୌଦ୍ୱାର ପୁଲିସ ତାଙ୍କୁ ୬ଦିନିଆ ରିମାଣ୍ଡରେ ନେଇଥିଲା। ଆଜି ରିମାଣ୍ଡ ଶେଷ ହୋଇଛି। ଅଜ୍ଞାତ ସ୍ଥାନରେ ରଖି ପୁଲିସ ମଧୁକାନ୍ତକୁ ପଚରାଉଚରା କରି ତା'ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ମଧୁକାନ୍ତ ଜେଲରୁ ଫେରାର ହୋଇ ବୃନ୍ଦାବନରେ ଏକ ମଠରେ କାର୍ଯ୍ୟ କରୁଥିଲା। ଗତ ୧୪ ତାରିଖରେ ମଧୁକାନ୍ତକୁ ସେଠାରୁ ଗିରଫ କରାଯାଇ ଚୌଦ୍ୱାର ଜେଲର ୩ ନଂ ସେଲରେ ରଖାଯାଇଥିଲା। ୭ ଦିନ ପାଇଁ ରିମାଣ୍ଡରେ ଆଣିବା ପାଇଁ ପୁଲିସ କୋର୍ଟରେ ଆବେଦନ କରିଥିଲା। ଗତ ୧୭ ତାରିଖରେ କୋର୍ଟ ୬ ଦିନ ରିମାଣ୍ଡ ମଞ୍ଜୁର କରିଥିଲେ। ପୁଲିସ ରିମାଣ୍ଡରେ ନେବା ପୂର୍ବରୁ ୩ ଦିନ ମଧୁକାନ୍ତ ଚୌଦ୍ୱାର ଜେଲରେ ରହିଥିଲା। ଏହି ସମୟର ଜେଲରେ ତାକୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ କଟକ ଡିସିପି ଜେଲ୍ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି। ତେବେ ଅଭିଯୋଗ ସଂକ୍ରାନ୍ତରେ ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କୁ ପଚାରିବାରୁ ମାଡ଼ ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଘଟଣାଦିନ ମଧୁକାନ୍ତ ଓ ଅନ୍ୟତମ ଫେରାର ରାଜା ସାହାଣୀ ଜେଲ ପାଚେରି ଡେଇଁ ଚାରବାଟିଆ ଷ୍ଟେସନ ଯାଇଥିଲେ। ସେଠାରୁ ପୁରୀ ଅଭିମୁଖେ ଯିବା ପରେ ଦୁଇ ଜଣ ଭିନ୍ନ ଦିଗରେ ଯାତ୍ରା କରିଥିଲେ। ମଧୁକାନ୍ତ ସେଠାରୁ ବୃନ୍ଦାବନ ଅଭିମୁଖେ ଯିବା ସମୟରେ ରାଜା ଜଣେ ବ୍ୟକ୍ତିଠାରୁ ଟଙ୍କା ଲୁଟ୍ କରି କିଛି ଟଙ୍କା ମଧୁକାନ୍ତକୁ ଦେଇଥିଲା। ମଧୁକାନ୍ତ ବୃନ୍ଦାବନରେ ପହଞ୍ଚି ଏକ ମଠରେ ନିଜକୁ ବାସୁ ପାଣ୍ଡେ ନାମରେ ପରିଚୟ ଦେଇ କର୍ମଚାରୀ ଭାବେ କାମ କରୁଥିଲା। ଭାଲେଣ୍ଟାଇନ ଡେ ପୂର୍ବରୁ ନିଜ ପ୍ରେମିକା ସହିତ ମଧୁକାନ୍ତ ଯୋଗଯୋଗ କରିଥିଲା। ପୂର୍ବରୁ ପୁଲିସ ଦୁଇ ଜେଲ ଫେରାର କଏଦୀଙ୍କ ସମ୍ପର୍କୀୟମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ପ୍ରେମିକା ସହିତ ଯୋଗାଯୋଗର ସୁରାକ ପୁଲିସ ହାତରେ ଲାଗିବା ପରେ ମଧୁକାନ୍ତର ଠିକଣା ଠାବ କରି ସେଠାରୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା। ଅନ୍ୟତମ ଫେରାର କଏଦୀ ରାଜା ସାହାଣୀକୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି।

# ମର୍କତନଗର ନୀଳଚକ୍ର ପକ୍ଷରୁ ମାତୃଭାଷା ଦିବସ




**କଟକ,୨୨।୨/ଏନ୍ଏନ୍ଏସ୍:** ବିଡ଼ାନାସୀ ସ୍ଥିତ ବଉଳଛକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ନୀଳଚକ୍ର ମର୍କତନଗର ଶାଖା ପକ୍ଷରୁ ଓଡ଼ିଆ ମାତୃଭାଷା ଦିବସ ଅନୁଷ୍ଠାନର ସଭାପତି ମୁରଲୀଧର ଶତପଥିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି।

ବିଶିଷ୍ଟ ସମାଜସେବୀ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ଅଦ୍ୱୈତ୍ୟ ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ବିଶିଷ୍ଟ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ଅଧ୍ୟାପକ ନାରାୟଣ ମହାନ୍ତି, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ଇଂ ବିଜୟ କୁମାର ପାତ୍ର, ଡ଼ଃ କ୍ଷୀରୋଦ କୁମାର ସାହୁ, ଗଣେଶ୍ୱର ସ୍ୱାଇଁ, ଶ୍ୟାମସୁନ୍ଦର ସାହୁ, ପଣ୍ଡିତ ଦୁଲାଲ କୃଷ୍ଣ ପତି, ସୁରଭି ଦ୍ୱିବେଦୀ, ବିକ୍ରମ ଜେନା, ଡ଼ଃ କିଶୋର ଚନ୍ଦ୍ର ଦାସ, ବସନ୍ତ କୁମାର ସାହୁ, ନିବାସ ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର କର, ଅରୁଣ କୁମାର ଅଗ୍ରୱାଲ, କୁଳମଣି ପଣ୍ଡା ଓ ହୃଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କସ୍ତୁରବା ଗାନ୍ଧୀଙ୍କର ପୁଣ୍ୟତିଥି ପାଳିତ



**କଟକ,୨୨।୨/ଏନ୍ଏନ୍ଏସ୍:** ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଭଏସ୍ ଫର୍ ଭଏସ୍ଲେସ୍ ତରଫରୁ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା ଅନ୍ତର୍ଗତ ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ପୀଠରେ କସ୍ତୁରବା ଗାନ୍ଧୀଙ୍କର ପୁଣ୍ୟତିଥିରେ ଏକ ସ୍ମୃତି ସଭା ଓ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ମୁଖ୍ୟଅତିଥି ଭାବେ ଅଜିତ୍ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ କନ୍ୟା ଆଶ୍ରମର ପରିଚାଳିକା ସନ୍ଧ୍ୟାରାଣୀ ମଲ୍ଲିକ ଯୋଗଦେଇ କସ୍ତୁରବା ଗାନ୍ଧୀଙ୍କର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କୁଳଦୀପ ସ୍ୱାଇଁ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲା ବେଳେ ଗାନ୍ଧୀ ଶାନ୍ତି ସେବକ ଦେବୀ ପ୍ରସାଦ ପରିଜା ଧନ୍ୟବାଦ୍ ଦେଇଥିଲେ।

# ଆଜି ଉପମୁଖ୍ୟମନ୍ତ୍ରୀଙ୍କ ଦିନିକିଆ କଟକ ଗସ୍ତ

**କଟକ,୨୨।୨/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀଙ୍କ କନକ ବର୍ଦ୍ଧନ ସିଂହଦେଓ ଆସନ୍ତା କାଲି କଟକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା ସରକାରଙ୍କ ଓଡ଼ିଏସଏସପି ଯୋଜନା ଅନ୍ତର୍ଗତ ୩୩/୧୧କେଭି ବିଶ୍ୱନାହାକାଣୀ ପ୍ରାଇମେରୀ ସବଷ୍ଟେସନ୍ ଓ ଓଡ଼ିଶା ସରକାରଙ୍କ ଓଇଆରସି କ୍ୟାପେକ୍ସ ଯୋଜନା ଅନ୍ତର୍ଗତ ୩୩/୧୧କେଭି ମଙ୍ଗୁଳି ପ୍ରାଇମେରୀ ସବଷ୍ଟେସନର ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଉପମୁଖ୍ୟମନ୍ତ୍ରୀ ଜଗତପୁରଠାରେ କୃଷି ଭବନର ମଧ୍ୟ ଉଦ୍ଘାଟନ କରିବା ସହ ଚାଷୀମାନଙ୍କୁ ସମ୍ବୋଧନ କରିବେ।

# ଓଷ୍ଟାର ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ



**କଟକ,୨୨।୨/ଏନ୍ଏନ୍ଏସ୍:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୁଲ୍ୟରେ ଓଷ୍ଟା ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ଆଜି ନୟାସଡ଼କ ସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉଦ୍ଘାଟକ ଭାବେ ଆଇନ୍ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କେରକୋରା, ମୁଖ୍ୟବକ୍ତା ଭାବେ ସୁଶ୍ରୀ ଧରିତ୍ରୀ ବରାଳ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଆଜିକାର ସଭାର ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହୋଇ ରାଜ୍ୟ ତଥା ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ଆଶୀର୍ବଚନ ପ୍ରଦାନ କରିଥିଲେ। ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଅପରେସନ୍ 'ସାଇବର୍ କବଚ'ରେ ୭ ଗିରଫ, ୫୫ ଲକ୍ଷର ଠକେଇ ପର୍ଦ୍ଦାଫାସ୍

**ପୁରୀ,୨୨।୨/ଏନ୍ଏନ୍ଏସ୍:** ସାଇବର ଥାନା ପକ୍ଷରୁ ଅନଲାଇନ ଆର୍ଥିକ ଠକେଇ ରୋକିବା ପାଇଁ ବିଶେଷ ଅପରେସନ୍ 'ସାଇବର କବଚ' ଜରିଆରେ ବେନାମୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରାଯାଇଛି। ଏହି ଅଭିଯାନ କ୍ରମରେ ସାଇବର ଠକେଇ ଓ ଅବୈଧ ବ୍ୟାଙ୍କ ଲେନଦେନ ସମ୍ବନ୍ଧୀୟ ମୋଟ ୭ଟି ମାମଲା ରୁଜୁ କରାଯାଇ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅପରାଧୀମାନେ ଅନଲାଇନ ନିବେଶ ଠକେଇ, ଡିଜିଟାଲ ଗିରଫ ଭୟ ଓ ପରିଚୟ ଚୋରି ଭଳି ମାମଲାରେ ଏହି ବେନାମୀ ଆକାଉଣ୍ଟଗୁଡ଼ିକୁ ବ୍ୟବହାର କରି ପ୍ରାୟ ୫୫,୦୦,୦୦୦ ଟଙ୍କାର କାରବାର କରିଛନ୍ତି। ଏହି ସମସ୍ତ ଲେନଦେନ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ବିଭିନ୍ନ ଅଭିଯୋଗ ସହିତ ଜଡ଼ିତ ଥିବା ଯାଞ୍ଚରୁ ସ୍ପଷ୍ଟ ହୋଇଛି।

ପୁଲିସ ପକ୍ଷରୁ ଗିରଫ ଅଭିଯୁକ୍ତଙ୍କୁ ଅଦାଲତକୁ ପ୍ରେରଣ କରାଯାଇଥିବା ବେଳେ ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରାଯାଇଛି। ଏଥିସହ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ ସେମାନଙ୍କର କେୱାଇସି ଯାଞ୍ଚ ପ୍ରକ୍ରିୟା ଅଧିକ କଡ଼ାକଡ଼ି କରିବାକୁ ସତର୍କ କରାଯାଇଛି। ସାଧାରଣ ଲୋକଙ୍କୁ ସଚେତନ କରି ପୁଲିସ କହିଛି ଯେ, କେହି ମଧ୍ୟ ନିଜର ବ୍ୟାଙ୍କ ବିବରଣୀ, ଏଟିଏମ୍ କାର୍ଡ, ଓଟିପି କିମ୍ବା ପିନ୍ କାହା ସହିତ ସେୟାର କରନ୍ତୁ ନାହିଁ। ଅଳ୍ପ ଲାଭ ଆଶାରେ ଅନ୍ୟକୁ ନିଜ ଆକାଉଣ୍ଟ ବ୍ୟବହାର କରିବାକୁ ଦେବା ଏକ ଦଣ୍ଡନୀୟ ଅପରାଧ। ଯଦି କେହି ସାଇବର ଠକେଇର ସମ୍ମୁଖୀନ ହୁଅନ୍ତି, ତେବେ ତୁରନ୍ତ ହେଲ୍ପଲାଇନ୍ ନମ୍ବର ୧୯୩୦ କିମ୍ବା ୮୨୮୦୪୯୧୩୦୦ ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଦତ୍ତାତ୍ରେୟ ସାଇ ଆଶ୍ରମର ବାର୍ଷିକ ଉତ୍ସବ

**କଟକ,୨୨।୨/ଏନ୍ଏନ୍ଏସ୍:** କପିଳାସ ପାହାଡ଼ର ପାଦଦେଶରେ ଅବସ୍ଥିତ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ୨୫ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ ସଂଖ୍ୟକ ଭକ୍ତ, ଆଧ୍ୟାତ୍ମିକ ନେତା ଓ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ହୋଇ ଆଶ୍ରମର ୨୫ ବର୍ଷର ସେବାଯାତ୍ରାକୁ ସ୍ମରଣ କରି ଆଶ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ଦ୍ୱାରିକାମୋହନ ମିଶ୍ରଙ୍କ ଅନୁପସ୍ଥିତିକୁ ମନେ ପକାଉଥିଲେ। ଉତ୍ସବରେ ଭକ୍ତିମୟ ପୂଜାର୍ଚ୍ଚନା, ଆଧ୍ୟାତ୍ମିକ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାହା ଆଶ୍ରମର ଗତ ପଚିଶ ବର୍ଷର ସେବା, ସମର୍ପଣ ଓ ସାଧନାକୁ ମଧ୍ୟ ପ୍ରତିଫଳିତ କରିଥିଲା। ଏହି ଅବସରରେ ଡକ୍ଟର ଜ୍ଞାନଗୁରୁ ଦାସ, ଆଶ୍ରମର ଅଧ୍ୟକ୍ଷ ପଣ୍ଡିତ ଶାନ୍ତିବର୍ଦ୍ଧନ ମିଶ୍ର ସମାଜର ନୈତିକ ମୂଲ୍ୟବୋଧ, ଶ୍ରଦ୍ଧା ଓ ସେବାଭାବର ଗୁରୁତ୍ୱ ବିଷୟରେ ଉଦ୍ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଆଲୋକ କୁମାର ରଥ, କିଶୋର କୁମାର ପଣ୍ଡା, ଗୋପାଳଚନ୍ଦ୍ର ପାତ୍ର, ସୁବ୍ରତ କୁମାର ମହାନ୍ତି, ଅକ୍ଷୟ କୁମାର ଜେନା ଓ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀଦୁର୍ଗା ସାହିତ୍ୟ ସଂସଦର ଆଲୋଚନାଚକ୍ର




**କଟକ,୨୨।୨/ଏନ୍ଏନ୍ଏସ୍:** ଶ୍ରୀଦୁର୍ଗା ସାହିତ୍ୟ ସଂସଦର କବିତା ଆସର ଓ ଆଲୋଚନାଚକ୍ର ଖପୁରିଆ ସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଯୋଗଦେଇ ସାହିତ୍ୟ ଆସର ଓ ଆଲୋଚନାଚକ୍ର ଶ୍ରେଷ୍ଠ ସତ୍‌ସଙ୍ଗ ବୋଲି କହିଥିଲେ। ଡଃ ଗୀତାଞ୍ଜଳି ପୃଷ୍ଟି ଓ ସଂନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ କବି ମହେନ୍ଦ୍ର ପ୍ରସାଦ ମହାପାତ୍ର, ନିରୁପମା ମିଶ୍ର, ରଘୁନାଥ ତ୍ରିପାଠୀ, ବସନ୍ତ କୁମାର ସାହୁ, କ୍ଷୀରୋଦ ଜେନା, ନଜରୁଲ ଇସଲାମ, ସୁଧାଂଶୁ ଲେଙ୍କା, ଡଃ ବସନ୍ତ କୁମାରୀ ନନ୍ଦ, ଅନ୍ନପୂର୍ଣ୍ଣା ସାହୁ, ଅମୂଲ୍ୟ କୁମାର ବେହେରା, ଲୋକନାଥ ସେଠୀ, ଚୈତନ୍ୟ ରାଉତ, ଦିଲ୍ଲୀପ ପ୍ରଧାନ, ରମେଶ ଚନ୍ଦ୍ର ନାୟକ, ଭାଗୀରଥି ପାଣିଗ୍ରାହୀ, ସସ୍ମିତା ପଟ୍ଟନାୟକ, ସଚ୍ଚିଦାନନ୍ଦ କର, ଦିପ୍ତିରଞ୍ଜନ ପଣ୍ଡା, ଦେବେନ୍ଦ୍ରନାଥ ସାହୁ, ନିରୁପମା ସାହୁ, ଉତ୍ତମ ଚରଣ ପ୍ରଧାନ, ତପନ ବିହାରୀ ରାଉତରାୟ ଓ ମମତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସଂଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ମନୋରଞ୍ଜନ ପଣ୍ଡା କବିତାଗୁଡ଼ିକୁ ସମୀକ୍ଷା କରିଥିଲେ। କବି ଡଃ ଛବିରାମ ସେଠୀ ଧନ୍ୟବାଦ୍ ଦେଇଥିଲେ।

# ବାରୁଣୀ ମହୋତ୍ସବର ପ୍ରସ୍ତୁତି



**କଟକ,୨୨।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ବାରୁଣୀ ମହୋତ୍ସବକୁ ସଫଳ କରିବା ପାଇଁ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ଏକ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ୧୭ ତାରିଖ ପବିତ୍ର ବାରୁଣୀ ମହୋତ୍ସବ ପାଳିତ ହେଉଛି। ଏହି ଉପଲକ୍ଷେ ଉକ୍ତ ଦିନ ସନ୍ଧ୍ୟା ୬ଟାରେ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାମଣ୍ଡଳ ପକ୍ଷରୁ ଏକ ନଦୀୟା ସଂକୀର୍ତ୍ତନ ସମାବେଶ ଅନୁଷ୍ଠିତ ହେବ। ଏଥିରେ ମହାମଣ୍ଡଳ ଅନ୍ତର୍ଭୁକ୍ତ ସମସ୍ତ ସଂକୀର୍ତ୍ତନମଣ୍ଡଳୀ ନିଜ ନିଜର ସଂକୀର୍ତ୍ତନ ସହିତ ଉପସ୍ଥିତ ରହି ନାମ ସଂକୀର୍ତ୍ତନ ପରିବେଷଣ କରି ବାରୁଣୀ ମହୋତ୍ସବକୁ ସଫଳ କରିବାକୁ ନିବେଦନ କରାଯାଇଛି। ବୈଠକରେ ସର୍ବାଧିକାରୀ ଜଗଜ୍ଜୀବନ ପ୍ରସାଦ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ପଦାଧିକାରୀ ହେମନ୍ତ ବେହେରା, କେଦାର ବେହେରା, ସନ୍ତୋଷ କୁମାର ସାହୁ, ରଘୁନାଥପ୍ରସାଦ ଭଗତ, ଭାସ୍କର ବେହେରା, ସୁଦୀପ୍ତ ସ୍ୱାଇଁ, ରାକେଶ ବେହେରା, ସବ୍ୟସାଚୀ ଦାଶ, କରୁଣାକର ବେହେରା, ଜିତେନ୍ଦ୍ର ତରେଇ, ଦିଲ୍ଲୀପ ଦଳେଇ, ଅନିରୁଦ୍ଧ ସେନାପତି, ଦୀପକ ବେହେରା, ଗୋପାଳ ମହାରଣା , ରଶ୍ମିରଞ୍ଜନ ବେହେରା, ସୁବଳ ସାମଲ ଓ ପ୍ରଦ୍ୟୁମ୍ନ ରାଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଭୁତିରଞ୍ଜନ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

# ୭୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



**ଖୋର୍ଦ୍ଧା,୨୨।୨/ଏନ୍ଏନ୍ଏସ୍:** ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ଶୁଖୁଆ ବଜାର ନିକଟରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଚଢ଼ଉ କରି ଏକ କାର୍ ଭିତରୁ ୭୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହିତ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର, ଏକ ମୋବାଇଲ ଫୋନ୍ ଏବଂ ନଗଦ ୧ ହଜାର ଟଙ୍କା ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲ୍ଲା ତାଳପଦା କମାରସାହିର ଆଲୋକ ବିନ୍ଧାଣି (୨୨)। ଏ ନେଇ ଅବକାରୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ସୁପରିଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଆଜି ଫୁଲବାଣୀ ଦିଗରୁ ଗଞ୍ଜେଇ ବୋଝେଇ ହୋଇ ଭୁବନେଶ୍ୱର ଅଭିମୁଖେ ଏକ କାର୍ ଆସୁଥିବା ନେଇ ଅବକାରୀ ମୋବାଇଲ ସ୍କ୍ୱାର୍ଡ କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ଏକ ଟିମ୍ ସାରୁଅ ଶୁଖୁଆ ବଜାର ନିକଟରେ ଛପି ରହିଥିଲେ। ନୟାଗଡ଼ ପଟୁ ଆସୁଥିବା ଓଡ଼ି-୦୨-ସିଏଚ୍-୨୩୦୮ ନମ୍ବର ବିଶିଷ୍ଟ କାରକୁ ଅଟକାଇ ଯାଞ୍ଚ କରିବା ପରେ ତା' ଭିତରୁ ୪ଟି ଗଞ୍ଜେଇ ବସ୍ତା ଜବତ ହୋଇଥିଲା। ଅବକାରୀ ମୋବାଇଲ ସ୍କ୍ୱାର୍ଡ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ କେସ୍ ନଂ-୪୬୧/୨୬ ନମ୍ବର ମାମଲା ରୁଜୁ କରି ଆଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୬

# ବାଂଲାଦେଶକୁ ହରାଇ ଭାରତ-ଏ' ଚାମ୍ପିଅନ୍




**ବ୍ୟାଙ୍କକ୍,୨୨।୨/ଏଜେନ୍ସି:** ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ-ଏ ରବିବାର ଫାଇନାଲ୍‌ରେ ବାଂଲାଦେଶ-ଏ'କୁ ୪୬ ରନ୍‌ରେ ହରାଇ ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ଜିତିଛି। ବ୍ୟାଙ୍କକ୍‌ର ତେର୍ଦଥାଇ କ୍ରିକେଟ୍ ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଭାରତ-ଏ' ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା। ପରେ ବାଂଲାଦେଶ-ଏ'କୁ ୧୯.୧ ଓଭର୍‌ରେ ମାତ୍ର ୮୮ ରନ୍ ମଧ୍ୟରେ ଅଲ୍‌ଆଉଟ୍ କରିଦେଇଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ତେଜଲ୍ ହସବନିସ୍‌ଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

ଭାରତ ପକ୍ଷରୁ ଓପ୍ନର୍ ନନ୍ଦିନୀ କଶ୍ୟପ (୮ ରନ୍) ଏବଂ ବୃନ୍ଦା ଦିନେଶ (୧୯ ରନ୍) ସ୍ଥିର ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋର୍‌ରେ ପରିଣତ କରିପାରି ନଥିଲେ। ଏହାପରେ ଅନୁଷ୍କା ଶର୍ମା (୮ ରନ୍) ଓ ମିନୁ ରାଣୀ (୦) ଶସ୍ତାରେ ଆଉଟ୍ ହୋଇଥିଲେ। ଭାରତ-ଏ' ୪୪ ରନ୍‌ରେ ୪ ୱିକେଟ୍ ହରାଇ ବିପଦରେ ପଡ଼ିଥିବା ବେଳେ ହସବନିସ୍ ଓ କ୍ୟାପ୍ଟେନ୍ ରାଧା ଯାଦବ ଇନିଂସ୍ ସମ୍ଭାଳି ପଞ୍ଚମ ୱିକେଟ୍ ପାଇଁ ୫୦ ବଲ୍‌ରେ ୬୯ ରନ୍‌ର ପାର୍ଟନରଶିପ୍ କରି ଭାରତର ସ୍କୋର୍ ୧୩୦ ରନ୍ ପାର୍ କରିବାରେ ସହାୟତା କରିଥିଲେ। ତେଜଲ୍ ୩୪ ବଲ୍‌ରୁ ୩ ଚୌକା ଓ ଦୁଇ ଛକା ସହାୟତାରେ ୫୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ରାଧା ଯାଦବ ୩୦ ବଲ୍‌ରୁ ୩ ଚୌକା ଓ ଗୋଟିଏ ଛକା ବଳରେ ୩୬ ରନ୍‌ର ଉପଯୋଗୀ ଯୋଗଦାନ ଦେଇଥିଲେ। ବାଂଲାଦେଶ ପାଇଁ, ଅଧିନାୟିକା ଫାହିମା ଖାତୁନ୍ ପ୍ରଭାବଶାଳୀ ବୋଲିଂ କରି ୨୫ ରନ୍‌ରେ ୪ଟି ୱିକେଟ୍ ନେଇଥିବା ବେଳେ ଫରଜାନା ଆସମିନ୍ ଏବଂ ଫାତେମା ଜାହାନ୍ ସୋନିଆ ୧-୧ ସଫଳତା ପାଇଥିଲେ।

୧୩୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବାଂଲାଦେଶ-ଏ' ଶୃଙ୍ଖଳିତ ଭାରତୀୟ ବୋଲିଂ ଆକ୍ରମଣର ସମ୍ମୁଖୀନ ହୋଇନପାରି ୧୯.୧ ଓଭର୍‌ରେ ୮୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶମିମା ସୁଲ୍‌ତାନ୍ ସର୍ବାଧିକ ୨୦ ରନ୍ କରିଥିବା ବେଳେ ସର୍ମିନ୍ ସୁଲ୍‌ତାନ୍ ୧୮, ସାଦିଆ ଅକ୍ତର୍ ୧୦ ଏବଂ କ୍ୟାପ୍ଟେନ୍ ଫାହିମା ଖାତୁନ୍ ୧୪ ରନ୍ କରିବାକୁ ସକ୍ଷମ ହୋଇଥିଲେ। ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ପ୍ରେମା ରାୱତ୍ ୧୨ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସୋନିଆ ମେଣ୍ଡିଆ ଓ ତନୁଜା କଓଁର୍ ୨-୨ ସଫଳତା ପାଇଥିବା ବେଳେ ସାଇମା ଠାକୋର୍, ମିନୁ ରାଣୀ ଏବଂ ରାଧା ଯାଦବଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

## ମିଲର୍‌ଙ୍କ ଅର୍ଦ୍ଧଶତକ, ଜାନ୍‌ସେନ୍‌ଙ୍କୁ ୪ ୱିକେଟ୍: ସାଉଥ୍ ଆଫ୍ରିକା ୭୬ ରନ୍‌ରେ ବିଜୟୀ

# ପ୍ରଥମ ସୁପର୍-୮ରେ ହାରିଲା ଭାରତ

**ଅହମଦାବାଦ,୨୨।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ର ନିଜର ପ୍ରଥମ ସୁପର୍-୮ ମ୍ୟାଚ୍‌ରେ ଭାରତ ଶୋଚନୀୟ ଭାବେ ପରାଜିତ ହୋଇଛି। ରବିବାର ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ୭୬ ରନ୍‌ରେ ଭାରତକୁ ମାତ୍ ଦେଇଛି। ଏହି ପରାଜୟ ଫଳରେ ଭାରତର ସେମିଫାଇନାଲ୍ ଆଶାକୁ ଜୋରଦାର ଧକ୍କା ଲାଗିଛି। କାରଣ ଏହା ଦ୍ୱାରା ଭାରତର ନେଟ୍ ରନ୍‌ରେଟ୍ ବହୁଳ ଭାବେ ପ୍ରଭାବିତ ହୋଇଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ସାଉଥ୍ ଆଫ୍ରିକା ୭ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା। ଜବାବରେ ଭାରତ ୧୮.୫ ଓଭର୍‌ରେ ମାତ୍ର ୧୧୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି।

୧୮୮ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତ ପ୍ରଥମ ଓଭର୍‌ରେ ହିଁ ଓପ୍ନର୍ ଈଶାନ୍ କିଶନ୍‌ଙ୍କ ୱିକେଟ୍ ହରାଇଥିଲା। ଈଶାନ୍ ଖାତା ଖୋଲିବା ପୂର୍ବରୁ ଏଡେନ୍ ମାର୍କରମ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ତିଳକ ବର୍ମା ୧ ରନ୍‌ରେ ମାର୍କୋ ଜାନ୍‌ସେନ୍‌ଙ୍କ ଶିକାର ହୋଇଥିଲେ। ଅଭିଷେକ ଶର୍ମା ୧୫ ରନ୍ କରି ଜାନ୍‌ସେନ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ୱାଶିଂଟନ୍ ସୁନ୍ଦର ୧୧ ଏବଂ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ୧୮ ରନ୍ କରି ବିଦାୟ ନେଇଥିଲେ। ଭାରତ ୫୧ ରନ୍‌ରେ ୫ ୱିକେଟ୍ ହରାଇବା ପରେ କେଶବ ମହାରାଜ ୧୫ତମ ଓଭର୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା (୧୮) ଏବଂ ରିଙ୍କୁ ସିଂହ (୦)ଙ୍କୁ ଆଉଟ୍ କରି ଭାରତର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଶିଭମ୍ ଦୁବେ ୩୭ ବଲ୍‌ରେ ଗୋଟିଏ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୪୨ ରନ୍ କରିଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ମାର୍କୋ ଜାନ୍‌ସେନ୍ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ କେଶବ ମହାରାଜ ୩ଟି, କର୍ବିନ୍ ବଶ୍ ୨ଟି ଏବଂ ଏଡେନ୍ ମାର୍କରମ୍ ଗୋଟିଏ ସଫଳତା ପାଇଥିଲେ।



ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ସାଉଥ୍ ଆଫ୍ରିକାକୁ ଜସ୍‌ପ୍ରୀତ୍ ବୁମ୍‌ରା ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ସେ ଓପ୍ନର୍ କ୍ୱିଣ୍ଟନ୍ ଡିକକ୍ (୪)ଙ୍କୁ ବୋଲ୍ଡ କରି ଫେରାଇଥିଲେ। ଏହାପରେ କ୍ୟାପ୍ଟେନ୍ ଏଡେନ୍ ମାର୍କରମ୍ (୬)ଙ୍କୁ ଅର୍ଶଦୀପ୍ ସିଂହ କ୍ୟାଚ୍ ଆଉଟ୍ କରାଇଥିଲେ। ପରେ ର୍ୟାନ୍ ରିକେଲ୍‌ଟନ୍ (୭)ଙ୍କୁ ଆଉଟ୍ କରି ବୁମ୍‌ରା ସାଉଥ୍ ଆଫ୍ରିକା ସ୍କୋର୍ ୨୦/୩ କରିଥିଲେ। ମାତ୍ର ଏହାପରେ ଡେୱାଲ୍ଡ ବ୍ରେଭିସ୍ ଓ ଡେଭିଡ୍ ମିଲର୍ ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୯୭ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିପଦରୁ ମୁକୁଳାଇଥିଲେ। ବ୍ରେଭିସ୍ ୨୯ ବଲ୍‌ରେ ୩ଟି ଲେଖାଏଁ ଛକା ଓ ଚୌକା ବଳରେ ୪୫ ରନ୍ କରିଥିବା ବେଳେ ମିଲର୍ ୩୫ ବଲ୍‌ରେ ୭ ଚୌକା ଓ ୩ ଛକା ବଳରେ ୬୩ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ପରେ ଟ୍ରିଷ୍ଟନ୍ ଷ୍ଟବ୍ସ ୨୪ ବଲ୍‌ରେ ଗୋଟିଏ ଚୌକା ଓ ୩ ଛକା ଦମ୍‌ରେ ଅପରାଜିତ ୪୪ ରନ୍ କରି ଭାରତକୁ ଏକ ଚ୍ୟାଲେଞ୍ଜିଂ ଲକ୍ଷ୍ୟ ଦେଇଥିଲେ। ଭାରତ ପକ୍ଷରୁ ବୁମ୍‌ରା ସର୍ବାଧିକ ୩ଟି, ଅର୍ଶଦୀପ୍ ସିଂହ ୨ଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଓ ଶିଭମ୍ ଦୁବେଙ୍କ ୧-୧ ସଫଳତା ମିଳିଥିଲା।

### ଇତିହାସ ରଚିଲେ ବୁମ୍‌ରା

**ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ଭାରତୀୟ**

ସାଉଥ୍ ଆଫ୍ରିକା ବିପକ୍ଷ ରବିବାର ସୁପର୍-୮ ମ୍ୟାଚ୍‌ରେ ଭାରତୀୟ ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ଏକ ଐତିହାସିକ ଉପଲବ୍ଧି ନିଜ ନାମରେ କରିଛନ୍ତି। ଟି-୨୦



ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ଭାରତୀୟ ବୋଲର୍ ହୋଇଛନ୍ତି। ବୁମ୍‌ରା ରବିବାର ୪ ଓଭର୍‌ରେ ମାତ୍ର ୧୫ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହା ସହିତ ସେ ଅର୍ଶଦୀପ୍ ସିଂହ ଓ ଆର୍ ଅଶ୍ୱିନଙ୍କୁ ପଛରେ ପକାଇ ଦେଇଛନ୍ତି। ବୁମ୍‌ରାଙ୍କ ନାମରେ ବିଶ୍ୱକପ୍‌ରେ ଏବେ ୩୩ ୱିକେଟ୍ ହୋଇଛି। ତାଙ୍କ ପଛରେ ୩୨-୩୨ ୱିକେଟ୍ ସହ ଅର୍ଶଦୀପ୍ ଓ ଅଶ୍ୱିନ ଅଛନ୍ତି। ସୂଚୀର ଚତୁର୍ଥ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟା (୨୯) ରହିଛନ୍ତି।

# ଅଷ୍ଟ୍ରେଲିଆଠାରୁ ଶୁଟ୍‌ଆଉଟ୍‌ରେ ହାରିଲା ଭାରତ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

**ହୋବାର୍ଟ,୨୨।୨/ଏଜେନ୍ସି:** ଭାରତୀୟ ହକି ଟିମ୍ ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ ସତ୍ତ୍ୱେ ରବିବାର ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହୋବାର୍ଟ ଚରଣର ଦ୍ୱିତୀୟ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ୫-୪ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ଅଳ୍ପକେ ହାରିଯାଇଛି। ନିମୟ ସମୟରେ ଦୁଇ ଟିମ୍ ୨-୨ରେ ବରାବର ରହିଥିଲେ। ଅଷ୍ଟ୍ରେଲିଆ ୨ ଗୋଲ୍‌ରେ ପଛରେ ଥିବାବେଳେ ଅନ୍ତିମ କ୍ୱାର୍ଟର୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହିତ ଶୁଟ୍‌ଆଉଟ୍‌ରେ ବିଜୟୀ ହୋଇଛି।




ଭାରତ ପକ୍ଷରୁ ଅମିତ ରୋହିଦାସ (୧୫ତମ ମିନିଟ୍) ଏବଂ ଜୁଗରାଜ ସିଂହ (୪୩ତମ ମିନିଟ୍)ରେ ଗୋଲ୍ ଦେଇ ଟିମ୍‌କୁ ଆଗୁଆ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଏଲ୍ ରିଣ୍ଟାଲା (୪୭ତମ ଓ ୫୬ତମ ମିନିଟ୍) ଦୁଇଟି ଗୋଲ୍ ଦେଇ ମ୍ୟାଚ୍ ସମାନ ସ୍ଥିତିକୁ ନେଇଆସିଥିଲେ। ମ୍ୟାଚ୍‌ର ଆରମ୍ଭରୁ ଅଷ୍ଟ୍ରେଲିଆ ନିଜ ନିୟନ୍ତ୍ରଣରେ ଅଧିକ ସମୟ ବଲ୍ ରଖି ଭାରତ ଉପରେ ଦବ୍‌ଦବା ସୃଷ୍ଟି ପାଇଁ ଉଦ୍ୟମ କରିଥିଲା। ମାତ୍ର ଭାରତୀୟ ଡିଫେନ୍ସ ଲାଇନ୍ ସଂଯମ ରକ୍ଷା ସହିତ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ଉପରେ ଚାପ ସୃଷ୍ଟି କରିଥିଲା। ୧୫ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ ଅମିତ ରୋହିଦାସ ନିଜ ଚମତ୍କାର ଡ୍ରାଗ୍‌ଫ୍ଲିକ୍ ଜରିଆରେ ଗୋଲ୍‌ରେ ପରିବର୍ତ୍ତନ କରି ଟିମ୍‌କୁ ୧-୦ରେ ଅଗ୍ରଣୀ ଦେଇଥିଲେ। ଏହାପରେ ଆଉ ଏକ ପେନାଲ୍ଟି କର୍ଣ୍ଣର୍‌କୁ ନିଜର ଶକ୍ତିଶାଳୀ ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ଗୋଲ୍‌ରେ ପରିଣତ କରି ଜୁଗରାଜ ଅଗ୍ରଣୀକୁ ଡବଲ୍ କରିଥିଲେ। ତେବେ ଚତୁର୍ଥ କ୍ୱାର୍ଟର୍‌ରେ ରିଣ୍ଟାଲା ଦୁଇଟି ପେନାଲ୍ଟି କର୍ଣ୍ଣର୍‌ରୁ ଗୋଲ୍ ଦେଇ ସ୍ଥିତି ୨-୨ କରିଥିଲେ।

ଏହା ପ୍ରୋ ଲିଗ୍‌ରେ ଏହା ଭାରତର ଲଗାତାର ଷଷ୍ଠ ପରାଜୟ। ଏହା ପୂର୍ବରୁ ଘରୋଇ ରାଉରକେଲା ଚରଣରେ ଭାରତ ନିଜର ସମସ୍ତ ଚାରିଟି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହାପରେ ହୋବାର୍ଟ ଚରଣର ପ୍ରଥମ ମ୍ୟାଚ୍‌ରେ ଟିମ୍ ୨-୦ରେ ସ୍ପେନ୍‌ଠାରୁ ପରାଜିତ ହୋଇଥିଲା। ଭାରତ ନିଜର ତୃତୀୟ ମ୍ୟାଚ୍‌ରେ ମଙ୍ଗଳବାର ସ୍ପେନ୍‌କୁ ଭେଟିବ।

## ରାଜ୍ୟ ସ୍କୁଲ୍ ଓପନ୍ ଚେସ୍: ଆରିଶ୍ ବିଜେତା

**ଭୁବନେଶ୍ୱର,୨୨।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ଏବଂ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍ ଆନୁକୂଲ୍ୟରେ ସ୍କୁଲ୍ ପରିସରରେ ରବିବାର ୫ମ ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ୪ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ଚାମ୍ପିଅନ୍ ଏବଂ ଭୁବନେଶ୍ୱର କେଭି-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ଶ୍ରଦ୍ଧା ସ୍ୱରୂପା ସାହୁ ସ୍ୱତନ୍ତ୍ର ପୁରସ୍କାର ପାଇଥିବା ବେଳେ ବାଳିକା ବର୍ଗରେ ସାଏଶା ସାହୁ ଏବଂ ହୃଦୟା ଶ୍ରୀନିବାସ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବୟସ ବର୍ଗରେ ସାଇ କ୍ରିଷ୍ଣା ସାମଲ, ସାତ୍ୱିକ୍ ମହାନ୍ତି ଏବଂ ରଚିତ୍ ସେନାପତି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଆଇଆଇଟିର ଆସୋସିଏସନ୍ ପ୍ରଫେସର ଡ. ଶ୍ରୀନିବାସ ରାମାନୁଜମ୍ କନନ୍, ପୂର୍ବତନ ଜାତୀୟ ଚେସ୍ ଖେଳାଳି ସଂଘମିତ୍ରା ସିଂହ, ରୟାଲ୍ ପବ୍ଲିକ୍ ସ୍କୁଲ୍ ଭାଇସ୍-ପ୍ରିନ୍ସିପାଲ୍ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶାରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ସଦାନନ୍ଦ ସ୍ୱାଇଁଙ୍କ କନ୍ୟା ସୁମିତ୍ରା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



# ଇଂଲଣ୍ଡ ୫୧ ରନ୍‌ରେ ବିଜୟୀ

**କାଣ୍ଡି,୨୨।୨/ଏଜେନ୍ସି:** ଇଂଲଣ୍ଡ ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସୁପର୍-୮ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫୧ ରନ୍‌ରେ ହରାଇ ଦେଇଛି। ରବିବାର ସ୍ଥାନୀୟ ପାଲ୍ଲେକେଲେ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ବିଜୟ ପାଇଁ ଶ୍ରୀଲଙ୍କାକୁ ୧୪୭ ରନ୍‌ର ଲକ୍ଷ୍ୟ ଦେଇଥିଲା। ମାତ୍ର ପୂରା ଟିମ୍ ୧୬.୪ ଓଭର୍‌ରେ ୯୫ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ଟିମ୍ ପାୱାରପ୍ଲେରେ ହିଁ ପାଞ୍ଚ ୱିକେଟ୍ ହରାଇଥିଲା। ଫାଷ୍ଟ ବୋଲର୍ ଜୋଫ୍ରା ଆର୍ଚର୍ ଦୁଇ ଓପ୍ନର୍ ପଥୁମ୍ ନିସଙ୍କା (୯ ରନ୍) ଓ କାମିଲ ମିଶାରା (୬ ରନ୍)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଏହା କୁସଲ ମେଣ୍ଡିସ୍ (୪ ରନ୍), ପବନ ରତ୍ନାୟକେ (୦) ଏବଂ ଦୁନିଥ୍ ୱେଲ୍ଲାଲାଗେ (୧୦ ରନ୍)ଙ୍କୁ ସ୍ପିନର୍ ୱିଲ୍ ଜ୍ୟାକ୍ସ କ୍ରିଜ୍‌ରେ ଟିକିବାକୁ ଦେଇନଥିଲେ। ପାଞ୍ଚ ୱିକେଟ୍ ପତନ ପରେ ଶ୍ରୀଲଙ୍କା ଟିମ୍ ଚାପରେ ଆସିଯାଇଥିଲା। କ୍ୟାପ୍ଟେନ୍ ଦାସୁନ୍ ଶନାକା କେତେକ ବଡ଼ ଶଟ୍ ଖେଳିଥିଲେ ମଧ୍ୟ ସେ ଅନ୍ତ ପର୍ଯ୍ୟନ୍ତ ରହିପାରି ନଥିଲେ। ସେ ୨ ଛକା ଏବଂ ଗୋଟିଏ ଚୌକା ସହାୟତାରେ ୨୪ ବଲ୍‌ରେ ୩୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ୱିଲ୍ ଜ୍ୟାକ୍ସ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଜୋଫ୍ରା ଆର୍ଚର୍, ଆଦିଲ ରଶିଦ୍ ଓ ଲିୟାମ୍ ଡସନ୍‌ଙ୍କୁ ୨-୨ ସଫଳତା ମିଳିଥିଲା। ଜେମି ଓଭର୍‌ଟନ୍ ଗୋଟିଏ ୱିକେଟ୍ ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୧୪୬ ରନ୍ କରିଥିଲା। ଓପ୍ନର୍ ଫିଲ୍ ସଲ୍ଟ ୪୦ ବଲ୍‌ରେ ୬ ଚୌକା ଓ ଦୁଇ ଛକା ବଳରେ ସର୍ବାଧିକ ୬୨ ରନ୍‌ର ଯୋଗଦାନ ଦେଇଥିଲେ। ୱିଲ୍ ଜ୍ୟାକ୍ସ ୪ ଚୌକା ସହାୟତାରେ ୧୪ ବଲ୍‌ରେ ୨୧ ରନ୍‌ର ଇନିଂସ୍ ଖେଳିଥିଲେ। ଜୋସ୍ ବଟ୍‌ଲର୍ (୭ ରନ୍), ଜ୍ୟାକବ୍ ବେଥେଲ୍ (୩ ରନ୍) ଏବଂ ଟମ୍ ବାଟମ୍ (୬ ରନ୍) ନିରାଶ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ସ୍ପିନର୍ ଦୁନିଥ୍ ୱେଲ୍ଲାଲାଗା ଚମତ୍କାର ବୋଲିଂ କରି ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ମହୀଶ ତୀକ୍ଷଣା ଓ ଦିଲଶାନ୍ ମଦୁଶଙ୍କା ୨-୨ ସଫଳତା ପାଇଥିବା ବେଳେ ଦୁଷ୍ମନ୍ତା ଚମିରା ଗୋଟିଏ ୱିକେଟ୍ ନେଇଥିଲେ।




**ଶ୍ରୀଲଙ୍କା ୯୫ ରନ୍‌ରେ ଅଲ୍‌ଆଉଟ୍**

**ୱିଲ୍ ଜ୍ୟାକ୍ସଙ୍କୁ ୩ ୱିକେଟ୍, ସଲ୍ଟଙ୍କ ଅର୍ଦ୍ଧଶତକ**

## ଦେଶ ବିଦେଶ

### ଟ୍ରମ୍ପଙ୍କ ମାର୍-ଏ-ଲାଗୋ ବାସଭବନରେ ଅନୁପ୍ରବେଶ ଉଦ୍ୟମ

# ସିକ୍ରେଟ୍ ସର୍ଭିସ୍ ଗୁଳିରେ ସନ୍ଦିଗ୍ଧ ମୃତ

**ୱାଶିଂଟନ୍,୨୨।୨/ଏଜେନ୍ସି:** ଫ୍ଲୋରିଡ୍ ୱେଷ୍ଟ ପାମ୍ ବିଚ୍‌ସ୍ଥିତ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟକ୍ତିଗତ ବାସଭବନରେ ଶନିବାର ରାତିରେ ଏକ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ସୁରକ୍ଷିତ ପରିସରରେ ଅନୁପ୍ରବେଶ କରୁଥିବା ଜଣେ ସଶସ୍ତ୍ର ସନ୍ଦିଗ୍ଧକୁ ଆମେରିକାର ସିକ୍ରେଟ୍ ସର୍ଭିସ୍ ଏବଂ ପାମ୍ ବିଚ୍ କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟ (ପିବିଏସ୍‌ଓ)ର ଜଣେ ଡେପୁଟି ଗୁଳିକରି ହତ୍ୟା କରିଛନ୍ତି। ସୂଚନା ଅନୁସାରେ ୨୦ ବର୍ଷୀୟ ସମ୍ପୃକ୍ତ ସନ୍ଦିଗ୍ଧ ଯୁବକକୁ ପରିସର ନିକଟରେ ଦେଖାଯାଇଥିଲା। ତା' ହାତରେ ଫୁଏଲ୍ କେନ୍ ଏବଂ ଶଟ୍‌ଗନ୍ (ଏକ ପ୍ରକାର ବନ୍ଧୁକ) ମଧ୍ୟ ଥିଲା। ଯୁବକର ସନ୍ଦିଗ୍ଧ ବ୍ୟବହାର କାରଣରୁ ସୁରକ୍ଷା ଏଜେନ୍ସି ଏବଂ ପିବିଏସ୍‌ଓର ଡେପୁଟି ତା' ଉପରକୁ ଗୁଳିଚାଳନା କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ପରିବାରକୁ ସୂଚନା ଦିଆ ନଯିବା ପର୍ଯ୍ୟନ୍ତ ତା' ପରିଚୟ ଗୋପନ ରଖାଯାଇଛି। ଏହି ଘଟଣାରେ କୌଣସି ଏଜେଣ୍ଟ କିମ୍ବା ପିବିଏସ୍‌ଓ କର୍ମଚାରୀ ଆହତ ହୋଇନଥିବା ସିକ୍ରେଟ୍ ସର୍ଭିସ୍ ବୟାନ୍‌ରେ କୁହାଯାଇଛି।



ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ଏଫ୍‌ବିଆଇ), ୟୁଏସ୍ ସିକ୍ରେଟ୍ ସର୍ଭିସ୍ ଏବଂ ପାମ୍ ବିଚ୍ କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟ (ପିବିଏସ୍‌ଓ) ପକ୍ଷରୁ ଏହି ଘଟଣାର ମିଳିତ ତଦନ୍ତ ଆରମ୍ଭ ହୋଇଛି। ଏଥିରେ ଯୁବକଙ୍କ ପୃଷ୍ଠଭୂମି, ତା' ଗତିବିଧି, ସମ୍ଭାବ୍ୟ ଉଦ୍ଦେଶ୍ୟ ସାମିଲ। ଏଜେନ୍ସିର ନୀତି ଅନୁସାରେ ଏଥିରେ ସାମିଲ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟଙ୍କୁ ଯାଞ୍ଚର ଫଳାଫଳ ଆସିବା ପର୍ଯ୍ୟନ୍ତ ପ୍ରଶାସନିକ ଛୁଟିରେ ପଠାଇ ଦିଆଯାଇଛି।

### ପୋରବନ୍ଦର ତଟରେ ଇରାନୀ ବୋଟ୍ ଠାବ

# ୪ ଇରାନୀ ନାଗରିକ ଗିରଫ, ୫ କୋଟିର ବିଦେଶୀ ସିଗାରେଟ୍ ଜବତ

**ପୋରବନ୍ଦର,୨୨।୨/ଏଜେନ୍ସି:** ଭାରତୀୟ ତଟରକ୍ଷକ ବଳ (ଆଇସିଜି) ଶନିବାର ଗୁଜରାଟର ପୋରବନ୍ଦର ତଟରୁ ଏକ ସନ୍ଦିଗ୍ଧ ଇରାନୀ ବୋଟ୍‌କୁ ଧରିଛି। ଯାଞ୍ଚରେ ବୋଟ୍ ମଧ୍ୟରୁ ତସ୍କରୀ କରାଯାଇ ଅଣାଯାଇଥିବା ପ୍ରାୟ ୫ କୋଟି ଟଙ୍କାର ବିଦେଶୀ ସିଗାରେଟ୍ ଜବତ ହୋଇଛି। ଏହା ସହିତ ଆଇସିଜି ଚାରିଜଣ ଇରାନୀ ନାଗରିକଙ୍କୁ ଗିରଫ କରିଛି। ଆଇସିଜି ସୋସିଆଲ୍ ମିଡିଆରେ ସୂଚନା ଦେଇ କହିଛି, ଦ୍ୱାରକାଠାରୁ ପ୍ରାୟ ୧୧୫ କଟିକାଲ୍ ମାଇଲ୍ ପଶ୍ଚିମରେ ଭାରତୀୟ ଇଇଜେ଼ ଭିତରେ ଏକ ସନ୍ଦିଗ୍ଧ ବିଦେଶୀ ବୋଟ୍‌କୁ ଠାବ କରାଯାଇଥିଲା। ଯାଞ୍ଚ ବେଳେ ବୋଟ୍‌ଟି ଅଲ୍ ମୁଖ୍‌ତାର ଭାବେ ଚିହ୍ନଟ ହୋଇଛି। ଏଥିରେ ଚାଳକ ଦଳରେ ଚାରିଜଣ ଇରାନୀ ନାଗରିକ ଥିଲେ। ତଲାସୀ ବେଳେ ବୋଟ୍‌ରେ ଲୁଚାଇ ରଖାଯାଇଥିବା ୨୦୦ କାର୍ଟୁନ୍ ଜବତ ହୋଇଥିଲା। ଏଥିରେ ପ୍ରାୟ ଏକ ଲକ୍ଷ ପ୍ୟାକେଟ୍ ବିଦେଶୀ ବ୍ରାଣ୍ଡର ସିଗାରେଟ୍ ଥିଲା। ବୋଟ୍ ଏବଂ ଚାଳକ ଦଳଙ୍କୁ ହାଜତକୁ ନେଇ ପରବର୍ତ୍ତୀ ଜେରା ପାଇଁ ପୋରବନ୍ଦର ଅଣାଯାଇଛି। ସେଠାରେ ଅନ୍ୟ ଏଜେନ୍ସି ସହିତ ସଂଯୁକ୍ତ ଯାଞ୍ଚ କରାଯିବ।



### ମୋଦୀଙ୍କ ମନ୍ କୀ ବାତ୍‌ରେ ଟି-୨୦ ବିଶ୍ୱକପ୍

# 'ଗ୍ଲୋବାଲ୍ ଏଆଇ ସମିଟ୍ ଟର୍ଣ୍ଣିଂ ପଏଣ୍ଟ୍'

**ନୂଆଦିଲ୍ଲୀ,୨୨।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରିଛି। ଏହି ଅବସରରେ ଦିଲ୍ଲୀରେ ଆୟୋଜିତ ଗ୍ଲୋବାଲ୍ ଏଆଇ ଇମ୍ପାକ୍ଟ ସମିଟ୍‌ର ଉପଲବ୍ଧିର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, କେତେକ ଦେଶର ନେତା, ଉଦ୍ୟୋଗ ଜଗତର ଲିଡର୍, ଇନୋଭେଟ ଏବଂ ଷ୍ଟାର୍ଟଅପ୍ ସେକ୍ଟର ସହ ଜଡ଼ିତ ଲୋକ ଏହି ସମିଟ୍ ପାଇଁ ଭାରତ ମଣ୍ଡପମ୍‌ରେ ଏକତ୍ର ହୋଇଛନ୍ତି। ଆଗାମୀ ସମୟରେ ଏଆଇ ଶକ୍ତିର ଉପଯୋଗ ବିଶ୍ୱ କେଉଁ ପ୍ରକାର କରିବ, ଏହି ଦିଗରେ ଏହି ସମିଟ୍ ଏକ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଛି। ଏହି ସମିଟ୍‌ରେ ବିଶ୍ୱକୁ ଏଆଇ କ୍ଷେତ୍ରରେ ଭାରତର ଅଦ୍ଭୁତ କ୍ଷମତା ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି। ସେହିପରି ଚାଲିଥିବା ଆଇସିସି ଟି-୨୦ ବିଶ୍ୱକପ୍ କ୍ରିକେଟ୍ ସମ୍ପର୍କରେ କହିଛନ୍ତି ମ୍ୟାଚ୍ ଦେଖିବା ସମୟରେ ବହୁବାର ଆଖିବ କୌଣସି ଖାସ୍ ଖେଳାଳିଙ୍କ ଉପରେ ଲାଗି ରହିଥାଏ। ଜର୍ସି କୌଣସି ଅନ୍ୟ ଦେଶର ହୋଇଥାଏପାରେ ମାତ୍ର ନାଁ ଶୁଣି ଲାଗୁଛି, ଇୟେ ତ ଆମ ନିଜ ଦେଶର। ସେତେବେଳେ ହୃଦୟର କୌଣସି ଏକ କୋଣରେ ଏକ ଖୁସି ଜନ୍ମ ନେଇଥାଏ। କାରଣ ଖେଳାଳି ଭାରତୀୟ ବଂଶୋଦ୍ଭବ ହୋଇଥିବା ବେଳେ ତାଙ୍କ ପରିବାର ବସବାସ କରୁଥିବା ଦେଶରୁ ସେ ଖେଳିଥାନ୍ତି। କାନାଡ ଟିମ୍‌ରେ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ଖେଳାଳି ଅଛନ୍ତି ବୋଲି ସେ କହିଛନ୍ତି।



ମନ୍ କୀ ବାତ୍ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କେରଳର କୁନି ଆଲିନ୍ ଶେରିନ୍ ଆବ୍ରାହମ୍‌ଙ୍କ ମୃତ୍ୟୁରେ ଦୁଃଖପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଲିନ୍ ମାତ୍ର ୧୦ ମାସ ବୟସରେ ଦୁନିଆରୁ ଚାଲିଯାଇଛନ୍ତି। କିନ୍ତୁ ଏତେ ଦୁଃଖ ମଧ୍ୟରେ ମଧ୍ୟ ତାଙ୍କ ପିତା ଅରୁଣା ଆବ୍ରାହମ୍ ଏବଂ ମା' ଶେରିନ୍ ଏପରି ଏକ ନିଷ୍ପତ୍ତି ନେଇଛନ୍ତି ଯାହା ଦ୍ୱାରା ପ୍ରତ୍ୟେକ ଦେଶବାସୀଙ୍କ ହୃଦୟ ତାଙ୍କ ପ୍ରତି ସମ୍ମାନରେ ଭରିଯାଇଛି। ସେମାନେ ଅଲିନ୍‌ଙ୍କ ଅଙ୍ଗଦାନର ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀର ଲକ୍ଷ୍ମୀ ଦେବୀଙ୍କ ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି। ସେ ଗତବର୍ଷ କେଦାରନାଥ ଯାତ୍ରା କରିଥିଲେ। ତେବେ ଆଶ୍ଚର୍ଯ୍ୟ ହେବେ ସେ ଏହି ଯାତ୍ରା ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପରେ କରିଥିଲେ। ତାଙ୍କୁ ଜଣେ ଡୋନରଙ୍କ ହାର୍ଟ ମିଳିଥିଲା। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra